

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୧ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 May 2026

Vol.No. 36 ■ No.132 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଶ୍ୱବ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ଦସଖାର୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ହର୍ମୁଜ ପ୍ରଣାଳୀରେ ଆମେରିକାର ସାମୁଦ୍ରିକ ଅବରୋଧ କଡ଼ାକଡ଼ି: ୮୯ଟି ବାଣିଜ୍ୟିକ ଜାହାଜର ରାସ୍ତା ବଦଳାଇଲା ଆମେରିକୀୟ ସେନା



ନୂଆଦିଲ୍ଲୀ,୨୦/୫ : ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ସାମରିକ ତିକ୍ତତା ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ମାର୍ଗ ''ହର୍ମୁଜ୍ ପ୍ରଣାଳୀ''ରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ସମଗ୍ର ବିଶ୍ୱ ଯେଉଁ ସମୟରେ ଏହି ପ୍ରମୁଖ ସମୁଦ୍ର ପଥ ସ୍ୱାଭାବିକ ହେବା ନେଇ ଆଶା ରଖିଥିଲା, ଠିକ୍ ସେତିକି ବେଳେ ଆମେରିକା ସେନା ଇରାନ ବିରୁଦ୍ଧରେ ନିଜର ସାମୁଦ୍ରିକ ଅବରୋଧକୁ ଅଧିକ କଡ଼ାକଡ଼ି କରିଦେଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସୋସିଆଲ ମିଡିଆ ପ୍ଲାଟଫର୍ମ ''ଏକ୍ସ'' ରେ ଏକ ଭିଡିଓ ଜାରି କରି ଦାବି କରିଛି ଯେ, ଇରାନର ବନ୍ଦରଗୁଡ଼ିକୁ ହେଉଥିବା ବାଣିଜ୍ୟିକ ଯାତାୟାତକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆମେରିକୀୟ ସେନା ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ସାମୁଦ୍ରିକ କଟକଣାକୁ ଅନୁପାଳନ କରିବା ପ୍ରକ୍ରିୟାରେ ପ୍ରାୟ ୮୯ଟି ବାଣିଜ୍ୟିକ ଜାହାଜକୁ ବଳପୂର୍ବକ ଅନ୍ୟ ରାସ୍ତାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚାରୋଟି ଜାହାଜକୁ ସମ୍ପୂର୍ଣ୍ଣ ଅକ୍ଷମ କରାଯାଇଛି। ଉପସାଗରୀୟ ଦେଶଗୁଡ଼ିକୁ ବିଶ୍ୱ ବଜାର ସହ ସଂଯୋଗ କରୁଥିବା ଏହି ମାର୍ଗରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଫଳରେ ଆନ୍ତର୍ଜାତୀୟ ବଜାରରେ ତୈଳ ଏବଂ ଗ୍ୟାସ ଯୋଗାଣକୁ ନେଇ ବଡ଼ ସଙ୍କଟ ସୃଷ୍ଟି ହୋଇଛି, ଯାହା ଭାରତ ଭଳି ପ୍ରମୁଖ ଆମଦାନୀକାରୀ ଦେଶଗୁଡ଼ିକ ପାଇଁ ଚିନ୍ତାର ସବୁଠାରୁ ବଡ଼ କାରଣ ପାଲଟିଛି। ଏହି ସମଗ୍ର ବିବାଦ ଚଳିତ ବର୍ଷ ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ଆରମ୍ଭ ହୋଇଥିଲା। ଏହାର ଜବାବରେ ଇରାନ ପକ୍ଷରୁ ଇସ୍ରାଏଲ ଓ ଆମେରିକାର ସହଯୋଗୀ ଦେଶଗୁଡ଼ିକ ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରାଯିବା ସହ ୱାଶିଂଟନ୍ ଉପରେ ଚାପ ପକାଇବା ପାଇଁ ହର୍ମୁଜ୍ ପ୍ରଣାଳୀ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ପାକିସ୍ତାନର ମଧ୍ୟସ୍ଥତାରେ ଗତ ଏପ୍ରିଲ ୮ ତାରିଖରେ ଏକ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଥିଲେ ହେଁ ଦୁଇ ଦେଶ ମଧ୍ୟରେ କୌଣସି ସ୍ଥାୟୀ ସମାଧାନ ହୋଇପାରି ନଥିଲା। ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅସ୍ତ୍ରବିରତି ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରିଛନ୍ତି, ମାତ୍ର ଇରାନ ବିରୁଦ୍ଧରେ ତାଙ୍କର ଦ୍ୱିପାକ୍ଷିକ ସାମୁଦ୍ରିକ ଅବରୋଧ ନିଷ୍ପତ୍ତିକୁ ପୁନଃ ଲାଗୁ କରିଛନ୍ତି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହି ସ୍ଥିତିକୁ ଅଧିକ ଜଟିଳ କରୁଛି। ଅନ୍ୟପଟେ ଆମେରିକୀୟ ଗଣମାଧ୍ୟମର ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ବିଶ୍ୱ ରାଜନୀତିରେ ନୂଆ ପ୍ରଶ୍ନବାଚୀ ସୃଷ୍ଟି କରିଛି।

◆◆ପୃଷ୍ଠା ୭

# ପ୍ରକାଶ ପାଇଲା ଯୁକ୍ତ ୨ ପରୀକ୍ଷା ଫଳ: ସବୁଥିରେ ଛାତ୍ରୀମାନେ ଆଗରେ



ଭୁବନେଶ୍ୱର, ୨୦/୫ (ନି.ପ୍ର): ଆଜି ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ। ଭୁବନେଶ୍ୱର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉଏଁଷର) କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଫଳାଫଳ ଘୋଷଣା କରିଛନ୍ତି। କଳାରେ ପାସ୍ ହାର ୮୪.୫୦% ରହିଛି। କଳାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୭୭.୯୭% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୯.୪୫% ରହିଛି। କଳାରେ ୫୩ ହଜାର ୧୪୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୯ ହଜାର ୭୯୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧ ଲକ୍ଷ ୧୧ ହଜାର ୩୦୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୬୧୪ ଜଣ ୯୦% ଓ ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। କଳାରେ ସମ୍ବଲପୁର ଜିଲ୍ଲାର ପାସ୍ ହାର ସର୍ବାଧିକ ରହିଛି। ଏଠାରେ ୮୯.୪୮% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲ୍ଲାରେ ପାସ୍ ହାର ସର୍ବନିମ୍ନ ୭୭.୧୪% ରହିଛି। ବାଣିଜ୍ୟରେ ପାସ୍ ହାର ୮୮.୦୭% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୮୬.୬୭% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୦.୪୩% ରହିଛି। ବାଣିଜ୍ୟରେ ୭ ହଜାର ୬୦୨ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୪ ହଜାର ୫୦୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯ ହଜାର ୧୪୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫୬୮ ଜଣ ୯୦% ଓ ତା'ଠାରୁ ଅଧିକ ନମ୍ବର ରଖିଛି। ବାଣଜ୍ୟରେ ବୌଦ୍ଧ ଜିଲ୍ଲାର ପାସ୍ ହାର ସର୍ବାଧିକ ରହିଛି। ଏଠାରେ ପାସ୍ ହାର ୧୦୦% ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ପାସ୍ ହାର ସର୍ବନିମ୍ନ ୭୭.୨୫% ରହିଛି। ବିଜ୍ଞାନରେ ପାସ୍ ହାର ୮୮.୮୦% ରହିଛି। ବିଜ୍ଞାନରେ ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ। ବିଜ୍ଞାନରେ ଛାତ୍ରଙ୍କ ପାସ୍ ହାର ୮୭.୪୧% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୦.୨୪% ରହିଛି। ବିଜ୍ଞାନରେ ୬୭ ହଜାର ୪୫୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୧ ହଜାର ୭୧୭ ଜଣ ଦ୍ୱିତୀୟ ଓ ୧୦ ହଜାର ୪୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି।

◆◆ପୃଷ୍ଠା ୭

# ୯୭ ପ୍ଲଟ୍, ୫ କୋଠା, ୧୭ ଏକରର ଫାର୍ମ ହାଉସ ଓ ମାର୍କେଟ କଂପ୍ଲେକ୍ସ ଠାବ: ନିର୍ବାହୀ ଯନ୍ତ୍ରୀ ଗିରଫ



ଭୁବନେଶ୍ୱର, ୨୦/୫ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଗିରଫ କରିଛି ଭିଜିଲାନ୍ସ। ବୁଧବାର ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଶ୍ରୀ ଶବରଙ୍କର ୬ଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଥିବା ବେଳେ ଠାବ କରିଛି ପୁଳା ପୁଳା ସମ୍ପତ୍ତି। ତାଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୯୭ଟି ପ୍ଲଟ୍, ୬ଟି ବହୁତଳ କୋଠା, ୨ଟି ଫାର୍ମ ହାଉସ୍ ଓ ଗୋଟିଏ ମାର୍କେଟ କଂପ୍ଲେକ୍ସ। ଏହି ୯୭ଟି ପ୍ଲଟ୍‌ର ମୋଟ ଜାଗା ୮୩ ଏକର। ସେହିପରି ୧୭ ଏକର ଜାଗାରେ ତାଙ୍କର ୨ଟି ଯାକ ଫାର୍ମ ହାଉସ୍ ଅଛି। ତାଙ୍କ ମାର୍କେଟ କଂପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି।

◆◆ପୃଷ୍ଠା ୭

# ୧୦ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ: ଆଇନ ବିଭାଗର ୩୫୮ଟି ଆମେଣ୍ଡମେଣ୍ଟ ଆକ୍ଟ ଉଚ୍ଛେଦ





ଭୁବନେଶ୍ୱର, ୨୦/୫ (ନି.ପ୍ର): ସମୟକ୍ରମେ ଅପ୍ରୟୋଜନୀୟ ଓ ଅପ୍ରଚଳିତ ହୋଇପଡ଼ିଥିବା ୩୫୮ଟି ଅଧିନିୟମ (ଆଇନ)କୁ ବିଲୋପ କରିଦିଆଯାଇଛି। ଏ ସଂକ୍ରାନ୍ତରେ ଆଇନ ବିଭାଗ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୧୯୭୪ରୁ ୨୦୨୫ ମଧ୍ୟରେ ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ କରିବାକୁ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ନିକଟରେ ଆଇନ ବିଭାଗକୁ ସୁପାରିସ କରିଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ଆଇନ ବିଭାଗ ପକ୍ଷରୁ ଓଡ଼ିଶା ବିଲୋପ ବିଲ୍-୨୦୨୬ ଅଣାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବାବେଳେ ଏଥିରେ ଆଇନ ବିଭାଗର ଉପରୋକ୍ତ ପ୍ରସ୍ତାବ ସମେତ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ଏହି ୩୫୮ଟି ଅଧିନିୟମଗୁଡ଼ିକରେ ଅଧିକାଂଶ ସଂଶୋଧନ ଅଧିନିୟମ ଅଟେ। ସେଗୁଡ଼ିକ କାର୍ଯ୍ୟକାରୀ ହେବା ପରେ, ସେମାନଙ୍କ ଦ୍ୱାରା କରାଯାଇଥିବା ସଂଶୋଧନ ସମ୍ବନ୍ଧିତ ମୂଳ ଅଧିନିୟମରେ ସମାବେଶ ହୋଇଯାଏ। ତେଣୁ ଏହି ଅଧିନିୟମଗୁଡ଼ିକୁ ଆଉ ଆଇନ ପୁସ୍ତକରେ ରଖିବାର କୌଣସି ଆବଶ୍ୟକତା ନାହିଁ। ସେହିପରି କିଛି ଅଧିନିୟମ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏକକାଳୀନ ବ୍ୟବସ୍ଥା ଭାବେ ପ୍ରଣୀତ ହୋଇଥିଲା, ଯାହା କାର୍ଯ୍ୟକାରୀ ହେବା ପରେ ତା'ର ଆବଶ୍ୟକତା ହରାଇଦିଏ। ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଚଳିତ ବର୍ଷ ଏପ୍ରିଲ ୬ ଓ ୩୦ତାରିଖରେ ଦେଇଥିବା ରିପୋର୍ଟ ମାଧ୍ୟମରେ ଅନ୍ୟାନ୍ୟ ବିଷୟ ସହିତ ଏହି ୩୫୮ଟି ଅଧିନିୟମକୁ ବିଲୋପ କରିବାକୁ ସୁପରିସ କରିଥିଲେ। ଏହାଦ୍ୱାରା ଲୋକଙ୍କ ମନରୁ ଭ୍ରମ ଦୂର ହେବା ସହ ଆଇନ ପୁସ୍ତକର ଭାର କମିବ ବୋଲି କୁହାଯାଇଛି। ସେହିପରି ଓଡ଼ିଶା ଜିଲ୍ଲା ଏବଂ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ମାଧ୍ୟମରେ ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିଅର କ୍ଲର୍କ ପଦବିକୁ ପଦୋନ୍ନତି ପାଇବାର ସୁଯୋଗ ଦିଆଯାଇଛି। ଏହାସହ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ

◆◆ପୃଷ୍ଠା ୭

# ଦଲାଲ ଓ ଭ୍ରଷ୍ଟାଚାରୀଙ୍କୁ ସାବଧାନ କଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୦/୫ (ନି.ପ୍ର): ଦଲାଲ ଓ ଭ୍ରଷ୍ଟାଚାରୀଙ୍କୁ ସାବଧାନ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମିଳନୀରେ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । ଦଲାଲ ଓ ଭ୍ରଷ୍ଟାଚାରୀଙ୍କଠାରୁ ଦୂରରେ ରୁହ, ମାପ ଓଜନ ଜଗିବାକୁ ସେ ପରାମର୍ଶ ଦେଇଛନ୍ତି ।

ସେ କହିଛନ୍ତି ଯେ, ଏବେ ବି ଚାଲିଛି କଟ୍‌ନୀଛଟ୍‌ନୀ, ଆମେ ଆକ୍ସନ ନେଉଛୁ । ମିଲର ହୁଅନ୍ତୁ କି ଅଫିସର ସମସ୍ତେ ସାବଧାନ ହୋଇଯାଆନ୍ତୁ । ମିଲରଙ୍କୁ ଅଫିସର ସାହାଯ୍ୟ କରୁଥିଲେ ତୁରନ୍ତ ବନ୍ଦ କର । ପୂର୍ବରୁ ଯୋଗାଣ ବିଭାଗକୁ ଦୁର୍ନୀତିଯୁକ୍ତ ବିଭାଗ କୁହାଯାଉଥିଲା । ଏବେ ଯୋଗାଣ ବିଭାଗ ଦୁର୍ନୀତିମୁକ୍ତ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

ଏହାସହିତ ଗୁଜବ ସୃଷ୍ଟି ହେଲେ ସତର୍କ ରୁହ, ଲାଭଖୋର ବେପାରୀଙ୍କ ପ୍ରତି ଦୟା କରନି ବୋଲି ମନ୍ତ୍ରୀ କହିଛନ୍ତି । ଖାଉଟି ସୁରକ୍ଷା ଦିଗରେ କାମ କରିବାକୁ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଅସହ୍ୟ ତାତିରେ ସିଝୁଛି ସାରା ଓଡ଼ିଶା



ଭୁବନେଶ୍ୱର, ୨୦/୫ (ନି.ପ୍ର): ସତ ହୋଇଛି ପାଣିପାଗ ବିଭାଗର ଆକଳନ। ବଢ଼ି ବଢ଼ି ଚାଲିଛି ଓଡ଼ିଶାର ବିଭିନ୍ନ ସ୍ଥାନର ତାପମାତ୍ରା। ଝାରସୁଗୁଡା ସମେତ ପଶ୍ଚିମଓଡ଼ିଶାର ବିଭିନ୍ନ ସ୍ଥାନ ଜଳୁଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଛି ସାରାଓଡ଼ିଶା। ଅଲୋଡ଼ା ରେକର୍ଡ ମୁହାଁ ଓଡ଼ିଶା ତାତି। ଡହ ଡହ ଖରାରେ ସିଝୁଛି ସାରା ରାଜ୍ୟ। ଭୀଷଣ ଗରମ ଓ ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ଲୋକ। ସକାଳ ୭ଟା ପରେ ଘରୁ ବାହାରକୁ ବାହାରିବା ମୁସକିଲ୍ ହୋଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଜନଜୀବନକୁ ପ୍ରଭାବିତ କରିଥିବାବେଳେ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଛି। ଝାରସୁଗୁଡ଼ାର ତାପମାତ୍ରା ୪୫ ଡିଗ୍ରି ପାର କରିଛି। ସମ୍ବଲପୁର, ଅନୁଗୁଳ, ନୟାଗଡ଼ ତତଲା ସ୍ଥାନ ପାଲଟିଛି। ସୁନ୍ଦରଗଡ଼, ବରଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧରେ ପ୍ରବଳ ଗରମ ସାଂଗକୁ କଳବଲ କରୁଛି ଅସହ୍ୟ ଗୁଳୁଗୁଳି। ଆର୍ଦ୍ରତା ଅଧିକ ରହିବାରୁ ତାପମାତ୍ରା ଯେତିକି ରହୁଛି ତାଠୁ ଢ଼େର ଅଧିକ ଗରମ ଅନୁଭୂତ ହେଉଛି। ଝାଳ ଶୁଖୁନି। ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ, ରାଜ୍ୟକୁ ଉତ୍ତର ଦିଗରୁ ଉତ୍ତପ୍ତ ଓ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ପଶ୍ଚିମ ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାମାନଙ୍କରେ ତାପମାତ୍ରା ବଢ଼ୁଛି। ଭୁବନେଶ୍ୱର, କଟକ ପରି ପ୍ରମୁଖ ସହରଗୁଡ଼ିକରେ କଂକ୍ରିଟ ଘର, ପକ୍କା ରାସ୍ତା ଓ ଗଛ କଟାଯିବା ଯୋଗୁଁ ଗରମ ବଢ଼ୁଛି। ରାତିର ତାପମାତ୍ରା ବି ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ଏଥିସହ ଉପକୂଳ ଓଡ଼ିଶାରେ ସାମୁଦ୍ରିକ ପବନ ବିଳମ୍ବରେ ପ୍ରବେଶ କରିବା କାରଣରୁ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିବା ସହ ଅସହ୍ୟ ଗୁଳୁଗୁଳି ହେଉଛି।

# ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ହତ୍ୟା ମାମଲାର ପଞ୍ଚମ ଅଭିଯୁକ୍ତ ବାରାଣାସୀରୁ ଗିରଫ

ନୂଆଦିଲ୍ଲୀ,୨୦/୫ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ବାରାଣାସୀରୁ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି ଏକ ବଡ଼ ସଫଳତା ହାସଲ କରିଛି। ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ଏହା ପଞ୍ଚମ ଗିରଫଦାରୀ ବୋଲି ଜଣା ପଡିଛି । ଅଧିକାରୀଙ୍କ କହିବା ଅନୁଯାୟୀ, ଗିରଫ ଅଭିଯୁକ୍ତ ବିନୟ ରାୟ ଓରଫ ପାପମ ରାୟଙ୍କୁ ମଙ୍ଗଳବାର ରାତିରେ ଗିରଫ କରାଯାଇଥିଲା। ସେ ମୂଳତଃ ଗାଜିପୁର ଜିଲ୍ଲାର ଜମାନି ଅଞ୍ଚଳର ବାସିନ୍ଦା, କିନ୍ତୁ ଗତ କିଛି ବର୍ଷ ଧରି ବାରାଣାସୀରେ ରହୁଥିଲେ ଏବଂ ସମ୍ପତ୍ତି କାରବାର କରୁଥିଲେ। ସିବିଆଇ ଅଭିଯୁକ୍ତକୁ ବାରାଣସୀର ଏକ ସ୍ଥାନୀୟ

◆◆ପୃଷ୍ଠା ୭

# ଦେଶରେ ଅର୍ଥନୈତିକ ଝଡ଼ ଆସିଥିବା ବେଳେ ଇଟାଲିରେ 'ଟଫି' ବାଣ୍ଟୁଛନ୍ତି ପ୍ରଧାନମନ୍ତ୍ରୀ: ରାହୁଲ





ନୂଆଦିଲ୍ଲୀ,୨୦/୫ : ଦେଶରେ ଅର୍ଥନୈତିକ ଝଡ଼ ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲିରେ ଟଫି ବାଣ୍ଟୁଛନ୍ତି ବୋଲି କହି ଶାସକ ଦଳକୁ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୁଧବାର ତୀବ୍ର ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଇଟାଲୀ ଗସ୍ତ ସମୟରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କୁ 'ମେଲୋଡି' ଟଫି ଉପହାର ଦେବା ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି। ମୋଦୀ ଓ ମେଲୋନିଙ୍କ ନାଁ ସହିତ ଜଡିତ 'ମେଲୋଡି' ଟଫି ଉପହାର ସୋସିଆଲ ମିଡିଆରେ ଧ୍ୟାନ ଆକର୍ଷଣ କରିଥିଲା। ମୋଲୋନି ସେୟାର କରିଥିବା ଏକ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପାଇଁ ଉପହାର ନେଇଥିବା କହିଛନ୍ତି। ମୋଲୋନି ଉପହାର ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଭିଡିଓ କ୍ଲିପ୍‌ଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଭାଇରାଲ ଭିଡିଓକୁ ନେଇ ରାହୁଲ ସମାଲୋଚନା କରିଛନ୍ତି। ରାହୁଲ ଲେଖିଛନ୍ତି, ଦେଶରେ ଆର୍ଥିକ ଝଡ଼ ଦେଖା ଦେଇଥିବାବେଳେ ମୋଦୀ ଇଟାଲିରେ ଟଫି ବାଣ୍ଟୁଛନ୍ତି। କୃଷକ, ଯୁବକ, ମହିଳା, ଶ୍ରମିକ ଓ ଛୋଟ ବ୍ୟବସାୟୀ କାନ୍ଦୁଥିବାବେଳେ ପ୍ରଧାନମନ୍ତ୍ରୀ ହସି ହସି ରିଲ୍ ପ୍ରସ୍ତୁତ କରୁଛନ୍ତି ଓ ବିଜେପି ବାଲା ତାଳି ମାରୁଛନ୍ତି। ଏହା ନେତୃତ୍ୱ ନୁହେଁ, ନାଟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

◆◆ପୃଷ୍ଠା ୭

# ସେଲ୍ , ଆରଏସପିର ସିଏସଆର ପଦକ୍ଷେପ 'ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ' ଦ୍ୱାରା ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ଶିଳ୍ପାଞ୍ଚଳ ବସ୍ତିର ହଜାର ହଜାର ଲୋକ ଉପକୃତ




ରାଉରକେଲା, ୨୦/୦୫ (ନି.ପ୍ର): ସାମଗ୍ରିକ ବିକାଶ ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ସେଲ୍, ରାଉରକେଲା ଇସ୍ପାତ କାରଖାନା ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି, ଯାହା ଦ୍ୱାରା ରାଉରକେଲାର ପାର୍ଶ୍ୱବର୍ତ୍ତୀ ଗ୍ରାମ ଏବଂ ଶିଳ୍ପାଞ୍ଚଳ ବସ୍ତି ଅଞ୍ଚଳର ହଜାର ହଜାର ଲୋକ ଉପକୃତ ହୋଇଛନ୍ତି।

ମାଗଣା ସ୍ୱାସ୍ଥ୍ୟ କେନ୍ଦ୍ର, ଚିକିତ୍ସା ସହାୟତା କେନ୍ଦ୍ର, ମୋବାଇଲ୍ ମେଡିକାଲ୍ ୟୁନିଟ୍, ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଏବଂ ଚକ୍ଷୁ ଚିକିତ୍ସା ଶିବିରର ଏକ ବ୍ୟାପକ ନେଟୱର୍କ ମାଧ୍ୟମରେ, ଆରଏସପି ଇସ୍ପାତ ସହରର ବସ୍ତି ଅଞ୍ଚଳ ସମେତ କୁଆରମୁଣ୍ଡା, ଲାଠିକଟା, ନୂଆଗାଁ ଏବଂ ବିଶ୍ରା ବ୍ଲକର ଅବହେଳିତ ସମୁଦାୟ ପାଇଁ ଉଭୟ ପ୍ରାଥମିକ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରୁଛି।

ଜଳଦା ପୁନର୍ବାସ କଲୋନୀ (ଲାଠିକଟା ବ୍ଲକ), ଚିକଟମାଟି ମଡେଲ ଷ୍ଟିଲ ଭିଲେଜ (କୁଆରମୁଣ୍ଡା ବ୍ଲକ) ଏବଂ ସେକ୍ଟର-୬ ସ୍ଥିତ 'ଇସ୍ପାତ ସଞ୍ଜୀବନୀ' ମାଗଣା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଡାକ୍ତରୀ ପରାମର୍ଶ, ଚିକିତ୍ସା ଏବଂ ଆବଶ୍ୟକୀୟ ଔଷଧ ଯୋଗାଇ ଦେଇ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଣାଳୀ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଏହି କେନ୍ଦ୍ରଗୁଡ଼ିକ ସପ୍ତାହରେ ଛଅ ଦିନ କାର୍ଯ୍ୟକ୍ଷମ ରହେ।

ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ସୁବିଧାକୁ ଅଧିକ ସୁଦୃଢ଼ କରିବା ପାଇଁ, ଏନଜିଓ ସହଯୋଗୀମାନଙ୍କ ମାଧ୍ୟମରେ ୨୫ଟି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚିକିତ୍ସା ସହାୟତା କେନ୍ଦ୍ର ପରିଚାଳିତ ହେଉଛି, ଯାହା ସାଧାରଣ ରୋଗ, ମାତୃ ଓ ଶିଶୁ ଯତ୍ନ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ପାଇଁ ସମୟୋଚିତ ଚିକିତ୍ସା ପ୍ରଦାନ କରୁଛି। ଏହା ବ୍ୟତୀତ, ଇସ୍ପାତ ସହରର ଶିଳ୍ପାଞ୍ଚଳ ବସ୍ତିଗୁଡ଼ିକରେ ମୋବାଇଲ୍ ମେଡିକାଲ୍ ୟୁନିଟ୍ କାର୍ଯ୍ୟକ୍ଷମ ରହି ଗରିବ ବାସିନ୍ଦାମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା, ଔଷଧ ଏବଂ ପରାମର୍ଶ ପ୍ରଦାନ କରିଛି।

ଚାରିଟି ପାର୍ଶ୍ୱବର୍ତ୍ତୀ ବ୍ଲକରେ ବ୍ୟାପିଥିବା କଛାରୁ, ଫୁଲଝର, ବିର୍ଦା, ସାରୁବାହାଲ ଏବଂ ବାଗଡେଗାଠାରେ ପାଞ୍ଚଟି ବହୁମୁଖୀ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଚଳିତ ବର୍ଷର ଏକ ପ୍ରମୁଖ ଆକର୍ଷଣ ଥିଲା, ଯାହା ଦ୍ୱାରା ପ୍ରାୟ ଏକ ହଜାର ରୋଗୀ ଉପକୃତ ହୋଇଥିଲେ। ଏହି ଶିବିରଗୁଡ଼ିକରେ ଚକ୍ଷୁ ଚିକିତ୍ସା, ଇଏନଟି (କାନ, ନାକ, ଗଳା), ପ୍ରସୂତି ଓ ସ୍ତ୍ରୀ ରୋଗ, ସାଧାରଣ ଚିକିତ୍ସା (ଜେନେରାଲ ମେଡିସିନ), ଚର୍ମ ରୋଗ ଏବଂ ଶିଶୁ ରୋଗ ବିଭାଗରେ ବିଶେଷଜ୍ଞ ପରାମର୍ଶ ଦିଆଯାଇଥିଲା। ବିଶେଷ କରି, ଉଚ୍ଚତର ଚିକିତ୍ସା ସହାୟତା ଆବଶ୍ୟକ କରୁଥିବା ୧୩୪ ଜଣ ରୋଗୀଙ୍କୁ ଅଧିକ ପରୀକ୍ଷା ନିରୀକ୍ଷା ଏବଂ ମାଗଣା ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ପଠାଯାଇଥିଲା।

ଅନ୍ୟ ଏକ ଉଲ୍ଲେଖନୀୟ ସଫଳତା ଥିଲା ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ସହଯୋଗରେ ପରିଚାଳିତ ମୋବାଇଲ୍ ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମ, ଯାହା ଅଧୀନରେ ବିଶ୍ରା, ଲାଠିକଟା ଏବଂ କୁଆରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ୧୪୬୬ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା ଏବଂ ୮୭୩ଟି ଚଷମା ବଣ୍ଟନ କରାଯାଇଥିଲା।

ଏହା ବ୍ୟତୀତ, ଆରଏସପି-ସିଏସଆର ବିଭିନ୍ନ ଶିବିରରେ ୮୦ ଜଣ ହିତାଧିକାରୀଙ୍କୁ ୧୪୨ଟି ସହାୟକ ସାମଗ୍ରୀ ପ୍ରଦାନ କରିବା ସହ ୧୬.୩୩ ଲକ୍ଷ ଟଙ୍କାର ସହାୟକ ଉପକରଣ ବଣ୍ଟନ କରି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଶକ୍ତ କରିଛି।

ଗୋଷ୍ଠୀ ସ୍ୱାସ୍ଥ୍ୟ ସଚେତନତା ଏବଂ ମହିଳା ଓ ପରିବାର ପାଇଁ ସହାୟତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ, ଦୀପିକା ମହିଳା ସଂହତି ମାଧ୍ୟମରେ ହମିରପୁର ଅଞ୍ଚଳ, ସେକ୍ଟର-୫, ରାଉରକେଲା ଏବଂ ଅନ୍ୟାନ୍ୟ ସ୍ଥାନରେ ସାମୟିକ ସ୍ୱାସ୍ଥ୍ୟ ସଚେତନତା ଓ ସ୍କ୍ରିନିଂ (ଯାଞ୍ଚ) କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

# ଜିଲ୍ଲାରେ ଏସଆଇଆର୍ ପାଇଁ ରାଜନୈତିକ ଦଳ ସହ ବୈଠକ

ଝାରସୁଗୁଡ଼ା, ୨୦/୦୫ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏସ୍ଆଇଆର୍ ୨୦୨୬ ପାଇଁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବ୍ରଜରାଜ ନଗର) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ( ଝାରସୁଗୁଡ଼ା) ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ସୂଚନା ଅନୁଯାୟୀ, ୨୦୨୬ ଏସ୍ଆଇଆର୍ ପାଇଁ ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ସୁଦ୍ଧା ୧୮ ବର୍ଷ ଏବଂ ତା ଠାରୁ ଉର୍ଦ୍ଧ୍ୱ ବୟସ ହେଉଥିବା ସମସ୍ତ ଯୋଗ୍ୟ ଭାରତୀୟ ନାଗରିକ ମତଦାତା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେଥିପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଉଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୩୦ ମେ'ରୁ ୨୮ ଜୁନ୍ ୨୦୨୬ ରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ।

ଏହାପରେ ୨୮ ଜୁନ୍ ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ କରାଯିବ ବୋଲି ଜଣାପଡ଼ିଛି। ପରେ ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ୫ ଜୁଲାଇରୁ ୨ ସେପଟ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତିର ସମାଧାନ ଓ ୬ ସେପଟ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ୍ଆଇଆର୍ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା, ଫର୍ମ ବଂଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ଣ୍ଣ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ, ଜିଲ୍ଲା ନିର୍ବାଚନ ଅଧିକାରୀ, ଝାରସୁଗୁଡ଼ା ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଂଟ (ବିଏଲ୍ଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲ୍ଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ବିଜେପି, ବିଜେଡି, କଂଗ୍ରେସ ଏବଂ ବିଏସ୍ପି ର ଜିଲ୍ଲା ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଂଟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଦଳର ଏହି ପ୍ରମୁଖ ସଦସ୍ୟମାନଙ୍କ ସହ ସବିଶେଷ ଆଲୋଚନା କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ ହେଉଛି ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସମଗ୍ର ପ୍ରକ୍ରିୟା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ଅଦ୍ୟତନ ଏବଂ ସତ୍ୟାପନ କରିବା। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ହେଲା— ସମସ୍ତ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ପୃକ୍ତ କରିବା, ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା ଏବଂ ମୃତ ବ୍ୟକ୍ତିଙ୍କ ନାମକୁ ଭୋଟର ତାଲିକାରୁ ବାହାର କରିବା। ଏହାସହିତ ଭୋଟର ତାଲିକାରେ ଥିବା ଡୁପ୍ଲିକେଟ୍ ନାମଗୁଡ଼ିକୁ ଚିହ୍ନଟ କରି ବିଲୋପ କରାଯିବ, ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ ଏବଂ ଭୋଟର ତାଲିକାର ସଠିକତା ତଥା ପାରଦର୍ଶିତା ବଢ଼ାଯିବ, ଯେପରି ଏକ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ଏବଂ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ଏହି ବିଷୟରେ ଅଧିକ ସୂଚନା ପାଇଁ ୱେବସାଇଟ୍ ପରିଦର୍ଶନ କରିପାରିବେ କିମ୍ବା ଆପ୍ ବ୍ୟବହାର କରିପାରିବେ।

# ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ

ଭୁବନ, ୨୦/୦୫ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ଶାଖା ତରଫରୁ ମହିଳା ମହାବିଦ୍ୟାଳୟରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ସମେତ ଏନ୍ ଏ ସି ର ଶ୍ରେଷ୍ଠ ୩୦ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରମାଦେବୀ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ସୁପରଭାଇଜର ଡଃ. ମମତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ମାନେ ପାଠପଢ଼ା ସହିତ ସାମାଜିକ ଜୀବନରେ ଧ୍ୟାନ ଦେବା ଏବଂ ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପି ର ପୂର୍ବତନ ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଯୋଗଦେଇ ଛାତ୍ର ଛାତ୍ରୀମାନେ ରାଷ୍ଟ୍ରହୀତ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜ କୁମାର ମିଶ୍ର, ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ଯୋଗଦେଇ ଏବିଭିପି ର ନୀତି, ଆଦର୍ଶ ଓ ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ।

# ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୦/୦୫ (ନି.ପ୍ର): ଜିଲ୍ଲାସ୍ତରୀୟ ଯୋଗ ଶୟନ ସଂଘ ପକ୍ଷରୁ ଜାଭିଅର୍ସ ହାଇସ୍କୁଲ୍ ପରିସରରେ ଜିଲ୍ଲାସ୍ତରୀୟ ଯୋଗସାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନିରଞ୍ଜନ ବେହେରା, ଉପଦେଷ୍ଟା ସ୍ୱପ୍ନାଂଶୁ କୁମାର ଦାସ, ଯୋଗ ଗୁରୁ ସଂଜୟ କୁମାର ମଥାନ ଏହାର ଶୁଭାରମ୍ଭ କରିଥିଲେ। ଯୋଗଗୁରୁ ଭରତ କୁମାର ସାହୁ, ସମୀର କୁମାର ସାହୁ, ଅଲେଖ ବେହେରା, ପିଙ୍କିରାଣୀ ମହାରଣା, ସସ୍ମିତା ପଣ୍ଡା, ମନୋଜ କୁମାର ସାହୁ, ମାନସ କୁମାର ଓଝା ଓ ବରିଷ୍ଠ ସାମ୍ବାଦିକ ସୋମନାଥ ସାହୁ, ବିଚାରକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଯୋଗ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀତାରୁ ୩ ଜଣ ଲେଖା ସର୍ବମୋଟ୍ ୩୬ ଜଣ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୧ ତାରିଖରେ ରାୟଗଡାଠାରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବାପାଇଁ ମନୋନୀତ କରିଥିଲେ। ପ୍ରଥମଥର ପାଇଁ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ କରାଯାଇଥିବା ପ୍ରତିଯୋଗୀତାରେ ଦୃଷ୍ଟିବାଧିତ ଆୟୁଷ ରାୟ, ମାନସିକ ଅନଗ୍ରସର ଲକ୍ଷ୍ମୀପ୍ରିୟା ବେହେରା ମନୋନୀତ ହୋଇଥିଲେ। ଉଦ୍ଯାପନୀ ଉତ୍ସବରେ ଜିଲ୍ଲା ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ କୁମାର ନାୟକ ସମ୍ମାନୀତ ଅତିଥି ଭାବେ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଯୋଗଦେଇ ମଣିଷ ଜୀବନର ଯୋଗର ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ।

# ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ରେ ୨୯୬ କୋଟି ଟଙ୍କାର ରେକର୍ଡ ରାଜସ୍ୱ ହାସଲ



ରାଉରକେଲା, ୨୦/୦୫ (ନି.ପ୍ର): ସେଲ୍ , ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗ ଆର୍ଥିକ ବର୍ଷ ୨୦୨ ୫-୨୬ କୁ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ଶେଷ କରିଛି। କୋକ୍ ଓଭନରୁ ବାହାରୁଥିବା ଏକ ମୂଲ୍ୟବାନ ଉପ-ଉତ୍ପାଦ (ବାଇ-ପ୍ରଡକ୍ଟ) 'କୋଲ୍ କେମିକାଲ୍ସ' ବିକ୍ରିରୁ ବିଭାଗ ୨୯୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛି। ଏହା ବ୍ୟତୀତ, ବିଭିନ୍ନ ବ୍ୟବହାରକାରୀ ଶିଳ୍ପଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ଏବଂ ସ୍ଥାୟୀ ଉପ-ଉତ୍ପାଦ ବ୍ୟବହାରରେ ନିଜର ଭୂମିକାକୁ ସଦୃଢ଼ କରିବା ସହିତ କୋଲ୍ କେମିକାଲ୍ ବିଭାଗ ଚଳିତ ବର୍ଷ ସଫଳତାର ସହ ୭୬,୦୦୦ ଟନ୍ ଅଶୋଧିତ କୋଲ୍ ଟାର୍ ପ୍ରେରଣ କରିଛି। ଏକ ଶୂନ୍ୟ-କ୍ଷତି (ଜିରୋ-ହାର୍ମ) କର୍ମକ୍ଷେତ୍ରକୁ ପ୍ରାଥମିକତା ଦେଇ, ବିଭାଗ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଅନେକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ଷ୍ଟାଟିକ୍ ଚାର୍ଜଗୁଡ଼ିକୁ ସୁରକ୍ଷିତ ଭାବରେ ନିଷ୍କାସନ କରିବା ପାଇଁ ବେଞ୍ଜୋଲ୍ ଷ୍ଟୋରେଜ୍ ଟ୍ୟାଙ୍କ ଅଞ୍ଚଳରେ ଏକ ଷ୍ଟାଟିକ୍ ଡିସିପେଟର ସିଷ୍ଟମ୍ ସ୍ଥାପନ କରାଯାଇଛି। ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ପ୍ରଥମ ଥର ପାଇଁ ଜୋନ୍-୧ ଅଞ୍ଚଳରେ ଥିବା ବେଞ୍ଜୋଲ୍ ସ୍କ୍ରବରର ସଫଳ ଓଭରହଲିଂ (ମରାମତି) କରାଯାଇଛି। ସୁରକ୍ଷିତ କାର୍ଯ୍ୟ ସଂସ୍କୃତିକୁ ଅଧିକ ମଜବୁତ କରିବା ପାଇଁ, ନିରନ୍ତର ଗ୍ୟାସ୍ ଚିହ୍ନଟ ଏବଂ ପ୍ରାରମ୍ଭିକ ସତର୍କ ସୂଚନା ପାଇଁ 'ନ୍ୟୁ ସିସିଡି'ରେ କଣ୍ଟ୍ରୋଲ୍ ରୁମ୍ ଆଲାର୍ମ ସଂଯୋଗ ସହିତ ଏକ କାର୍ବନ ମନୋକ୍ସାଇଡ୍ ମନିଟରିଂ ସିଷ୍ଟମ୍ ସ୍ଥାପନ କରାଯାଇଛି। ବିଭାଗ ପକ୍ଷରୁ ସଲଫ୍ୟୁରିକ୍ ଏସିଡ୍ ଟ୍ୟାଙ୍କ-୩ ର ବଦଳ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯାଇଛି, ଯାହା ସଂରକ୍ଷଣ କ୍ଷମତାକୁ ବୃଦ୍ଧି କରିବା ସହ ପ୍ଲାଣ୍ଟ ବନ୍ଦ ହେବା ସମସ୍ୟାକୁ ହ୍ରାସ କରିଛି। ଏହା ସହିତ, ସୁରକ୍ଷା ଏବଂ ପରିବେଶ ସମ୍ବନ୍ଧୀୟ ଅନୁପାଳନକୁ ବୃଦ୍ଧି କରି ସ୍ଲିଲେଜ୍ ରିସାଇକ୍ଲିଂ ସିଷ୍ଟମ୍ ସହ ଡାଇକ୍ ର ପୁନର୍ନିର୍ମାଣ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ଏହି ସମସ୍ତ ପଦକ୍ଷେପ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ସ୍ଥିରତା ପ୍ରତି ଉଭଉ ର ପ୍ରତିବଦ୍ଧତାକୁ ସୂଚାଉଛି, ଯାହା ରାଉରକେଲା ଇସ୍ପାତ କାରଖାନାରେ ଉପ-ଉତ୍ପାଦ ପରିଚାଳନା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୦/୦୫ (ନି.ପ୍ର): ଆସନ୍ତା ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ କେନ୍ଦ୍ରାପଡ଼ା ଗଣେଶ୍ୱର ବେହେରା, ବିଧାୟକ ରାଜନଗର ଧ୍ରୁବଚରଣ ସାହୁ, ଅଧ୍ୟକ୍ଷା ଜିଲ୍ଲା ପରିଷଦ ଲିଲିତା ଦାସ, ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ଭୀଷ୍ମ ମହାନ୍ତି, ବିଧାୟକ ମହାକାଳପଡ଼ାଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଡିଓ, ତହସିଲଦାର, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକର ମରାମତି ଓ ସୁରକ୍ଷା, ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଂଟିଆ କଂଟ୍ରୋଲ ରୁମ୍, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନର ତ୍ୱରିତ ପ୍ରଚାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟାପ୍ରବଣ ଅଂଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଷ୍କାରତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳଗୁଡ଼ିକ ପ୍ରସ୍ତୁତ ରଖିବା ସହିତ, ପାନୀୟ ଜଳ, ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଏଥିସହିତ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ୍ ଗଠନ ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ, ଦୂରସଂଚାର, ସଡ଼କ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ଶୀଘ୍ର ପୁନଃସ୍ଥାପନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଜନପ୍ରତିନିଧି, ସ୍ୱୟଂସାହାଯ୍ୟ ଗୋଷ୍ଠୀ, ସାମୁଦାୟିକ ସଂଗଠନ ଓ ସିଭିଲ ସୋସାଇଟି ସହ ସମନ୍ୱୟ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଛି। କ୍ଷୟକ୍ଷତିର ତ୍ୱରିତ ଆକଳନ ଏବଂ ଶୀଘ୍ର ସହାୟତା ବଂଟନ ପାଇଁ **Rapid Damage Assessment** ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହାସହିତ ବିପର୍ଯ୍ୟୟ ସମୟରେ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ବଂଟନ ପାଇଁ ପଲିଥିନ ସିଟ୍ ସହ ଆବଶ୍ୟକ ଆଶ୍ରୟ ସାମଗ୍ରୀ ମହଜୁଦ ରଖିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୦/୦୫ (ନି.ପ୍ର): ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇଂଟେନସିଭ୍ ରିଭିଜନ (ଏସ ଆଇ ଆର) ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଜିଲ୍ଲାରେ ଏସ.ଆଇ.ଆର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ନେଇ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ଏସ.ଆଇ.ଆର. ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଦଳଗୁଡ଼ିକର ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ । ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସ.ଆଇ.ଆର. କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର( ନିର୍ବାଚନ) ଅରୁଣିମା ସାହୁ, ଦୀନେଶ ପୂର୍ତି, ମିତାଲି ମଧୁସ୍ମିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ପ୍ରକାଶ ସୂତ୍ରଧର, ବିଜୁ ଜନତା ଦଳର ପ୍ରମୋଦ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ସୁଜଳ କୁମାର ସେଠୀ, ଆମ ଆଦମୀ ପାର୍ଟିର ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ, ସୁନା ରୁପା ଗହଣା ଜବତ : ସ୍ୱାମୀ ସ୍ତ୍ରୀ ସହିତ ଜଣେ ଦୁର୍ବୃତ୍ତ ଗିରଫ

ଜୟପୁର, ୨୦/୦୫ (ନି.ପ୍ର): କୁମୁଲି ଜଗନ୍ନାଥ ମନ୍ଦିର ଓ ବିଡିଗାଁରେ ଘରୁ ଚୋରି ଘଟଣାର ଖୁଲାସା କଲା ବି ସିଂହପୁର ପୋଲିସ । ବୋରିଗୁମ୍ମା ବିସିଂପୁର ଥାନା ଅଂଚଳରୁ କୁମୁଲି ନୂତନ ଜଗନ୍ନାଥ ମନ୍ଦିର ଏବଂ ଘର ଚୋରି ମାମଲାର ପର୍ଦାଫାସ କରିଛି ବିସିଂପୁର ପୋଲିସ। ଆଜି ଏକ ପ୍ରେସ ସମ୍ମିଳନୀରେ ବୋରିଗୁମ୍ମା ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗତ ୧୪/୪/୨୬ ତାରିଖରେ ବିଳମ୍ବିତ ରାତିରେ କୁମୁଲି ଗ୍ରାମର ନୂତନ ଜଗନ୍ନାଥ ମନ୍ଦିରରୁ ଦୁର୍ବୃତ ହୁଣ୍ଡି ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ଏବଂ ଠାକୁରଙ୍କ ବ୍ୟବହାର ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ସିସିଟିଭି ହାର୍ଡ ଡିସ୍କକୁ ନେଇ ଯାଇଥିଲେ। ଏ ସମ୍ପର୍କରେ ବିସିଂପୁର ଥାନାରେ ଏତଲା ଦେଇଥିଲେ ଗ୍ରାମବାସୀ।

ସେହିପରି ଗତ ମାସ ୨୩/୪/୨୬ ତାରିଖରେ ବୋଡିଗାଁ ରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ ମାନେ ସୁନା ରୁପା ଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ମଧ୍ୟ ବିସିଂପୁର ଥାନାରେ ଅଭିଯୋଗ ହୋଇଥିଲା। କୋରାପୁଟ ଏସ୍ପି ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଛାନଭିନ ଆରମ୍ଭ କରିଥିଲେ।୧୮/୫/୨୬ ତାରିଖରେ କୌଣସି ସୂତ୍ରରୁ ଖବର ପାଇଥିଲେ କି ଲାଠିକଟା ଏବଂ ଭାଲୁମହଲ ଜଙ୍ଗଲ ମଧ୍ୟରେ କିଛି ଅଜଣା ବ୍ୟକ୍ତି ମାରଣାସ୍ତ୍ର ନେଇ ସନ୍ଦେହଜନକ ଭାବେ ବୁଲୁଛନ୍ତି। ସଙ୍ଗେ ସଙ୍ଗେ ବିସିଂପୁର ପୋଲିସ ଚଢ଼ଉ କରି ସ୍ୱାମୀ ସ୍ତ୍ରୀଙ୍କ ସହିତ ଜଣେ ଦୁର୍ବୃତକୁ କାବୁ କରିଥିଲେ । ଅନ୍ୟ ମାନେ ଚମ୍ପଟ ମାରିଥିଲେ। ପଚରାଉଚରା ପରେ ମନ୍ଦିର ଚୋରି ଏବଂ ଘରୁ ଚୋରି କରିଥିବା ପୋଲିସକୁ କହିଥିଲେ। ପୋଲିସ ସେମାନଙ୍କ ଠାରୁ ୫୦୦ ଗ୍ରାମ ରୁପା, ୧ ତୋଳା ସୁନା, ୨୬୦ ଗ୍ରାମ ରୁପା, ସାଳଗ୍ରାମ, ରୁଦ୍ରାକ୍ଷ, କିଛି ପୁରୁଣା କଏନ, ପୁରୁଣା ନୋଟ, ଚୋରି କରିବା ପାଇଁ ବ୍ୟବହାର କରୁଥିବା ତିନି ଗୋଟି ବାଇକ, ଖଣ୍ଡା, ଛୁରୀ, ଲୁହା ଛଡ଼, ଲଙ୍କା ଗୁଣ୍ଡ ଏବଂ ଦୁଇଟି ମୋବାଇଲ ଓ ୩ ଟି ବାଇକ୍ ଜବତ କରିଛି । ଗିରଫ ହୋଇଥିବା ସ୍ୱାମୀ ସ୍ତ୍ରୀ ହେଲେ ନନ୍ଦିନୀ ଦାସ ଓରଫ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସୁରେଶ ଦାସ ଓ ଅନ୍ୟ ଜଣେ ଦୁର୍ବୃତ ହେଲେ ହେବେଲ ଖୋସଲା। ଗିରଫ କରି ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ଏବଂ ଏହି ଚୋରି ଗ୍ୟାଙ୍ଗ ର ମାଷ୍ଟର ମାଇଣ୍ଡକୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି ।

**ଧାରାବାହିକ:** ଭାଗ-୪୨

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



କେଉଁ ଭାଷାରେ ମୋ ଅନ୍ତରର ଗଭୀର କୃତଜ୍ଞତା ପ୍ରକାଶ କରିବି ? ହେ ଅନ୍ତର୍ଯ୍ୟାମୀ ନଥା, ଅନ୍ତରର ସବୁକଥା ତ ତୁମେ ଜାଣିପାର, ତୁମକୁ କୋଟି ନମସ୍କାର । ତୁମର ଦୁର୍ଲଭ ପଦରଜ ସ୍ୱୟଂ ଭଗବାନଙ୍କୁ ମଧ ଦୁର୍ଲ୍ଲଭ । ସୌଭାଗ୍ୟ ବଳରେ ସେହି ପଦରଜ ଏହି ଦୀନ କୁଟୀରରେ ପଡିଲା । ହେ ଦୟାରସାଗର ତୁମର କୃପା ପାଇଁ ଏ ଦୀନକୁ ଦର୍ଶନ ଦେଲ । ତୁମର ଆଶ୍ରିତ ପ୍ରାଣୀକୁ ମଧ ତୁମେ ମୃତ୍ୟୁପରେ ମଧ ଅଶେଷ ଦୟା ପ୍ରଦର୍ଶନ କରି ଆତ୍ମପଦ ପ୍ରଦାନ କର । ତୁମର ମହିମା ଆଗମ ଓ ନିଗମ ଆଦି ଜ୍ଞାନର ଭଣ୍ଡାର ଯାହାର କଳନା ଅସମ୍ଭବ । ଯୁଗେ ଯୁଗେ ନିର୍ମଳ ଜ୍ଞାନର ପ୍ରଚାର କରି ଅବତାର ଗ୍ରହଣ ପୂର୍ବକ ଜଗତରେ ଅଖଣ୍ଡ ଆଦର୍ଶ ପ୍ରତିଷ୍ଠା କରିଥାଅ, ଏହା କହି ରାଜା ଭଗବାନଙ୍କ ଶ୍ରୀଚରଣ ଯୁଗଳକୁ ତାଙ୍କର ବକ୍ଷରେ ସ୍ଥାପନ କରି ମସ୍ତକ ସ୍ପର୍ଶ କରାଇଲେ । ପ୍ରଭୁ ଶ୍ରୀକୃଷ୍ଣ ମିଥିଳା ନଗରରେ କିଛି ଦିନ ଅତିବାହିତ କରି ବ୍ରାହ୍ମଣ ଶ୍ରୁତଦେବର ଗୃହରେ ପ୍ରବେଶ କଲେ । ବ୍ରାହ୍ମଣ ପୁଲକିତ ନୟନରେ ଆନନ୍ଦାଶ୍ରୁ ମୁଞ୍ଚନ କରୁ କରୁ ଶୀତଳ ଜଳରେ ପ୍ରଭୁଙ୍କର ଚରଣ ପଖାଳି ଉଦକକୁ ନିଜ ଶିରରେ ସିଞ୍ଚନ କଲେ ଓ ପ୍ରଭୁଙ୍କୁ ଉତ୍ତମ ଆସନରେ ବସାଇ ଧୂପ, ଦୀପ ଓ ନୈବେଦ୍ୟାଦି ଦେଇ ଆରାଧନା କଲେ । ପରେ ବିନୟରେ କହିଲେ, ହେ ପ୍ରଭୁ ମୋର କେଉଁଇ ପୁଣ୍ୟ ଫଳରେ ତୁମର ପବିତ୍ର ଶ୍ରୀଚରଣ ରଜ ଦୀନ କୁଟୀରରେ ପଡିଲା । ମୁଁ ଓ ମୋର ସପ୍ତ ପୁରୁଷ ଧନ୍ୟ ହେଲୁ । ହେ ପ୍ରଭୁ ! ଏ ବିଶ୍ୱ ବ୍ରହ୍ମାଣ୍ଡ ତ ତୁମର କ୍ରୀଡାଭୂମି ଓ ସମସ୍ତ ସ୍ଥାବର ଜଙ୍ଗମ ତୁମର କ୍ରୀଡନକ । ଯିଏ ତୁମର ମାୟାଶକ୍ତି ରୂପୀ ବିଷୟ ବନ୍ଧନ କୁ ଦୃଢ ମନବଳ ଦ୍ୱାରା ଛିନ୍ନ କରି ତୁମରି ଅଭୟ ଶ୍ରୀଚରଣରେ ମନଧ୍ୟାନକୁ ଅର୍ପଣ କରେ ତୁମେ ତାହାରି ହୃଦୟରେ ପୂର୍ଣ୍ଣଚନ୍ଦ୍ର ଭଳି ବିକଶିତ ହୋଇ ତା ହୃଦୟରୁ ଅଜ୍ଞାନ, ଅବିଦ୍ୟା, ଅନ୍ଧକାର ଦୂର କର । ମାତ୍ର ଯାହାର ହୃଦୟ କର୍ମଚଞ୍ଚଳ ଓ ବିଷୟ ରସରେ ସତତ ନିମଜ୍ଜିତ ତୁମେ ତାହାର ହୃଦୟରେ ଥାଇ ମଧ ତାଠାରୁ ଦୂରେଇ ଯାଅ । ସେ ତୁମର ମହାନ ପବିତ୍ର ସତ୍ତାକୁ ଅନୁଭବ କରିପାରେ ନାହିଁ । ସଂସାରରେ ସେହି ଲୋକ ହିଁ ନିର୍ବୋଧ ଓ ହତଭାଗା । ତୁମେ ତାର ଅତି ନିକଟରେ ଥିଲେ ମଧ ସେ ତୁମକୁ ଚିହ୍ନିପାରେ ନାହିଁ । ହେ ପ୍ରଭୁ ତୁମେ ଭାବଗ୍ରାହୀ, ଭାବହୀନ ବ୍ୟକ୍ତିକୁ ତୁମେ ଦୁଷ୍ପ୍ରାପ୍ୟ । ତୁମେ ଭକ୍ତକୁ ସଗୁଣ ସାକାର ଓ ଜ୍ଞାନୀକୁ ନିର୍ଗୁଣ ନିରାକାର । ଯୋଗୀ ଯୁଗ ଯୁଗ ଧରି ଯୋଗ ସମାଧିରେ ତୁମର ଦର୍ଶନ ପାଆନ୍ତି ନାହିଁ ଅଥଚ ଗୋପପୁର ଗୋପାଙ୍ଗନାମାନେ ହୃଦୟର ମଧୁର ପ୍ରେମଭକ୍ତି ତମ ଶ୍ରୀଚରଣରେ ନିବେଦନ କରି ଆନନ୍ଦରେ ତୁମକୁ କୋଳରେ, କାଖରେ ଧରି ତୁମ ସହିତ କ୍ରୀଡା କରିପାରିଲେ । ଭଗବାନ ଶ୍ରୀକୃଷ୍ଣ ବ୍ରାହ୍ମଣକୁ ଅତ୍ୟନ୍ତ ପ୍ରସନ୍ନ ବଦନରେ ଚାହିଁ କହିଲେ, ହେ ପ୍ରିୟ ଭକ୍ତ, ମୁଁ ତୁମର ପ୍ରେମ ଡୋରୀରେ ଆକର୍ଷିତ ହୋଇ ମୁନିଋଷିମାନଙ୍କୁ ସଙ୍ଗରେ ଧରି ତୁମକୁ ଦର୍ଶନ ପ୍ରଦାନ କରିବା ନିମିତ୍ତ ଆସିଛି । ଦେବତା, ପୁଣ୍ୟକ୍ଷେତ୍ର ଦର୍ଶନ ଓ ତୀର୍ଥସେବାରେ ଧୀରେ ଧୀରେ ଫଳଲାଭ ହୁଏ । ମାତ୍ର ସାଧୁସନ୍ଥଙ୍କ ଦର୍ଶନ ମାତ୍ରେ ହିଁ ମନୁଷ୍ୟ ପବିତ୍ର ହୁଏ ଓ ଅଶେଷ ପୁଣ୍ୟଲାଭ ହୁଏ । ଜଗତରେ ବ୍ରାହ୍ମଣ ହିଁ ସର୍ବଦେବମୟ, ବ୍ରାହ୍ମଣ ପୂଜା ହିଁ ଦେବ ପୂଜା ଓ ମୋର ସ୍ୱରୂପ । ବ୍ରାହ୍ମଣର ଅବମାନନା ମୋର ଅବମାନନା ସହ ସମାନ । ଦୁଷ୍ଟ ନିର୍ବୋଧ ପ୍ରାଣୀ ଏହା ବୁଝି ନପାରି ବ୍ରାହ୍ମଣ ଦ୍ରୋହୀ ହୋଇ ଅନ୍ତକାଳରେ ଘୋର ନର୍କଗାମୀ ହୁଏ । ସୂତରାଂ ହେ ଶ୍ରୁତଦେବ ! ତୁମେ ଏହି ବ୍ରହ୍ମର୍ଷିମାନଙ୍କୁ ମୋର ନିଜର ସ୍ୱରୂପ ମନେକରି ପୂଜାକରି ମହାପୁଣ୍ୟ ଅର୍ଜନ କର । ଭଗବାନଙ୍କ ଅମୃତମୟୀ ବାଣୀ ଶ୍ରବଣ କରି ଶ୍ରୁତଦେବ ସେହି ବ୍ରହ୍ମର୍ଷିମାନଙ୍କର ଯଥାବିଧି ପୂଜାର୍ଚ୍ଚନା କରି ପଦଧୂଳି ମସ୍ତକରେ ଗ୍ରହଣ କଲେ ଓ ପୁନର୍ବାର ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ । ଭଗାବନ ଶ୍ରୀକୃଷ୍ଣ ଋଷିମାନଙ୍କ ସହିତ କିଛିକାଳ ମିଥିଳାରେ ଅତିବାହିତ କରି ଭକ୍ତମାନଙ୍କ ସେବା ପୂଜା ଗ୍ରହଣ କରି ଦ୍ୱାରକା ପ୍ରତ୍ୟାବର୍ତ୍ତନ କଲେ ।

### ୮୯ ଅଧ୍ୟାୟ, ବିଷ୍ଣୁ ସ୍ୱରୂପ ବର୍ଣ୍ଣନ

ରାଜା ପରୀକ୍ଷିତ କହିଲେ, ହେ ବ୍ରହ୍ମନ, ଆପଣ ବିଷ୍ଣୁଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଆପଣଙ୍କର ଗୁଣ ଓ ମହିମା ମଧ ଅକଳନୀୟ । ମୋର ଅଶେଷ ସୌଭାଗ୍ୟ ଯେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଆପଣଙ୍କର ଶ୍ରୀଚରଣ ଦର୍ଶନ ପ୍ରାପ୍ତ ହେଲି ଓ ଆପଣଙ୍କ ପବିତ୍ର ଶ୍ରୀମୁଖରୁ ଭଗବାନ ଶ୍ରୀକୃଷ୍ଣଙ୍କ ଅପାର ଗୁଣ ଓ ମହିମାର କଥାମୃତ କର୍ଣ୍ଣପଥରେ ପାନ କରି ଧନ୍ୟ ହେଲି । ପୃଥିବୀର ଭାରା ନିବାରଣ ନିମିତ୍ତ ଭଗବାନଙ୍କର ବିଭିନ୍ନ ଅବତାର ଗ୍ରହଣ ଅଦ୍ଭୁତ କର୍ମସାଧନ, ଦୁଷ୍ଟ ସଂହାର ଓ ସାଧୁସନ୍ଥ ଉଦ୍ଧାର ଆଦି ବିଭିନ୍ନ ବିଷୟ ଯେ ଭକ୍ତିରେ ଶ୍ରବଣ କୀର୍ତ୍ତନ କରିଥାନ୍ତି ସେ ଭବ ଜଳଧିରେ କଦାପି ନିମଜ୍ଜିତ ହୋଇ ନଷ୍ଟ ହୁଅନ୍ତି ନାହିଁ । ଅନ୍ତକାଳରେ ପରମ ଗତିକୁ ପ୍ରାପ୍ତ ହୋଇଥାନ୍ତି । ଭଗବାନ ବ୍ରହ୍ମରୂପୀ ସର୍ବ ସ୍ୱରୂପରେ ପ୍ରକାଶିତ ହେଲେ ହେଁ ସେ ତ୍ରିଗୁଣୀମାୟା ଓ କାର୍ଯ୍ୟକାରଣଗତ ପାର୍ଥକ୍ୟରେ ଉର୍ଦ୍ଧ୍ୱରେ । ଯେହେତୁ ସେ ନିଜେ ମାୟାର ସ୍ରଷ୍ଟା ଉଭୟେ କାର୍ଯ୍ୟ ଓ କାରଣ ତେଣୁ ସକଳ ଜ୍ଞାନର ଭଣ୍ଡାର ବେଦ ବେଦାନ୍ତ ଆଦି ତାଙ୍କର ଆଦି ଅନ୍ତ ନିର୍ଣ୍ଣୟ କରିପାରନ୍ତି ନାହିଁ । ତାଙ୍କର ନାଭିକମଳ ଜାତ ସ୍ୱୟଂ ବ୍ରହ୍ମା ମଧ ତାଙ୍କୁ କଳନା କରିବାକୁ ଅସମର୍ଥ । କାରଣ ବ୍ରହ୍ମା ମଧ ସେହି ସର୍ବଶକ୍ତିମାନ ଭଗବାନଙ୍କ ମାୟାର ଏକ ଅଂଶରୂପେ ତାଙ୍କରି ଦ୍ୱାରା ସୃଷ୍ଟି ପାଳିତ ଓ ଯଥା କାଳରେ ତାଙ୍କରି ଦ୍ୱାରା ବିନାଶ ପ୍ରାପ୍ତି ହୋଇଥାନ୍ତି । ଭଗବାନ ସର୍ବ ଜ୍ଞାନୀ, ଜ୍ଞାନ, ବେଦ, ବେଦାନ୍ତ, ମନ, ବାଣୀ, କ୍ରିୟାଦିର ଅତୀତ । ବେଦବେଦାନ୍ତ ଆଦି ଭଗବାନଙ୍କର କେବଳ ଗୁଣ, କର୍ମ, ଜାତି ଅଥବା ରୁଢି ଆଦିର ନିର୍ଦ୍ଦେଶ ଦେଇଥାନ୍ତି । ଏହା ସଗୁଣ ବ୍ରହ୍ମଙ୍କ ପ୍ରତି ପ୍ରଯୁଜ୍ୟ ମାତ୍ର ନିର୍ଗୁଣ ବ୍ରହ୍ମଙ୍କର ପ୍ରତିପାଦନ ବେଦବେଦାନ୍ତ ଆଦି ଶ୍ରୁତି ଦ୍ୱାରା କିପରି ବା ସମ୍ଭବ ? ହେ ବ୍ରହ୍ମନ ଏହା ମୋତେ ଭଲଭାବେ ବୁଝାଇ ଦିଅନ୍ତୁ । ଶ୍ରୀ ଶୁକଦେବ କହିଲେ ହେ ରାଜା, ଭଗବାନ ସର୍ବଶକ୍ତିମାନ ଓ ସର୍ବ ଗୁଣର ନିଧାନ । ଶ୍ରୁତି ମଧ ସ୍ପଷ୍ଟତଃ ତାଙ୍କର ସଗୁଣତ୍ୱ ନିରୁପଣ କରିଥାଏ । ମାତ୍ର ସୂକ୍ଷ୍ମରୂପେ ବିଚାର କଲେ ଜଣାଯିବ ତାହା ତାଙ୍କର ନିର୍ଗୁଣତ୍ୱ କୁ ମଧ ନିଜର ବିଚାର ପରିସରଭୁକ୍ତ କରିଅଛି । ଅର୍ଥାତ ଶ୍ରୁତି ଭଗବାନଙ୍କର ଉଭୟ ସଗୁଣ ଓ ନିର୍ଗୁଣ ଭାବର ଦ୍ୟୋତକ । ଭଗବାନ ଜୀବକୁ ବୁଦ୍ଧି, ମନ, ଇନ୍ଦ୍ରିୟ ଓ ପ୍ରାଣଦାନ କରିଛନ୍ତି । ବେଦ ବର୍ଣ୍ଣିତ ମାର୍ଗରେ ଏହାର ସଦୁପଯୋଗ କରି ଜୀବ ସ୍ୱେଚ୍ଛାରେ ଧର୍ମ, ଅର୍ଥ, କାମ, ମୋକ୍ଷ- ଚତୁର୍ବର୍ଗକୁ ଅର୍ଜନ କରିପାରିବ । ଏଣୁ ସେ ଚେଷ୍ଟାକଲେ ସେହି ଶ୍ରୁତି ବର୍ଣ୍ଣିତ ଉଭୟେ ସଗୁଣ ଓ ନୁର୍ଗୁଣ ଭାବକୁ ଉପଲବ୍ଧି କରିପାରିବ । ଅର୍ଥାତ ସଗୁଣ ଭାବେ ପୂଜା, ଭକ୍ତି, ଆରାଧନା, ଅର୍ଚ୍ଚନା, ବନ୍ଦନା କରିପାରେ କିମ୍ବା ଯୋଗ ମାର୍ଗରେ ଯାଇ ନିର୍ଗୁଣ ବ୍ରହ୍ମରୂପେ ଆତ୍ମୋପଲବ୍ଧି କରିପାରେ । ଭଘବାନଙ୍କ ସୃଷ୍ଟିରେ ଜୀବ, ତ୍ରିଗୁଣୀମାୟା ରଜ୍ଜୁରେ ବାନ୍ଧିହୋଇ କର୍ମବାସନାରୂପ ଫଳ ଭୋଗକରେ । ମନ ଚାଳିତ ଇନ୍ଦ୍ରିୟମାନେ ତାକୁ ପ୍ରାରବ୍ଧ କର୍ମାନୁସାରେ ପ୍ରବୃତ୍ତି ବା ନିବୃତ୍ତି ମାର୍ଗରେ ଘେନିଯାଆନ୍ତି । ପ୍ରବୃତ୍ତି ମାର୍ଗର ପରିଣତି ଦୁଃଖମୟ ଓ ନିବୃତ୍ତିମାର୍ଗର ତାହା ସୁଖ, ଶାନ୍ତିମୟ ହୋଇଥାଏ । ଜୀବର ପଞ୍ଚପ୍ରାଣ ଯଥା- ପ୍ରାଣ( ପ୍ରଶ୍ୱାସ ବାୟୁ), ୨- ବ୍ୟାନ( ନିଃଶ୍ୱାସ ବାୟୁ), ୩- ଆପାନ( ସ୍ଥିତବାୟୁ), ୪- ସମାନ( ରକ୍ତ ସଞ୍ଚାଳନକାରୀ ବାୟୁ), ୫- ଉଦାନ( ମୃତ୍ୟୁକାଳୀନ ବହିର୍ଗତ ବାୟୁ)- ଏହି ପଞ୍ଚପ୍ରାଣାବୟୁ ମନ ଦ୍ୱାରା ଚାଳିତ ଦଶ ଇନ୍ଦ୍ରିୟ ସହିତ ମିଳିତ ହୋଇ ଜୀବର ଭିତରେ ଓ ବାହାରେ ବିଭିନ୍ନ କର୍ମ ସମ୍ପାଦନ କରିଥାନ୍ତି ଯାହା ଦ୍ୱାରା ଜୀବରୁ ସୁଖ ଓ ଦୁଃଖର ଅନୁଭୂତି ଜାତହୁଏ ଏବଂ କର୍ମାନୁସାରେ ସତ୍ୱ ବା ଅସତ୍ ଫଳ ଲବ୍ଧ ହୁଏ । ଯଦି ଉକ୍ତ କର୍ମ ରଜଃ ତମଗୁଣୀ ଆତ୍ମକୈନ୍ଦ୍ରିକ ତେବେ ଫଳ ସାଧାରଣତଃ ଦୁଃଖମୟ ଓ ତାହା ସତ୍ତ୍ୱଗୁଣ ଧର୍ମୀ ଭଗବତ୍ ମୁଖୀ ହେଲେ ପରିଣତି ପରମାନନ୍ଦମୟ ହୁଏ । ସତ୍‌ଗୁଣ ଯୋଗ ଓ ଭକ୍ତି ଉଭୟେ ମାର୍ଗରେ ପ୍ରକାଶିତ ହୋଇପାରେ । ଯୋଗେଶ୍ୱର ରୂପି ଭଗବାନଙ୍କର ଚତୁର୍ନାମ- ବାସୁଦେବ, ଶଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ । ଯମ, ଆସନ, ନିୟମ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି-ଏହି ଅଷ୍ଟାଙ୍ଗ ଯୋଗ ମାଧ୍ୟମରେ ଷଡଚକ୍ର ସାଧନା କରି ଜୀବ ଭଗବାନଙ୍କୁ ସହସ୍ରାର ଚକ୍ରରେ ସୂକ୍ଷ୍ମ ଜ୍ୟୋତିର୍ମୟ ବ୍ରହ୍ମରୂପେ ଉପଲବ୍ଧି କରେ । ଭକ୍ତ ତାଙ୍କର ସଗୁଣ ସାକାର ପରମ ରମଣୀୟ ରୂପକୁ ସ୍ଥୂଳଦୃଷ୍ଟିରେ ଦର୍ଶନ କରି ଶ୍ରୀଚରଣ କୀର୍ତ୍ତନ ଆଦି ବିବିଧ ଭକ୍ତି ମାଧ୍ୟମରେ ଶାନ୍ତ, ଦାସ୍ୟ, ସଖ୍ୟ, ତାତ୍ସଲ୍ୟ ମଧୁର ଭକ୍ତିଭାବ ଦ୍ୱାରା ତାଙ୍କୁ ପ୍ରାପ୍ତ ହୋଇଥାଏ । ହେ ରାଜା ! ଭକ୍ତିମାର୍ଗ ସରଳ, ସୁଗମ ଓ ମଧୁର । ମାତ୍ର ଯୋଗମାର୍ଗ ଜଟିଳ, ଦୁର୍ଗମ ଓ କଷ୍ଟସାଧ୍ୟ । ବିନା ସଦଗୁରୁ ସହାୟତାରେ ତାହା ସଫଳ ହୋଇନପାରେ । ତଥାପି ଯୋଗମାର୍ଗର ଅସଫଳ ଜୀବକୁ ଭଗବାନ କୃପାକରି ପରଜନ୍ମରେ ସମସ୍ତ ଅନୁକୂଳ ପରିବେଶ ଯୋଗାଇ ଯୋଗସିଦ୍ଧିର ସହାୟତା କରିଥାନ୍ତି । ଭଗବାନ ସ୍ୱୟଂ ଅମୃତର ସାଗର, ସେଥିରେ ଯିଏ ଯେପରିଭାବେ ଯେଉଁ ସ୍ଥାନରେ ବୁଡିଲେ ମଧ ଅମୃତ ଆସ୍ୱାଦନର ସୌଭାଗ୍ୟ ଲାଭ କରିଥାଏ । ପ୍ରଥମ ଦୟାଳୁ ଭଗବାନ ଭକ୍ତ ଯେଉଁ ମାର୍ଗରେ ତାଙ୍କୁ ପ୍ରାପ୍ତିର ଆଶାପୋଷଣ କରିଥାଏ ଭଗବାନ ତାର ମନ ଅନୁରୂପ ପ୍ରାପ୍ତ ହୋଇଥାନ୍ତି, କାହାକୁ ନିରାଶ କରନ୍ତି ନାହିଁ । ମାତ୍ର ଯେଉଁ ଜୀବ ବିଷ୍ଣୁମାୟା ପରବଶ ହୋଇ ତାହାର ମହାନ ସ୍ରଷ୍ଟାଙ୍କୁ ଆଦୌ ସ୍ମରଣ କରେନାହିଁ,ସର୍ବଦା ବିଷୟ ରସରେ ନିମଜ୍ଜିତ ଥାଏ ତାହାର ଜୀବନ ଅକାରଣ । କାରଣ ସଂସାରରେ ପଶୁପକ୍ଷୀ ଆଦି ତୀର୍ଯ୍ୟକ ଯୋନିଜାତ ପ୍ରାଣୀମାନଙ୍କ ପରି ସେ କେବଳ ଆହାର, ନିଦ୍ରା, ଭୟ, ମୈଥୁନ ସର୍ବସ୍ୱ ଅଧମ ଜୀବନ ଯାପନ କରିଥାନ୍ତି । ସେପରି ଶରୀର ଧର୍ମୀ ମନୁଷ୍ୟର ପଞ୍ଚମାହାଭୂତ ଆଦି ବିକାର ସ୍ୱରୂପୀ ଦେହକୁ ଧାରଣ କରିବା ବା ତ୍ୟାଗକରିବା ଉଭୟେ ନିରର୍ଥକ । ଭଗବାନଙ୍କର କେବଳ ମନୁଷ୍ୟଙ୍କୁ ସ୍ୱତନ୍ତ୍ର ଜ୍ଞାନ ସ୍ୱରୂପ ପ୍ରଦତ୍ତ ବିବେକ, ବୁଦ୍ଧି, ମନ ଓ ମନଚାଳିତ ଦଶ ଇନ୍ଦ୍ରିୟକୁ ମନୁଷ୍ୟ ଯଦି ଭଗବତ ଚରଣାରବିନ୍ଦରେ ନିୟୋଜିତ ନକଲା ତେବେ ଏ ସଂସାରର ମହାନ ଶକ୍ତିମୟୀ ଅପ୍ରତିହତ ବିଷ୍ଣୁମାୟାର କବଳରୁ ତାର କଦାପି ମୁକ୍ତି ନାହିଁ । ହେ ରାଜା, ଯେପରି ବିଭିନ୍ନ ଆକାର ପ୍ରକାରର ଘଟ, ପାତ୍ର, ମୂର୍ତ୍ତି ଆଦିର ବର୍ଣ୍ଣନା ମୂଳ ପିଣ୍ଡ ମୃତ୍ତିକାର ହିଁ ବର୍ଣ୍ଣନା ସେହିପରି ଯାଗ ଯଜ୍ଞରେ ଇନ୍ଦ୍ର ବରୁଣାଦି ଦେବତାର ବର୍ଣ୍ଣନା ହିଁ ସ୍ୱୟଂ ଭଗବାନଙ୍କର ବର୍ଣ୍ଣନା କାରଣ ସେ ଦେବ, ମାନବ, ଅସୁର, ସ୍ଥାବର, ଜଙ୍ଗମ ସର୍ବସୃଷ୍ଟିର ମୂଳାଧାର । ତେଣୁ ବିଚାରବନ୍ତ ମୁନିଋଷିମାନେ ଯାହା କିଛି ଚିନ୍ତା ବା ବାକ୍ୟରେ ପ୍ରକାଶ କରନ୍ତି ତାହା ମଧ୍ୟରେ ଏକ ହି ପରମାତ୍ମା ଅବସ୍ଥିତ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗାଣ୍ଠି

# ପିଲାଙ୍କୁ ସମୟ ଦିଅନ୍ତୁ, ମନୋବଳ ବଢାନ୍ତୁ



ଶ୍ୱେତା ରାଉତ୍

ପିଲାର ଶୈଶବ ହେଉଛି ବତୁରା ମାଟି ପରି।ଯେମିତି ଗଢ଼ିବା, ସେମିତି ଆକାର ନେବ। ଘରର ପରିବେଶ, ମା'ବାପାଙ୍କ ବ୍ୟବହାର, ତାଙ୍କର ସମୟ ଓ ସ୍ନେହ ଏହି ସବୁ ମିଶି ପିଲାର ଭବିଷ୍ୟତ ଗଢ଼େ। ଆମେ ପ୍ରାୟତଃ ଭାବୁଛୁ ଯେ, ପିଲାଙ୍କ ପାଇଁ ଅଧିକ ଅର୍ଥ ଉପାର୍ଜନ କରିବା ହିଁ ଆମର ମୁଖ୍ୟ କର୍ତ୍ତବ୍ୟ। କିନ୍ତୁ ଜଣେ ପିଲାଙ୍କୁ ଯଦି ପଚାରାଯାଏ ଯେ ସେ କ'ଣ ଚାହେଁ, ସେ ବୋଧେ କହିବ "ମୋ ସହ ଟିକେ ସମୟ ବସନ୍ତୁ, ମୋ କଥା ଶୁଣନ୍ତୁ, ମୋତେ ସ୍ନେହ କରନ୍ତୁ।" ଏହି ସରଳ ଆକାଂକ୍ଷା ମଧ୍ୟରେ ଗୋଟିଏ ଶିଶୁମନର ସମ୍ପୂର୍ଣ୍ଣ ଜଗତ ଲୁଚିଥାଏ।ଆଜିର ଭାଗଦୌଡ଼ ଭରା ଜୀବନରେ ମଣିଷ ନିଜ ସଫଳତା, ଚାକିରି, ଧନ ଓ ସାମାଜିକ ପ୍ରତିଷ୍ଠା ପଛରେ ଏତେ ବ୍ୟସ୍ତ ହୋଇପଡ଼ିଛି ଯେ, ସେ ଅଜାଣତେ ନିଜ ଘରର ସବୁଠୁ ମୂଲ୍ୟବାନ ସମ୍ପଦ ନିଜ ପିଲାଙ୍କୁ ସମୟ ଦେବାକୁ ଭୁଲିଯାଉଛି। ଘରେ ସମସ୍ତ ସୁବିଧା ଥାଏ, ଦାମୀ ଖେଳନା ଥାଏ, ଭଲ ସ୍କୁଲ୍ ଥାଏ, କିନ୍ତୁ ପିଲାର ମନ ଯଦି ଶୂନ୍ୟ ହୋଇଯାଏ, ତେବେ ସେ ସବୁ ସୁବିଧାର ମୂଲ୍ୟ କିଛି ରହେନାହିଁ। ପିଲାମାନେ ଧନ ନୁହେଁ, ସମୟ ଚାହାଁନ୍ତି; ଆଡମ୍ବର ନୁହେଁ, ସ୍ନେହ ଚାହାଁନ୍ତି; ଆଦେଶ ନୁହେଁ, ଆଶ୍ୱାସନ ଚାହାଁନ୍ତି। ଆଜି ଅନେକ ଘରରେ ମା'ବାପା ଓ ପିଲାଙ୍କ ମଧ୍ୟରେ ଭାବନାର ଦୂରତା ବଢ଼ିବାରେ ଲାଗିଛି। ପିଲା କିଛି କହିବାକୁ ଚାହେଁ, କିନ୍ତୁ ମା'ବାପା ମୋବାଇଲରେ ବ୍ୟସ୍ତ। ପିଲା ନିଜ ଭୟ, ଦୁଃଖ କିମ୍ବା ଖୁସି ସହଭାଗ କରିବାକୁ ଚାହେଁ, କିନ୍ତୁ ସମୟର ଅଭାବରେ ସେଥିରେ ଅବହେଳା ହୁଏ। ଧୀରେଧୀରେ ପିଲା ନିଜକୁ ଏକା ଭାବିବାକୁ ଲାଗେ। ସେ ବାହାରେ ହସୁଥାଏ, କିନ୍ତୁ ମନରେ ଭାଙ୍ଗୁଥାଏ। ଏହି ନୀରବତା ଦିନେ ତା'ର ଆତ୍ମବିଶ୍ୱାସକୁ ଭାଙ୍ଗିଦିଏ। ପିଲାଙ୍କର ମନୋବଳ ବଢ଼ାଇବାର ପ୍ରଥମ ଉପାୟ ହେଉଛି ତାଙ୍କୁ ଶୁଣିବା। ପ୍ରତ୍ୟେକ ପିଲାର ମନରେ ଅନେକ ପ୍ରଶ୍ନ ଥାଏ, ଅନେକ ଭୟ ଥାଏ, ଅନେକ ସ୍ୱପ୍ନ ଥାଏ। ସେ ଚାହେଁ କେହି ତା'କୁ ବୁଝନ୍ତୁ। ଯେତେବେଳେ ମା'ବାପା ତାଙ୍କ କଥା ଧୈର୍ଯ୍ୟର ସହିତ ଶୁଣନ୍ତି, ସେତେବେଳେ ପିଲା ଅନୁଭବ କରେ ଯେ ସେ ଏକା ନୁହେଁ,ଏହି ଭରସା ହିଁ ତା'ର ମନୋବଳର ମୂଳ ଆଧାର ହୁଏ।ପିଲାଙ୍କୁ ସବୁବେଳେ ତୁଳନା କରିବା ତାଙ୍କ ମନରେ ହୀନମନ୍ୟତା ସୃଷ୍ଟି କରେ। "ସେ ପିଲା ତୁମଠାରୁ ଭଲ ପଢୁଛି", "ତୁମେ କିଛି କରିପାରୁନାହାଁ"— ଏମିତି କଥା ଶିଶୁମନକୁ ଭାଙ୍ଗିଦେଏ। ପ୍ରତ୍ୟେକ ପିଲା ଅଲଗା, ପ୍ରତ୍ୟେକର କ୍ଷମତା ଅଲଗା। କାହାର ଚିତ୍ରାଙ୍କନରେ ରୁଚି ଥାଏ, କାହାର ସଙ୍ଗୀତରେ, କାହାର ଖେଳରେ, କାହାର ପଢ଼ାରେ। ତାଙ୍କ ଛୋଟ ଛୋଟ ସଫଳତାକୁ ଯଦି ପ୍ରଶଂସା କରାଯାଏ, ସେମାନଙ୍କ ମନରେ ଆତ୍ମବିଶ୍ୱାସର ଆଲୋକ ଉଜାଗର ହୋଇଉଠେ। ଅନେକ ସମୟରେ ଆମେ ପିଲାଙ୍କ ଭୁଲକୁ ଏତେ ବଡ଼ କରିଦେଉଛୁ ଯେ, ସେମାନେ ଭୟଭୀତ ହୋଇଯାନ୍ତି। କିନ୍ତୁ ଭୁଲ ହେଉଛି ଶିଖିବାର ଏକ ଅଂଶ। ପିଲା ଯଦି ଭୁଲ କରେ, ତା'କୁ ଅପମାନ କରିବା ବଦଳରେ ସ୍ନେହର ସହିତ ବୁଝାଇବା ଦରକାର। ଯେଉଁ ଘରେ ପିଲା ଭୟରେ ବଡ଼ ହୁଏ, ସେଠାରେ ତା'ର ବ୍ୟକ୍ତିତ୍ୱ ଦବିଯାଏ। କିନ୍ତୁ ଯେଉଁଠାରେ ସ୍ନେହ ଓ ଭରସା ଥାଏ, ସେଠାରେ ପିଲା ନିଜ ଭିତରେ ସାହସ ଖୋଜିପାଏ।

ଆଜି ଅନେକ ପିଲା ମନରେ ଚାପ, ଏକାକୀପଣ ଓ ଆତ୍ମବିଶ୍ୱାସ ଅଭାବରେ ଅସହାୟ ଭୋଗୁଛନ୍ତି। ବାହାର ଦୁନିଆର ପ୍ରତିସ୍ପର୍ଦ୍ଧା, ସୋସିଆଲ ମିଡିଆର ପ୍ରଭାବ ଓ ଅତ୍ୟଧିକ ଆଶା ତାଙ୍କୁ ମାନସିକ ଭାବେ କ୍ଳାନ୍ତ କରୁଛି। ଏପରି ସମୟରେ ମା'ବାପାଙ୍କ ଆଶ୍ୱାସନ ଭରା କଥା"ତୁମେ ପାରିବ"ତାଙ୍କ ମନରେ ଅଦ୍ଭୁତ ଶକ୍ତି ସୃଷ୍ଟି କରିପାରେ। ପିଲାଙ୍କୁ ଏହା ବୁଝାଇବା ଦରକାର ଯେ, ଜୀବନରେ ହାରିଯିବା ଅସଫଳତା ନୁହେଁ, ପୁଣିଥରେ ଚେଷ୍ଟା କରିବା ହିଁ ସତ୍ୟ ସାହସ।ଏହା ଛଡ଼ା ଆମର ବି ପିଲାଙ୍କ ପାଇଁ ବହୁତ ଦାୟିତ୍ୱ ଅଛି। ପରିବାରର ସ୍ନେହମୟ ପରିବେଶ ପିଲାଙ୍କ ମନକୁ ସୁସ୍ଥ ରଖେ। ଘରେ ଯଦି ସବୁବେଳେ କଳହ, କ୍ରୋଧ ଓ ଅଶାନ୍ତି ରହେ, ପିଲାର ମନ ଭିତରେ ଭୟ ଜନ୍ମ ନିଏ, ତେଣୁ ପରିବାରରେ ଶ୍ରଦ୍ଧା ଓ ଶୃଙ୍ଖଳା ବଜାୟ ରଖିବା ଆମର ଦାୟିତ୍ୱ। ଆଜି ଯେଉଁ ପିଲା ମା'ବାପାଙ୍କ ହାତ ଧରି ଚାଲୁଛି, ସମୟ ଚାହୁଁଛି, କିଛି ବର୍ଷ ପରେ ସେ ବଡ଼ ହୋଇ ନିଜ ଦୁନିଆରେ ବ୍ୟସ୍ତ ହୋଇଯିବ। ସେତେବେଳେ ବୋଧେ ମା'ବାପାଙ୍କ ପାଖରେ ସମୟ ଥିବ, କିନ୍ତୁ ପିଲାଙ୍କ ପାଖରେ ସମୟ ନଥିବ। ତେଣୁ ଆଜିଠାରୁ ନିଜ ପିଲାଙ୍କ ସହ କିଛି ମୁହୂର୍ତ୍ତ ବଞ୍ଚନ୍ତୁ। ତାଙ୍କ ହସରେ ନିଜ ଖୁସି ଖୋଜନ୍ତୁ, ତାଙ୍କ ଭୟକୁ ବୁଝନ୍ତୁ, ତାଙ୍କ ସ୍ୱପ୍ନକୁ ଉଡାଣ ଦିଅନ୍ତୁ। କାରଣ ଜଣେ ପିଲାର ମନୋବଳ କୌଣସି ବହିରୁ ନୁହେଁ, ମା'ବାପାଙ୍କ ସ୍ନେହ, ସମୟ ଓ ଭରସାରୁ ଗଢ଼ିଉଠେ। ଆମେ ଯଦି ପିଲାଙ୍କୁ ସମୟ ଦେବା, ସାହସ ଦେବା, ସହଯୋଗ ଦେବା, ସେମାନେ ଆମକୁ ଏକ ସୁନ୍ଦର ସମାଜ ଦେଇପାରିବେ, ନିଜକୁ ଶୃଙ୍ଖଳିତ ରଖି ଆମକୁ ଗର୍ବିତ କରିପାରିବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# କାୟା ମେଲାଉଛି ଫ୍ୟାଟି ଲିଭର ବିପଦ



ଯକୃତ ରୋଗ ସାଧାରଣତଃ ମଦ୍ୟପାନ ସହ ଜଡ଼ିତ ବୋଲି ପୂର୍ବରୁ ଧାରଣା ରହିଆସିଛି। ତେବେ ଆଜିକାଲି ଡାକ୍ତରଙ୍କ କହିବା ହେଲା, କ୍ୱଚିତ୍ ମଦ ପିଉଥିବା କିମ୍ବା ଆଦୌ ମଦ ପିଉ ନ ଥିବା ଲୋକଙ୍କଠାରେ ମଧ୍ୟ ଏହା ଦେଖାଯାଉଛି। ଯକୃତ ମଧ୍ୟରେ ମାତ୍ରାଧିକ ଚର୍ବି ଜମିଲେ ଏଭଳି ସମସ୍ୟା ଦେଖିବାକୁ ମିଳେ। ତେବେ ଏହାର ବାହ୍ୟ ଲକ୍ଷଣ କିଛି ଜଣାପଡ଼େ ନାହିଁ, ଅବଶ୍ୟ ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ସାମାନ୍ୟ ଅସୁସ୍ଥ ଅନୁଭବ କରନ୍ତି। ହେଲେ ଏହାକୁ କ୍ଳାନ୍ତି ଓ ସାମାନ୍ୟ ସ୍ୱାସ୍ଥ୍ୟଗତ ଅସଙ୍ଗତି ଭାବି ଗୁରୁତ୍ୱ ଦେଇ ନଥାନ୍ତି। ଧୀରେ ଧୀରେ ଯକୃତରେ ପ୍ରଦାହ ଘଟି ତାହା ବିକୃତ ହୋଇଯାଏ। ରୋଗ ଅତି ସାଂଘାତିକ ହେଲେ ଯକୃତ ଅକାମି ହୋଇଯାଏ। ପ୍ରାରମ୍ଭରେ କୌଣସି ଉପସର୍ଗ ଦେଖାଯାଉ ନ ଥିବାରୁ ଏହା ମାରାତ୍ମକ ରୂପ ନେଉଛି। ବିଶେଷଜ୍ଞଙ୍କ ମତରେ, ଯକୃତ ଅକାମି ହୋଇଗଲେ ମାନ୍ଦା ଲାଗିବା, କାମଳ ରୋଗ, ପେଟରେ ପାଣି ଜମିବା, ପାଦ ଫୁଲିବା ଓ ରକ୍ତବାନ୍ତି ଆଦି ହୁଏ।

ଯକୃତର ଅବସ୍ଥା ନିରୂପଣ କରିବାକୁ ଲୋକେ କେବଳ ଲିଭର ଫଙ୍କ୍‌ସନ୍ ରକ୍ତ ପରୀକ୍ଷା ଉପରେ ଧ୍ୟାନ ଦିଅନ୍ତି। ଏହି ପରୀକ୍ଷା ଭଲ, କିନ୍ତୁ ଏଥିରୁ ଯକୃତର ସମ୍ପୂର୍ଣ୍ଣ ତଥ୍ୟ ମିଳେ ନାହିଁ। ତେଣୁ ଡାକ୍ତରମାନେ କହନ୍ତି, ଏଥିପାଇଁ ଫାଇବ୍ରୋସ୍କାନ୍ କରାଇବା ଉଚିତ।

ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚର ତଥ୍ୟ ଅନୁସାରେ, ଭାରତରେ ମେଦ ବହୁଳତା, ମଧୁମେହ ଓ ମେଟାବୋଲିକ୍ ଅସଙ୍ଗତି ବୃଦ୍ଧି ପାଉଛି। ଏସବୁ ରୋଗ ଫ୍ୟାଟି ଲିଭର ବା ମେଟାବୋଲିକ୍ ଡିସ୍‌ଫଙ୍କ୍‌ସନ୍ ସହ ଜଡ଼ିତ। ଏହି ରୋଗର ନିର୍ଦ୍ଦିଷ୍ଟ କୌଣସି ଗୋଟିଏ କାରଣ ନାହିଁ। ଏହା ପ୍ରାୟ ଏକ ଦଶନ୍ଧି ହେଲା ବଦଳି ଚାଲିଥିବା ଜୀବନଶୈଳୀର ପରିଣାମ ବୋଲି ଡାକ୍ତରମାନେ କହୁଛନ୍ତି। ଏବେ ଖାଦ୍ୟପେୟ ଅଧିକ ପ୍ରକ୍ରିୟାକୃତ ହୋଇଛି। ଶାରୀରିକ କର୍ଯ୍ୟକଳାପ ବି କମୁଛି। ବିଳମ୍ବିତ ରାତିରେ ଖାଇବା ସାଧାରଣ କଥା ହୋଇଗଲାଣି। ତେଣେ ନିଦ୍ରାଚକ୍ରରେ ବ୍ୟାଘାତ ଘଟୁଛି। ସେହିପରି ଦୀର୍ଘ ସମୟ ବସି ରହିବା ମଧ୍ୟ ସ୍ୱାଭାବିକ ହୋଇଗଲାଣି।



ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସଭିଏଁ ଅଧିକ ସମୟ ଘରେ ରହୁଛନ୍ତି ବା ସ୍କ୍ରିନ୍ ଦେଖୁଛନ୍ତି। ଶରୀର ଦୀର୍ଘ ବର୍ଷ ଏସବୁ ସହି ସହି ପରିଶେଷରେ ନଷ୍ଟ ହୋଇଯାଉଛି। ଯକୃତରେ ଯନ୍ତ୍ରଣା ନ ହେବା ପର୍ଯ୍ୟନ୍ତ ଅଧିକାଂଶ ଲୋକ ଭାବନ୍ତି, ସବୁ ଠିକ୍ ଅଛି। ତେବେ ଭିତରେ ଯକୃତ ନିରବରେ ନଷ୍ଟହୋଇ ଚାଲିଥାଏ।

ଯକୃତର ଅବସ୍ଥା ନିରୂପଣ କରିବାକୁ ଲୋକେ କେବଳ ଲିଭର ଫଙ୍କ୍‌ସନ୍ ରକ୍ତ ପରୀକ୍ଷା ଉପରେ ଧ୍ୟାନ ଦିଅନ୍ତି। ଏହି ପରୀକ୍ଷା ଭଲ, କିନ୍ତୁ ଏଥିରୁ ଯକୃତର ସମ୍ପୂର୍ଣ୍ଣ ତଥ୍ୟ ମିଳେ ନାହିଁ। ତେଣୁ ଡାକ୍ତରମାନେ କହନ୍ତି, ଏଥିପାଇଁ ଫାଇବ୍ରୋସ୍କାନ୍ କରାଇବା ଉଚିତ। ପ୍ରାରମ୍ଭିକ ଅବସ୍ଥାରେ ରୋଗ ନିରୂପିତ ହୋଇପାରିଲେ ବିକୃତ ଯକୃତ ପୁଣି ସୁସ୍ଥ ହୋଇପାରିବ। ଆବଶ୍ୟକ ଚିକିତ୍ସା ପରେ କେତେକ ପରାମର୍ଶ ମାନି ଚଳିଲେ ମଧ୍ୟ କାଳକ୍ରମେ ଯକୃତରୁ ଚର୍ବି ଅଂଶ କମିଥାଏ। ଦୈନିକ ଚାଲିବା, ସପ୍ତାହକୁ ଦୁଇ ବା ତିନି ଥର 'ଷ୍ଟ୍ରେଙ୍ଗ୍‌ଥ ଟ୍ରେନିଂ' ବ୍ୟାୟାମ, ତନ୍ତୁ ସମୃଦ୍ଧ ଖାଦ୍ୟ, ଠିକ୍ ସମୟରେ ଶୋଇବା ଓ ମିଠାଜାତୀୟ ଖାଦ୍ୟ କମ୍ ଖାଇବା ଦ୍ୱାରା ଯକୃତରେ ଜମିଥିବା ଚର୍ବି କମିଥାଏ। ତେଣୁ ନିୟମିତ ଏସବୁ ଅଭ୍ୟାସ ଜରୁରି।

# ସମୁଦ୍ର ପଥରେ ନୂଆ ସଙ୍କଟ: ଭିଏଲଜିସି ଜାହାଜ ଅଭାବରୁ କମୁଛି ଏଲପିଜି ଯୋଗାଣ

ବର୍ତ୍ତମାନର ଭୂ-ରାଜନୈତିକ ଅସ୍ଥିରତା ଏବଂ ବିଶ୍ୱସ୍ତରୀୟ ସଙ୍କଟ ମଧ୍ୟରେ ଭାରତର ଶକ୍ତି ନିର୍ଭରଶୀଳତା ଏକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇଛି । ବିଶେଷ କରି ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଏବଂ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଫଳରେ ଭାରତର ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ ବା ଏଲପିଜି ଆମଦାନୀ ଗଭୀର ଭାବରେ ପ୍ରଭାବିତ ହୋଇଛି । ଭାରତ ନିଜର ବିପୁଳ ଘରୋଇ ଇନ୍ଧନ ଆବଶ୍ୟକତା ପୂରଣ କରିବା ପାଇଁ ପାରମ୍ପରିକ ଭାବରେ ପାରସ୍ୟ ଉପସାଗର ଉପରେ ନିର୍ଭର କରିଆସୁଥିଲା । ମାତ୍ର ସେଠାରେ ସଙ୍କଟ ଉପୁଜିବା ପରେ ଭାରତ ଆମେରିକା ଆଡ଼କୁ ମୁହାଁଇବାକୁ ବାଧ୍ୟ ହୋଇଛି । କିନ୍ତୁ ଏବେ ଆମେରିକାରୁ ଏଲପିଜି ଆମଦାନୀ କ୍ଷେତ୍ରରେ ଏକ ନୂତନ ଏବଂ ବଡ଼ ସମସ୍ୟା ଉପୁଜିଛି, ତାହା ହେଉଛି ଗ୍ୟାସ୍ ବାହକ ଜାହାଜ ବା 'ଭିଏଲଜିସି' (ଭେରି ଲାର୍ଜ ଗ୍ୟାସ୍ କ୍ୟାରିୟର)ର ଉତ୍କଟ ଅଭାବ । ଆମେରିକାରୁ ଆସୁଥିବା ଏଲପିଜି ଜାହାଜଗୁଡ଼ିକର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବା କାରଣରୁ ଭାରତର ଆମଦାନୀ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି । ଏହି ପରିସ୍ଥିତି କେବଳ ଭାରତର ଯୋଗାଣ ଶୃଙ୍ଖଳାକୁ ଦୁର୍ବଳ କରିନାହିଁ, ବରଂ ଆମର ରଣନୈତିକ ପରିବହନ ଭିତ୍ତିଭୂମିର ଅଭାବକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ପଦାରେ ପକାଇଦେଇଛି । ଶକ୍ତି ନିରାପତ୍ତା କ୍ଷେତ୍ରରେ କେବଳ ଉତ୍ପାଦନକାରୀ ରାଷ୍ଟ୍ର ସହ ଚୁକ୍ତି କରିବା ଯଥେଷ୍ଟ ନୁହେଁ, ବରଂ ତାହାକୁ ନିରାପଦରେ ନିଜ ଦେଶକୁ ଆଣିବାର ସାମର୍ଥ୍ୟ ରହିବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଘଟଣା ପ୍ରମାଣିତ କରିଛି ।

ପରିସଂଖ୍ୟାନ ଉପରେ ନଜର ପକାଇଲେ ଏହି ସଙ୍କଟର ଗମ୍ଭୀରତା ସ୍ପଷ୍ଟ ହୋଇଯାଏ । ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏଲପିଜି ଖାଉଟି ରାଷ୍ଟ୍ର, ଯାହାର ବାର୍ଷିକ ବ୍ୟବହାର ପ୍ରାୟ ୩୩ ନିୟୁତ ଟନ୍ ରହିଛି । ଆମ ଦେଶ ନିଜର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ । ଏହି ଆମଦାନୀର ଏକ ବିଶାଳ ଅଂଶ, ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ କେବଳ ହରମୁଜ୍ ପ୍ରଣାଳୀ ଦେଇ ପାରସ୍ୟ ଉପସାଗରରୁ ଆସୁଥିଲା । ୨୦୨୬ ମସିହା ଆରମ୍ଭରେ ଆମେରିକା-ଇସ୍ରାଏଲ୍ର ଇରାନ ଉପରେ ଯୁଦ୍ଧ କାରଣରୁ ଏହି ପ୍ରମୁଖ ସାମୁଦ୍ରିକ ପଥ ଏକପ୍ରକାର ବନ୍ଦ ହୋଇଯାଇଛି । ଫଳସ୍ୱରୂପ, ଭାରତର ଏଲପିଜି ଯୋଗାଣର ଏକ ବଡ଼ ଅଂଶ ଗୋଟିଏ ଝଟକାରେ ବାଧାପ୍ରାପ୍ତ ହୋଇଥିଲା । ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଭାରତ ଆମେରିକା ଉପରେ ନିର୍ଭର କରିବା ଆରମ୍ଭ କଲା । ଗ୍ଲୋବାଲ୍ ଟ୍ରେଡ୍ ଇଣ୍ଟେଲିଜେନ୍ସ ସଂସ୍ଥା 'କେପ୍ଲର'ର ତଥ୍ୟ ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଆମେରିକାରୁ ଭାରତକୁ ୪.୫ ଲକ୍ଷ ଟନ୍ ଏଲପିଜି ଆମଦାନୀ ହୋଇଥିଲା, ଯାହାକି ପୂର୍ବ ମାସଗୁଡ଼ିକ ତୁଳନାରେ (୩.୨ ଲକ୍ଷ ଏବଂ ୨.୭ ଲକ୍ଷ ଟନ୍) ଯଥେଷ୍ଟ ଅଧିକ ଥିଲା । ମାର୍ଚ୍ଚ ମାସରେ ଭାରତର ମୋଟ ଏଲପିଜି ଆମଦାନୀ ପ୍ରାୟ ୧୦ ଲକ୍ଷ ଟନ୍ ଛୁଇଁଥିଲା, ଯାହା ଏକ ଆଶ୍ୱାସନାର ବିଷୟ ଥିଲା । ତେବେ ଏହି ଆଶ୍ୱସ୍ତି ବେଶୀ ଦିନ ତିଷ୍ଠି ପାରିନଥିଲା । ଏପ୍ରିଲ୍ ମାସରେ ଆମେରିକାରୁ ଭାରତକୁ ଆସୁଥିବା ଏଲପିଜି ପରିମାଣ ୩.୭୨ ଲକ୍ଷ ଟନକୁ ଖସି ଆସିଥିବା ବେଳେ, ମେ' ମାସର ପ୍ରଥମାର୍ଦ୍ଧରେ ଏହା ମାତ୍ର ୧.୬୭ ଲକ୍ଷ ଟନରେ ସୀମିତ ରହିଛି । ଆମଦାନୀରେ ଏହି ଅଚାନକ ହ୍ରାସର ମୁଖ୍ୟ କାରଣ ଆମେରିକାରେ ଗ୍ୟାସ୍ ଉତ୍ପାଦନର ଅଭାବ ନୁହେଁ, ବରଂ ଏହାକୁ ବୋହି ଆଣିବା ପାଇଁ ଉପଲବ୍ଧ ବୃହତ୍ ଜାହାଜର ଘୋର ଅଭାବ ।

ଜାହାଜ ଅଭାବର ମୂଳ କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ସାମୁଦ୍ରିକ ପରିବହନ ପଥରେ ହୋଇଥିବା ପରିବର୍ତ୍ତନ ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ । ଲୋହିତ ସାଗର ଏବଂ ସୁଏଜ୍ କେନାଲ୍ ଦେଇ ଯାଇଥିବା ପଥ ସବୁଠାରୁ କମ୍ ଦୂରତା ବିଶିଷ୍ଟ ହୋଇଥିଲେ ମଧ୍ୟ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ହୁଥି ବିଦ୍ରୋହୀଙ୍କ କ୍ରମାଗତ ଆକ୍ରମଣ ଯୋଗୁଁ ୨୦୨୪ ଜାନୁଆରୀରୁ ଆମେରିକା-ଭାରତ ଜାହାଜ ଚଳାଚଳ ଏହି ପଥରେ ପ୍ରାୟତଃ ବନ୍ଦ ରହିଛି । ବର୍ତ୍ତମାନ ସୁରକ୍ଷା ଦୃଷ୍ଟିରୁ ଏବଂ ଅତ୍ୟଧିକ ବୀମା ଶୁଳ୍କରୁ ବର୍ତ୍ତିବା ପାଇଁ ଜାହାଜଗୁଡ଼ିକ ଆଫ୍ରିକା ମହାଦେଶକୁ ବୁଲି 'କେପ୍ ଅଫ୍ ଗୁଡ୍ ହୋପ୍' ପଥ ଦେଇ ଆସୁଛନ୍ତି । ରାଇଷ୍ଟାଡ୍ ଏନର୍ଜିର ବରିଷ୍ଠ ଉପାଧ୍ୟକ୍ଷ ମନୀଷ ସେଜୱାଲଙ୍କ ମତରେ, ବର୍ତ୍ତମାନ ଆମେରିକାରୁ ଏସିଆକୁ ଆସୁଥିବା ପ୍ରାୟ ୪୦ ପ୍ରତିଶତ ଏଲପିଜି କାର୍ଗୋ ଏହି ଦୀର୍ଘ ପଥ ଦେଇ ଯାତାୟାତ କରୁଛି । ଏହି ବିକଳ୍ପ ପଥ ଯୋଗୁଁ ଯାତ୍ରା ସମୟରେ ଅତିରିକ୍ତ ୨୦ ଦିନ ବା ତା'ଠାରୁ ଅଧିକ ସମୟ ଲାଗୁଛି । ଯାତ୍ରା ସମୟ ବଢ଼ିବା ଅର୍ଥ ହେଉଛି ଗୋଟିଏ ଜାହାଜ ଦୀର୍ଘ ଦିନ ଧରି ଗୋଟିଏ ଟ୍ରିପ୍‌ରେ ବ୍ୟସ୍ତ ରହିବା, ଯାହା ଫଳରେ ବଜାରରେ ଉପଲବ୍ଧ ଜାହାଜ ସଂଖ୍ୟା ଆପେ ଆପେ ସଙ୍କୁଚିତ ହୋଇଯାଉଛି ।

ଏହା ବ୍ୟତୀତ ପାନାମା କେନାଲରେ ଦେଖାଦେଇଥିବା ଭିଡ଼ ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି । ପାନାମା କେନାଲ୍ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ମଧ୍ୟରେ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ବା ଏଲଏନଜି ବହନ କରୁଥିବା ଜାହାଜଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି । ଏଲଏନଜି ଜାହାଜଗୁଡ଼ିକର ଚାହିଦା ଏବଂ ଗୁରୁତ୍ୱ ଅଧିକ ଥିବାରୁ ଏଲପିଜି ଜାହାଜଗୁଡ଼ିକୁ କେନାଲ୍ ପାର ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ଅନେକ ସମୟରେ କେନାଲ୍ ପାର ହେବା ପାଇଁ ହେଉଥିବା ନିଲାମରେ ସ୍ଲଟ୍ ଗୁଡ଼ିକର ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଉଛି, ଯାହା ଫଳରେ ଅନେକ ଏଲପିଜି ଜାହାଜ ପାନାମା କେନାଲ୍ ଛାଡ଼ି ପୁଣି ସେହି ଦୀର୍ଘ କେପ୍ ଅଫ୍ ଗୁଡ୍ ହୋପ୍ ପଥ ଆପଣାଇବାକୁ ବାଧ୍ୟ ହେଉଛନ୍ତି । ଏହିସବୁ କାରଣ ମିଳିତ ଭାବରେ ବିଶ୍ୱବ୍ୟାପୀ ଏଲପିଜି ଜାହାଜର ଏକ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛନ୍ତି ।

ଏହି ଲଜିଷ୍ଟିକ୍ ସଙ୍କଟର ସିଧାସଳଖ ପ୍ରଭାବ ପରିବହନ ଶୁଳ୍କ ବା ଫ୍ରେଟ୍ ରେଟ୍ ଉପରେ ପଡ଼ିଛି, ଯାହାକି ଭାରତ ପରି ଏକ ବିକାଶଶୀଳ ଅର୍ଥନୀତି ପାଇଁ ଅତ୍ୟନ୍ତ ଉଦବେଗଜନକ । ଜାହାଜର ଅଭାବ ଏବଂ ଦୀର୍ଘ ଯାତ୍ରାପଥ କାରଣରୁ ଆମେରିକା ଗଲ୍ଫ ଉପକୂଳରୁ ଏସିଆକୁ ଭିଏଲଜିସି ଜାହାଜର ଭଡ଼ା ରେକର୍ଡ ସ୍ତରରେ ପହଞ୍ଚିଛି । ସାମ୍ପ୍ରତିକ ପ୍ରକାଶିତ ତଥ୍ୟ ଅନୁଯାୟୀ, ହ୍ୟୁଷ୍ଟନରୁ ଏସିଆ ପଥ ପାଇଁ ଏହି ଶୁଳ୍କ ଟନ୍ ପିଛା ୩୦୫ ଡଲାର ଛୁଇଁଛି, ଯାହାକି ଯୁଦ୍ଧ ପୂର୍ବରୁ ମାତ୍ର ୧୪୭ ଡଲାର ଥିଲା । ଅର୍ଥାତ୍ ପରିବହନ ଖର୍ଚ୍ଚ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି । ଯେତେବେଳେ ଆମଦାନୀ ଖର୍ଚ୍ଚ ଏତେ ମାତ୍ରାରେ ବଢ଼ିଯାଏ, ସେତେବେଳେ ଘରୋଇ ବଜାରରେ ଏଲପିଜି ଦର ନିୟନ୍ତ୍ରଣରେ ରଖିବା ସରକାରଙ୍କ ପାଇଁ ଏକ ବିରାଟ ଆର୍ଥିକ ବୋଝ ପାଲଟିଯାଏ । ଭାରତରେ ବର୍ତ୍ତମାନ ୩୩ କୋଟିରୁ ଅଧିକ ଏଲପିଜି ଗ୍ରାହକ ଅଛନ୍ତି, ଯେଉଁଥିରୁ ୧୦ କୋଟିରୁ ଊର୍ଦ୍ଧ୍ୱ କେବଳ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ । ଏହି ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ଉପରେ ବର୍ଦ୍ଧିତ ମୂଲ୍ୟର ବୋଝ ସିଧାସଳଖ ଲଦିଦେବା ସମ୍ଭବ ନୁହେଁ । ତେଣୁ ଇଣ୍ଡିଆନ୍ ଅଏଲ୍, ବିପିସିଏଲ୍ ଏବଂ ଏଚପିସିଏଲ୍ ପରି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଏହି ବିପୁଳ କ୍ଷତି ସହିବାକୁ ପଡୁଛି, ଯାହା ଦେଶର ସାମଗ୍ରିକ ଅର୍ଥବ୍ୟବସ୍ଥା ଉପରେ ଏକ ଅଦୃଶ୍ୟ ଚାପ ସୃଷ୍ଟି କରୁଛି ।

ଏହି ପରିପ୍ରେକ୍ଷୀରେ ଭାରତର ନିଜସ୍ୱ ସାମୁଦ୍ରିକ ପରିବହନ ଭିତ୍ତିଭୂମିର ଦୁର୍ବଳତା ଏବଂ ଅଦୂରଦର୍ଶିତା ସ୍ପଷ୍ଟ ବାରି ହୋଇପଡୁଛି । ପୂର୍ବରୁ ଯେତେବେଳେ ପାରସ୍ୟ ଉପସାଗରରୁ ଏଲପିଜି ଆସୁଥିଲା, ସେତେବେଳେ କାତାରରୁ ମୁମ୍ବାଇକୁ ଏକ ରାଉଣ୍ଡ-ଟ୍ରିପ୍ ପାଇଁ ମାତ୍ର ୧୦ ଦିନ ଏବଂ କୋଲକାତା ପାଇଁ ପ୍ରାୟ ୨୦ ଦିନ ଲାଗୁଥିଲା । ଭାରତ ପାଖରେ ଥିବା ପ୍ରାୟ ୨୦ଟି ଭାରତୀୟ ପତାକାବାହୀ ଜାହାଜ ଏହି ସ୍ୱଳ୍ପ ଦୂରତା ପାଇଁ ଯଥେଷ୍ଟ ଥିଲା ଏବଂ ଏକ ନିରବଚ୍ଛିନ୍ନ ଯୋଗାଣ ଶୃଙ୍ଖଳା ବା 'କନଭେୟର୍ ବେଲ୍ଟ' ବଜାୟ ରହିପାରୁଥିଲା । ମାତ୍ର ବର୍ତ୍ତମାନ ଆମେରିକାରୁ ଏକ ରାଉଣ୍ଡ-ଟ୍ରିପ୍ ପାଇଁ ପ୍ରାୟ ୯୦ ଦିନ ସମୟ ଲାଗୁଛି । ଏତେ ଦୀର୍ଘ ଦୂରତା ପାଇଁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ହେଲେ ଭାରତକୁ ବର୍ତ୍ତମାନ ତୁଳନାରେ ଅନେକ ଗୁଣ ଅଧିକ ନିଜସ୍ୱ ଜାହାଜର ଆବଶ୍ୟକତା ରହିଛି । ଯଦିଓ ଭାରତ ମଧ୍ୟପ୍ରାଚ୍ୟରୁ ଫେରିଥିବା ନିଜର ୪ଟି ବୃହତ୍ ଭିଏଲଜିସି ଜାହାଜକୁ ଆମେରିକା ପଥରେ ନିୟୋଜିତ କରିଛି, ତଥାପି ଏହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ନିଜସ୍ୱ ଜାହାଜର ଘୋର ଅଭାବ ଯୋଗୁଁ ଭାରତକୁ ବାଧ୍ୟ ହୋଇ ବିଦେଶୀ ଜାହାଜ ଉପରେ ଏବଂ ଉଚ୍ଚ ମୂଲ୍ୟରେ ତତ୍କାଳ କାର୍ଗୋ ବା ସ୍ପଟ୍ ମାର୍କେଟ୍ ଉପରେ ନିର୍ଭର କରିବାକୁ ପଡୁଛି । ଏହି ପରାଧୀନତା ହିଁ ଆମେରିକାରୁ ଆସୁଥିବା ଏଲପିଜି ଆମଦାନୀ ହ୍ରାସ ପାଇବାର ଅନ୍ୟତମ ପ୍ରମୁଖ କାରଣ । ବିପୁଳ ଚାହିଦା ସତ୍ତ୍ୱେ ଆବଶ୍ୟକୀୟ ଜାହାଜ ନ ମିଳିବା କାରଣରୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଚାହିଁକରି ମଧ୍ୟ ପର୍ଯ୍ୟାପ୍ତ ଗ୍ୟାସ୍ ଆଣିପାରୁନାହାନ୍ତି ।

ଯୋଗାଣରେ ଏହି ଅବନତିର ପ୍ରଭାବ ଘରୋଇ ବଜାରରେ ସ୍ପଷ୍ଟ ରୂପେ ଦେଖିବାକୁ ମିଳିଛି ଏବଂ ଏହା ଦେଶର ଇନ୍ଧନ ବ୍ୟବହାର ଢାଞ୍ଚାକୁ ଦୋହଲାଇ ଦେଇଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ମାର୍ଚ୍ଚ ମାସରେ ଭାରତର ଏଲପିଜି ବ୍ୟବହାର ୧୨.୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏପ୍ରିଲ ମାସରେ ଏହା ଐତିହାସିକ ଭାବରେ ୧୬ ପ୍ରତିଶତ ଖସିଆସିଛି । ଏହି ହ୍ରାସ ଲୋକଙ୍କ ଚାହିଦା କମିବା କାରଣରୁ ନୁହେଁ, ବରଂ ଯୋଗାଣରେ ବାଧା ଏବଂ ସରକାରଙ୍କ ଦ୍ୱାରା ନିଆଯାଇଥିବା କଠୋର ନିୟନ୍ତ୍ରଣମୂଳକ ପଦକ୍ଷେପ କାରଣରୁ ଘଟିଛି । ଘରୋଇ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ବାଣିଜ୍ୟିକ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଏଲପିଜି କୋଟାରେ ବ୍ୟାପକ କାଟଛାଣ୍ଟ କରିଛନ୍ତି । ଏପରିକି ଘରୋଇ ରିଫାଇନାରୀଗୁଡ଼ିକୁ ଅନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦନ କମାଇ ସର୍ବାଧିକ ଏଲପିଜି ଉତ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଫଳରେ ଘରୋଇ ଉତ୍ପାଦନରେ ୨୫ ପ୍ରତିଶତ ବୃଦ୍ଧି ଘଟିଛି । ତଥାପି ସଙ୍କଟ ଏତେ ଘନୀଭୂତ ହୋଇଛି ଯେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ନିୟାମକ ବୋର୍ଡ (PNGRB) ପକ୍ଷରୁ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ବା ପିଏନଜି ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ସେମାନଙ୍କର ଏଲପିଜି ସଂଯୋଗ ସ୍ୱେଚ୍ଛାକୃତ ଭାବେ ଫେରାଇ ଦେବାକୁ ଏକ ଜରୁରୀ ନିବେଦନ କରାଯାଇଛି ।

ପରିଶେଷରେ, ଆମେରିକାରୁ ଏଲପିଜି ଆମଦାନୀ କ୍ଷେତ୍ରରେ ଦେଖାଦେଇଥିବା ଜାହାଜ ସଙ୍କଟ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଓ ସତର୍କଘଣ୍ଟି । ବିଶ୍ୱବ୍ୟାପୀ ଭୂ-ରାଜନୈତିକ ସମୀକରଣ ଦ୍ରୁତ ଗତିରେ ବଦଳୁଥିବା ବେଳେ କେବଳ ଗୋଟିଏ କ୍ଷେତ୍ର ବା ଗୋଟିଏ ସାମୁଦ୍ରିକ ପଥ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶର ଶକ୍ତି ନିରାପତ୍ତା ପ୍ରତି କିଭଳି ବିପଦ ସୃଷ୍ଟି କରିପାରେ, ତାହା ଆଜି ପ୍ରମାଣିତ ହୋଇଛି । ମଧ୍ୟପ୍ରାଚ୍ୟରୁ ଆମେରିକାକୁ ଆମଦାନୀର ଉତ୍ସ ବଦଳାଇବା ଏକ ସାମୟିକ ବିକଳ୍ପ ହୋଇପାରେ, କିନ୍ତୁ ଦୀର୍ଘମିଆଦୀ ସମାଧାନ ପାଇଁ ଭାରତକୁ ନିଜର ସାମୁଦ୍ରିକ ପରିବହନ କ୍ଷମତାକୁ ବହୁଗୁଣିତ କରିବାକୁ ପଡ଼ିବ । ନିଜସ୍ୱ ଭିଏଲଜିସି ଜାହାଜର ସଂଖ୍ୟା ବୃଦ୍ଧି କରିବା, ଅଶୋଧିତ ତୈଳ ଭଳି ରଣନୈତିକ ଏଲପିଜି ଭଣ୍ଡାର ନିର୍ମାଣ କରିବା ଏବଂ ବିକଳ୍ପ ସବୁଜ ଇନ୍ଧନର ବିକାଶ ଉପରେ ତୁରନ୍ତ ଗୁରୁତ୍ୱ ଦେବା ବର୍ତ୍ତମାନ ସମୟର ଆହ୍ୱାନ । ଯଦିଓ ତୈଳ ବିପଣନ କମ୍ପାନୀଗୁଡ଼ିକ ଆମେରିକାରୁ ସ୍ପଟ୍ ମାର୍କେଟ୍ ଜରିଆରେ ଏଲପିଜି ଆଣିବାକୁ ଆପ୍ରାଣ ପ୍ରୟାସ କରୁଛନ୍ତି, ତଥାପି ଏହି ପ୍ରୟାସକୁ ଏକ ସୁଦୃଢ଼ ଲଜିଷ୍ଟିକ୍ସ ଭିତ୍ତିଭୂମିର ସମର୍ଥନ ନ ମିଳିଲେ ଦେଶର କୋଟି କୋଟି ରୋଷେଇ ଘରର ଚୁଲି ଜଳିବା କଷ୍ଟକର ହୋଇପଡ଼ିବ । ଏହି ସଙ୍କଟ ସ୍ପଷ୍ଟ କରିଦେଇଛି ଯେ ପ୍ରକୃତ ଶକ୍ତି ନିରାପତ୍ତା କେବଳ ଇନ୍ଧନ କିଣିବାର ଆର୍ଥିକ କ୍ଷମତାରେ ସୀମିତ ନୁହେଁ, ବରଂ ତାହାକୁ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ନିରାପଦ ଓ ନିରନ୍ତର ଭାବରେ ଦେଶ ଭିତରକୁ ଆଣିବାର ସାମର୍ଥ୍ୟ ଉପରେ ହିଁ ନିର୍ଭର କରେ । ଭାରତକୁ ନିଜର ଭବିଷ୍ୟତ ଶକ୍ତି ନୀତିରେ ଏହି ଦିଗ ପ୍ରତି ସର୍ବାଧିକ ପ୍ରାଧାନ୍ୟ ଦେବାକୁ ହେବ ।

# ପ୍ରଥମଥର ପାଇଁ ଟପିବ ବିଶ୍ୱ ଉତ୍ତପ୍ତୀ କରଣ ସୀମା



**ଅଲେଖ ଚନ୍ଦ୍ର ସାମଲ**

ପ୍ରଚଣ୍ଡ ଝାଞ୍ଜି, ଗରମ ଏହା ଭିତରେ କେଉଁଠି ପ୍ରବଳ ଥଣ୍ଡା ଭଳି ଅଚାନକ ଚରମ ତାପମାତ୍ରାର ଉତ୍ଥାନ ପତନ ଯୋଗୁଁ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୩୪ ହଜାରରୁ ଅଧିକ ଲୋକଙ୍କର ଅକାଳରେ ଜୀବନ ନିର୍ବାପିତ ହୋଇଯାଇଛି ବୋଲି 'ଟେମ୍ପେରେଚର' ପତ୍ରିକାରେ ଉଲ୍ଲେଖ ରହିଛି । ଭାରତୀୟ ପାଣିପାଗ ବିଭାଗ ଓ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୦୧ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାପ୍ତ ତଥ୍ୟକୁ ଗବେଷଣାତ୍ମକ ତର୍ଜମା ଓ ଗବେଷକମାନଙ୍କ ନିର୍ଯ୍ୟାସ ପ୍ରକାଶ କରିଛନ୍ତି । ଅନ୍ୟଏକ ଅଧ୍ୟୟନ ତଥ୍ୟ ମଧ୍ୟ ଉଲ୍ଲେଖ କରିଛିଯେ ପୁରୁଷ ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ଉଭୟ ବର୍ଗ ଗରମ ପ୍ରବାହରୁ ସେମାନଙ୍କ ଜୀବନ ସଙ୍କଟାପନ୍ନ । ତେବେ ଏସବୁ ଭିତରେ ଭାରତର ରାଜଧାନୀର ଅଚାନକ ପାଣିପାଗ ଗଣମାଧ୍ୟମର ବଡ଼ ଖବର ଭାବେ ସ୍ଥାନିତ ହୋଇଛି । ନୂଆଦିଲ୍ଲୀ ସମେତ ଏନସିଆର ଅଞ୍ଚଳରେ ପାରମ୍ପରିକ ଗରମ ଓ ଶୁଷ୍କତା ଲାଗି ରହୁଥିବାବେଳେ ବର୍ଷା ଭିଜା ସମୟ ଗତ ତିନିମାସ ଭିତରେ ଦୁଇତିନିଥର ବ୍ୟତୀତ ଅଧିକ ରହିନାହିଁ । ତେବେ ବେଳେ ବେଳେ ଦିଲ୍ଲୀ ମହାନଗରୀରେ ଅଦିନରେ ମଧ୍ୟ ବର୍ଷା ହୋଇ ପରିବେଶକୁ ଅସଜଡ଼ା କରିଦେଉଛି । ପାଣିପାଗ ବିଶେଷଜ୍ଞ ମାନଙ୍କ ତଥ୍ୟ ଏକାଧିକ ପଶ୍ଚିମା ବିଶୃଙ୍ଖଳା ଏହାର କାରଣ ବୋଲି ମତ ଦେଇଥାନ୍ତି । ତେବେ ଦିଲ୍ଲୀରେ ଯେଉଁ କିଛି ଦିନ ଭିତରେ ଅଚାନକ ବର୍ଷା ହେଉଛି ଏହାର ବଡ଼ କାରଣ ହେଉଛି ସମୁଦ୍ର ବାୟୁରୁ ପ୍ରଚୁର ଆର୍ଦ୍ରତା ଗ୍ରହଣ କରି ଉତ୍ତର ଭାରତରେ ପହଞ୍ଚିବାପରେ ବର୍ଷା ଓ ପବନ ସୃଷ୍ଟି କରିଥାଏ ଯାହାଦ୍ୱାରା ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଏପରିକି ବଜ୍ରପାତ ମଧ୍ୟ ହେବାର ରେକର୍ଡ଼ ରହିଛି ।

ଭୀଷଣ ଗ୍ରୀଷ୍ମ ପ୍ରବାହଓ ଘାତକ ଝଡ଼ର ସମ୍ମୁଖୀନ ହୋଇଥିବା ଚଳିତ ୨୦୨୬ମସିହା ନିଶ୍ଚିତ ଭାବରେ ମଣିଷ ଦ୍ୱାରା ପଞ୍ଜୀକୃତ ସବୁଠୁ ଉଷ୍ମ ବର୍ଷ ହେବ ବୋଲି ୟୁରୋପୀୟ ଜଳବାୟୁ ସେବା ପକ୍ଷରୁ କୁହାଯାଇଛି । ବର୍ଷ ତମାମ ବିଶ୍ୱର ହାରାହାରି ତାପମାତ୍ରା ଶିଳ୍ପ ଯୁଗ ୧୮୫୦-୧୯୦୦ପୂର୍ବ ତାପମାତ୍ରା ଠାରୁ ଢ଼େର ଡିଗ୍ରୀ ସେଲସିୟସ ଉପରେ ରହିବା ସୀମାକୁ ଟପିଯିବ, ଫଳରେ ୨୦୨୬ ମସିହା ସେହି ପ୍ରତୀକାତ୍ମକ ସୀମାକୁ ଭାଙ୍ଗିବାର ପ୍ରଥମ କ୍ୟାଲେଣ୍ଡର ବର୍ଷ ହେବ । ଏପରି ଉଚ୍ଚ ତାପମାତ୍ରା ପାଇଁ 'ଏଲ ନିନୋ' ପରି ପ୍ରାକୃତିକ ଜଳବାୟୁ ଢ଼ାଞ୍ଚାର ଅବଦାନ କ୍ୱଚିତ ରହିଥିବା ବେଳେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନର ପ୍ରମୁଖ ଭୂମିକା ରହିଛି । ଅର୍ଥାତ୍ ୧.୫ଡିଗ୍ରୀ ସେଲସିୟସ ତାପମାତ୍ରା ସୀମାକୁ ଆଉ ନ ବଢ଼ାଇବା ଦିଗରେ ରାଷ୍ଟ୍ରମାନେ ବିହିତ ପଦକ୍ଷେପମାନ ନେବାକୁ ଏହା ଆହ୍ୱାନ କରିଛି ।

ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରଥମ ଦଶମାସ ଭିତରେ ହାରାହାରି ବୈଶ୍ୱିକ ତାପମାତ୍ରାଏତେ ଅଧିକ ରହିଆସିଛି ଯେ ଅନ୍ତିମ ଦୁଇ ମାସ ଭିତରେ ତାପମାତ୍ରାରେ ତୀବ୍ର ହ୍ରାସ ହେଲେ ହିଁ ଏକ ନୂତନ ରେକର୍ଡ଼ ସ୍ଥାପନକୁ ଏଡ଼ାଇ ହେବ । ପ୍ରକୃତରେ ୨୦୨୬, ଶେଷ ବେଳକୁ ହାରାହାରି ତାପମାତ୍ରା ଶିଳ୍ପ ଯୁଗ ତାପମାତ୍ରା ଠାରୁ ୧.୫୫ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ଆକଳନ କରାଯାଉଛି । ୨୦୧୫ ପ୍ୟାରିସ ରାଜିନାମା ଅନୁଯାୟୀ ପ୍ରାୟ ୨୦୦ ପାଖାପାଖି ରାଷ୍ଟ୍ର ସେମାନଙ୍କର ଜୀବାଶ୍ମ ତୈଳଦହନ ପରିମାଣକୁ ହ୍ରାସ କରାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ପାଳିତ ହେଉନଥିବାରୁ ତାପମାତ୍ରା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ମଧ୍ୟ ଘଟି ଚାଲିଛି । ଚଳିତ ବର୍ଷପରି ଯଦି ତାପମାତ୍ରା ୧.୫ ସେଲସିୟସ ବୃଦ୍ଧି ସୀମାକୁ ଉଲ୍ଲଂଘନ କରିଚାଲେ, ତେବେ ଚଳିତ ଶତାବ୍ଦୀ ଶେଷ ବେଳକୁ ତାହା ୩ ଡିଗ୍ରୀ ସେଲସିୟସ ଠାରୁ ଅଧିକ ହୋଇଯିବ ବୋଲି ମିଳିତ ଜାତିସଂଘ ସତର୍କ କରାଇ ଦେଇଛି । ଅବଶ୍ୟ ଖୁବ ଶୀଘ୍ର 'ଏଲ ନିନୋ'ର ବିପରୀତ ପ୍ରଭାବ 'ଲା ନିନା' ଜନିତ ଶୀତ ପ୍ରବାହ ଯୋଗୁଁ ଆସନ୍ତା ବର୍ଷ ତାପମାତ୍ରାରେ ସାମୟିକ ହ୍ରାସ ଘଟିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି । ତେବେ ତାହା ଏହି ହାରାହାରି ସୀମାକୁ ନିୟନ୍ତ୍ରଣ କରିବାରେ ପର୍ଯ୍ୟାପ୍ତ ହେବନାହିଁ ବୋଲି ମଧ୍ୟ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ତେଣୁ ପାଣିପାଗ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଯୋଗୁଁ ହେଉଥିବା ଖର୍ଚ୍ଚକୁ ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ଶୂନ କରି ବିଶ୍ୱ ତାପମାତ୍ରାରେ ସ୍ଥିରତା ଆଣିବା ବୋଲି ବିଶେଷଜ୍ଞମାନଙ୍କର ମତ ।

ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେବଳ ନିଜ ଘର ନୁହେଁ ପରିବେଶ ଓ ସମାଜର ସବୁ ଅଞ୍ଚଳ ପ୍ରଦୂଷଣମୁକ୍ତ ରହିବ, ବନାଗ୍ନି ସୃଷ୍ଟି ନ ହେବ, ବ୍ୟାପକ ବୃକ୍ଷରୋପଣ ସହିତ ବୃକ୍ଷ ସଂରକ୍ଷଣ ଓ ବିଶେଷକରି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା । ନିଜ ଆଖପାଖ ଅଞ୍ଚଳ ସହିତ ସମ୍ପ୍ରସାରିତ ଜାଗା ଗୁଡ଼ିକ କିପରି ସବୁଜ ବନାନୀ ଭାବେ ହସି ଉଠିବ, ଆପଣ ଥଣ୍ଡା ଥଣ୍ଡା ଯେଉଁ ଦଲକାଏ ପବନ ପାଇବେ ଅନୁଭବ କରିବେ ବାସ୍ତବରେ ଏହି କଥା କହୁନଥିବା ଗଛଲତା ମାନଙ୍କର ମଧ୍ୟ ଜୀବନ ଅଛି । ସେମାନଙ୍କୁ କଷ୍ଟ ଲାଗୁଛି, ସେମାନଙ୍କ ଆଖିରୁ ଲୁହ ବାହାରୁଛି, ସମସ୍ତେ ଜାଣିଛେ ତଥାପି ଆମେ ଗଛଲତାକୁ ବାସ୍ତବରେ ଭଲପାଉଛେ ? ଜୀବନ ଧାରଣ ଓ ଶିଳ୍ପ ତଥା ବ୍ୟବସାୟ ପରି କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଅନୁମତି ଭିତ୍ତିକ ବୃକ୍ଷ ଛେଦନ ହୋଇପାରେ କିନ୍ତୁ ବୃକ୍ଷରୋପଣକୁ ବ୍ୟାପକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ବଡ଼ କାର୍ଯ୍ୟ । ପିଲାମାନଙ୍କୁ ବିଦ୍ୟାଳୟସ୍ତରୀୟ କେବଳ ବହି ପଢ଼ା ନରଖି ସେମାନେ ସବୁଜ ପରିବେଶ, କଂକ୍ରିଟ ପରିବେଶ ଭିତରେ ପ୍ରଭେଦ ଦେଖନ୍ତୁ । ଅନୁଭବ କରନ୍ତୁ ବାସ୍ତବ ଜୀବନରେ ଗଛଲତା ସେମାନଙ୍କ ପାଇଁ କେତେ ପରମ ଆନନ୍ଦଦାୟକ । ଦିନକୁ ଦିନ ଯେଉଁପରି ଭାବେ ଗଛ କଟା ଚାଲିଛି, ଜଳୀୟ ସ୍ରୋତ ପ୍ରଦୂଷଣରେ ଭର୍ତ୍ତି ହେଉଛି, ଅସଂଖ୍ୟ ବୋରିଂ ଠାରୁ ଜଳ ପ୍ରବାହର ସ୍ରୋତ ଅନେକ କ୍ଷେତ୍ରରେ ଅବିଚାରିତ ଭାବେ ଚାଲିଛି । ଏସବୁର ତୁରନ୍ତ ପରିଚ୍ଛେଦ ଦରକାର । କେବଳ ପ୍ରଶାସନ ଉପରେ ଦାୟିତ୍ୱ ନିର୍ବାହ ନକରି ନିଜ ଘରୁ, ସାହିରୁ, ଗ୍ରାମରୁ, ଜିଲ୍ଲା, ତମାମ ସମାଜ ସବୁ କ୍ଷେତ୍ରକୁ ସବୁଜମୟ କରିବା ସହ ଆମ ପାଇଁ ପ୍ରକୃତି ଓ ପ୍ରାକୃତିକ ସମ୍ପଦ କେତେ ଯେ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଏହା ଅନ୍ୟମାନଙ୍କ ଭିତରେ ଉପଲବ୍ଧି କରାଇବା ।

+ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ସୃଷ୍ଟି ନା ଧ୍ୱଂସ ?



**ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ**

ସମଗ୍ର ବିଶ୍ୱ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ । ଘୋର ସଙ୍କଟରେ ସ୍ୱଚ୍ଛତା, ନୀତିନିଷ୍ଠ ମାନସିକତା, ରୁଦ୍ରାକ୍ଷ ବିମଣ୍ଡିତ ବିଶ୍ୱସନୀୟତା ଓ ବିଶେଷକରି ମୁକ୍ତ ଆଚାର ସଂହିତା । ନୈରାଶ୍ୟର ଖଣ୍ଡ ଖଣ୍ଡ କଳାମେଘ ତଳେ ଆତ୍ମଗୋପନ କରିଛି ଆଶାର ସୁନେଲି କିରଣ । ଯୁଦ୍ଧର ଦୁନ୍ଦୁଭିରେ ଚକିତ ଏ ମଣିଷ ସମାଜ । ଧ୍ୱଂସ ପରେ ଧ୍ୱଂସ । ଥମିବାରେ ନାଁ ଧରୁନି ଆଦୌ । ଗର୍ବ, ହିଂସା, ଅହଙ୍କାର ଓ ପରଶ୍ରୀକାତରତା ଇତ୍ୟାଦିର ମାୟାଜାଲ ମଣିଷକୁ ରସାତଳ କଲାଣି । ସମାଜ ଏବେ ପତନୋନ୍ମୁଖୀ ।

ହଜିଲାଣି ମାନବିକତାର ମଧୁର ରାଗିଣୀ । ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବା ବର୍ତ୍ତମାନ ଏକପ୍ରକାର ଅସମ୍ଭବ । ଠିକ ଓ ଭୁଲର ବିଚାର କରିବାର ଶକ୍ତି ଆଉ ମଣିଷର ଆୟତ୍ତରେ ନାହିଁ । ନକରାତ୍ମକ ଶକ୍ତିର କୁପ୍ରଭାବରେ ସକରାତ୍ମକ ଶକ୍ତି ଦିନକୁଦିନ ଦୁର୍ବଳ ହେବାରେ ଲାଗିଛି । ଏସବୁ ବିଷୟରେ ସତର୍କତାର ସହ ତର୍ଜମା କରିବାର ଯଥାର୍ଥ ସମୟ ଆସିଛି । ଗର୍ବ, ଦମ୍ଭ ଓ ଅହଙ୍କାରର ରୂପ ଯେ କ୍ଷଣସ୍ଥାୟୀ ତାହା ମଧ୍ୟ ଅନୁଭବ କରିବାର ଆବଶ୍ୟକତା ଅଛି । ଏ ସଂକ୍ରାନ୍ତରେ ଏକ ସୁନ୍ଦର କାହାଣୀର ଅବତାରଣା କରଯାଇପାରେ-

ଦିନେ ସକାଳେ ଜଣେ ଲୋକ ପାଗଳପ୍ରାୟ ଶ୍ମଶାନ ମଝିରେ କିଛି ଖୋଜୁଥିବାର ଲକ୍ଷ୍ୟ କରାଗଲା । ସେ ଖୁବ ବିଚଳିତ ଓ ବିବ୍ରତ ଥିବାର ଲାଗୁଥିଲେ । ତାଙ୍କୁ ଦେଖି ସେଇ ବାଟ ଦେଇ ଯାଉଥିବା ଜଣେ ସନ୍ନ୍ୟାସୀ କ'ଣ କରୁଛ ବୋଲି ତାଙ୍କୁ ପଚାରନ୍ତେ ତତକ୍ଷଣାତ ଉତ୍ତରରେ ସେ କହିଲେ ଯେ ଶ୍ମଶାନରେ ପଡ଼ିଥିବା ଚିତାଭସ୍ମଗୁଡିକୁ ଯତ୍ନରସହ ସେ ପରଖୁଥିଲେ । କାରଣ ଜଣେ ଧନୀ ଓ ଅହଙ୍କାରୀ ଲୋକ ଏବଂ ଆଉ ଜଣେ ନୀରିହ ଗରିବ ଲୋକଟିର ଚିତାଭସ୍ମ ମଧ୍ୟରେ ଫରକ କ'ଣ ଥିଲା ବୋଲି ଜାଣିବାକୁ ସେ ଚାହୁଁଥିଲେ । ସନ୍ନ୍ୟାସୀଜଣକ ଟିକେ ସ୍ମିତହସି ପଚାରିଲେ ଯେ ସେ କ'ଣ ଫରକ ଦେଖିଲେ । ଲୋକଟି ଟିକେ ବିସ୍ମିତ ହୋଇ କହିଲେ ଯେ ସେ ଦୁହିଁଙ୍କ ମଧ୍ୟରେ କିଛି ଫରକ ଦେଖିବାକୁ ପାଉନଥିଲେ । ସବୁ ଭସ୍ମ ତ ସମାନ । ସେ ଆଶ୍ଚର୍ଯ୍ୟ ହୋଇ ପୁଣି ପଚାରିଲେ ଯେ ସେ ଧନୀ ଲୋକଟି ତାଙ୍କ ଜୀବନକାଳ ମଧ୍ୟରେ ଖୁବ ପ୍ରଭାବଶାଳୀ ଓ ପରାକ୍ରମୀ ଥିଲେ ।

ତାଙ୍କର ଖୁବ ପ୍ରତିପତ୍ତି ଥିଲା ମଧ୍ୟ । ତାଙ୍କ ମନରେ ଗର୍ବ ଅହଙ୍କାର ଖୁନ୍ଦି ହୋଇରହିଥିଲା । ଗରିବ ଲୋକଟି ତ ନିଃସ୍ୱ ଥିଲେ । ତାଙ୍କର ସମାଜରେ ସେମିତି କିଛି ପ୍ରଭାବ ବି ତ ନଥିଲା । ମାତ୍ର ମରିଗଲା ପରେ ଦୁଇଜଣଙ୍କର ଭସ୍ମ ସମାନ ହେଲା କିପରି ?

ସନ୍ନ୍ୟାସୀଜଣକ ଏଥର ଖୁବ ଜୋରରେ ହସି କହିଲେ-ତୁମଠାରୁ ଏ ଦୁନିଆରେ ଆଉ କେହି ବୋଧହୁଏ ବୋକା ନାହାନ୍ତି । ମଣିଷର ଜୀବିତ ଅବସ୍ଥାରେ ତା'ର ଗର୍ବ, ଅହଙ୍କାର, ଈର୍ଷା, ଅସୂୟା ଓ କପଟତା ଆଦି ବସାବାନ୍ଧି ତା ଦେହ ଭିତରେ ଲାଖି ରହିଥାଏ ମାତ୍ର ସେ ମୃତ୍ୟୁବରଣ କଲାପରେ ଜୁଇରେ ଏ ସମସ୍ତ ବଦଗୁଣଗୁଡ଼ିକ ଜଳି ଭସ୍ମ ହୋଇଯାଏ । ତେଣୁ ମଣିଷର ଗର୍ବ, ଅହଙ୍କାର ଓ ଆତ୍ମବଡ଼ିମା ପ୍ରଭୃତି କେବେ ବି ସ୍ଥାୟୀ ନୁହନ୍ତି । ଏସବୁ କେବଳ ଅଢ଼େଇ ଦିନିଆ । ମୃତ୍ୟୁ ପରେ ପରେ ଉଭୟ ଧନୀ ଓ ଗରିବର ଚିତାଭସ୍ମ ଅବିକଳ ସମାନ ।'

ଲୋକଟି ଏଥର ନିଶ୍ଚୟ ବୁଝିପାରିଲେ ଯେ ଗର୍ବ ଅହଙ୍କାର ଈର୍ଷା ଇତ୍ୟାଦି କୁଗୁଣଗୁଡ଼ିକ ମଣିଷ ଜୀବନର ଅଳଙ୍କାର ନୁହନ୍ତି, ବରଂ ବିଷାକ୍ତ ସର୍ପ ଭଳି ଦେହରେ ଗୁଡ଼ାଇ ହୋଇ ରହି ସମୟ ସୁବିଧା ଦେଖି ଚୋଟ ମାରୁଥାନ୍ତି । ସଙ୍କୋଚ ମଣିଷପଣିଆ, ନିରହଙ୍କାର ସରଳ ଜୀବନ, ପରକୁ ଆପଣା କରିବାର ଦରଦଭାବ, ଆତ୍ମସଂଯମ, ମଧୁର ସମ୍ପର୍କ, ସ୍ୱଚ୍ଛ ଓ ସୁସ୍ଥ ମାନସିକତା ତଥା କପଟମୁକ୍ତ ଚିନ୍ତାଧାରା ହିଁ ମଣିଷକୁ ଅନେକରେ ଏକ କରିଥାଏ । ଯଶସ୍ୱୀ ହୋଇଥାଏ ସେ । ଆଜିର ସ୍ୱାର୍ଥାନ୍ଧ ମଣିଷ ଏକଥା ବୁଝି ମଧ୍ୟ ବୁଝି ପାରନ୍ତି ନାହିଁ କାହିଁକି ? ଭଗବାନଙ୍କର ଏ ସୁନ୍ଦର ସୃଷ୍ଟିଟିକୁ ନିଜେ ହାତେ ନିଜେ ଧ୍ୱଂସ କରିବାକୁ ଯେମିତି ପ୍ରତିଶ୍ରୁତିବଦ୍ଧ । ସତରେ କେଡ଼େ ହତଭାଗ୍ୟ ଆମେ ! କେତେ ହତଭାଗ୍ୟ ଆମର ବୁଦ୍ଧି ଓ ବିବେକ ! ଆମେ ଯେପରି ପ୍ରତି ମୁହୂର୍ତ୍ତରେ ଏକ ଅଦୃଶ୍ୟ ଅଥଳ ସମୁଦ୍ର ଆଡ଼କୁ ଆଗେଇ ଚାଲିଛୁ । ନା ତା'ର ଅଛି ଥଳ ନା ଅଛି କୂଳ ।

କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଅମୃତମୟ ଏ ମଧୁର ସଂସାରକୁ ଆମେ ଗରଳପୂର୍ଣ୍ଣ କରିବାରେ ପଛାଉ ନାହୁଁ । ନିଜ ଦୋଷକୁ ବିନା ଦ୍ୱିଧାରେ ସ୍ୱୀକାର କରିବାର ବଳିଷ୍ଠ ମାନସିକତା ଧୀରେଧୀରେ ଅପସରି ଗଲାଣି । ଅନ୍ୟକୁ ଦୋଷ ଲଦିଦେବାର ସୂକ୍ଷ୍ମ କଳାଟିକୁ ଆମେ ଆପଣେଇ ନେଉଛୁ ଜୀବନର ପ୍ରତିଟି କ୍ଷେତ୍ରରେ ।

ଆମର ପ୍ରତିଟି ଶବ୍ଦରେ ଔଦ୍ଧତ୍ୟର ତୀର୍ଯ୍ୟକ ପରିପ୍ରକାଶ । ଅନିୟନ୍ତ୍ରିତ ଉଚ୍ଚାରଣ ଓ ଆଚରଣ । ବିଶ୍ୱାସର ଚନ୍ଦନ ପ୍ରଲେପ ପରିବର୍ତ୍ତେ ଅବିଶ୍ୱାସର ଅସହ୍ୟ ଓ ଅଦମନୀୟ ଦହନ । ଅନ୍ୟାୟ ଅତ୍ୟାଚାରର ଘନଘଟା ଅନ୍ଧାର ତଳେ ନ୍ୟାୟର ଠିକଣା ବିଲୁପ୍ତପ୍ରାୟ । ମଣିଷ ମଧ୍ୟରେ ଥିବା ମହତ ସାମାଜିକ ଗୁଣାବଳୀଗୁଡିକ ଯଥା-ଦୟା, କ୍ଷମା, ଦାନ, ଧର୍ମ ପ୍ରଭୃତି ଆଜିର ଦୁନିଆରେ ବାଟ ହୁଡ଼ିଲେଣି । ଆଖି ଥାଉଥାଉ ଆମେ ଯେମିତି ଅନ୍ଧପ୍ରାୟ । ସବୁ ଜାଣି କିଛି ନଜାଣିଲା ପରି ଚମତ୍କାର ଅଭିନୟ । ସବୁ ଶୁଣି କିଛି ନଶୁଣିଲାପରି ଆମର ଚିତ୍ତାକର୍ଷକ ପ୍ରଦର୍ଶନ । 'ଆପେ ବଞ୍ଚିଲେ ବାପର ନାଁ' -ନ୍ୟାୟରେ ବନ୍ଧାପଡ଼ିଛି ମଣିଷର ମଣିଷପଣିଆ । ବସ୍ତୁବାଦର ପ୍ରାବଲ୍ୟ ଡାଙ୍କି ଦେଇଛି ନୈସର୍ଗିକ ମାନବବାଦକୁ । ଅସ୍ତିତ୍ୱ ହରାଇବସିଛି ଧୈର୍ଯ୍ୟ ଓ ସହନଶୀଳତାର ମହମହ ବାସ୍ନା । ମଣିଷର ଚତୁଃପାର୍ଶ୍ୱରେ ରାଜୁତି କରୁଛି ଏକ ସୀମାହୀନ ଶୂନ୍ୟତା । ଛଳନାର ଚଉକାଠରେ ଦଣ୍ଡାୟମାନ ଏ ସମାଜ ଓ ସଭ୍ୟତା । ସତେ ଯେପରି ଡେମୋକ୍ଲିସଙ୍କ ଖଡ୍ଗ ଝୁଲୁଛି ସଭିଙ୍କ ମୁଣ୍ଡ ଉପରେ । ନା ଅଛି ସତ୍ୟ ନା ଅଛି ଶାନ୍ତି । ନା ଅଛି ମନରେ ସରଳତା ନା ଅଛି ସ୍ନେହ ବା ଶ୍ରଦ୍ଧା । କୋମଳ ଭାବନାର ସ୍ଥାନ ନେଇଛି ଉଗ୍ର ମାନସିକତା । ମଣିଷ ଏବେ ପାଲଟିଛି ହିଂସ୍ର । ପଶୁତୁଲ୍ୟ ତା'ର ବ୍ୟବହାର । ହୀନମନ୍ୟତାର ଚରମ ସୀମାରେ ପାଦ ଦେଇଛି ସେ । ତା' ଆଖିରେ ଝଲସୁଚି କେବଳ ବର୍ବରତାର ଅଗ୍ନିପିଣ୍ଡ । ଜ୍ଞାନଶୂନ୍ୟ ଆଜି ତଥାକଥିତ ସର୍ବଗୁଣସମ୍ପନ୍ନ ବିଜ୍ଞାନୀ ମଣିଷ । କଥାକଥାକେ ବାହାସ୍ଫୋଟ । ଲୋକ ଦେଖାଣିଆ ବଡ଼ପଣ । ପ୍ରତିଟି କାର୍ଯ୍ୟରେ ଲାଭକ୍ଷତିର ହିସାବ । ତ୍ୟାଗ, ବଳିଦାନ, ନୀତି, ନୈତିକତା ଆଦି ପବିତ୍ର ଶବ୍ଦଗୁଚ୍ଛ ଚିତ୍କାର କରୁଛନ୍ତି ଯନ୍ତ୍ରଣାର ଯଉଘରେ ।

ସବୁଠାରୁ ବଡ଼ ସଙ୍କଟ ଯାହା ସମଗ୍ର ସମାଜକୁ ବୁଢ଼ିଆଣୀ ବସାପରି ଘେରି ରହିଛି ତାହା ହେଉଛି ଚେତନାରେ ସଙ୍କଟ । ମଣିଷର ବିଚାରବୁଦ୍ଧିରେ ସଙ୍କଟ । ଚିନ୍ତନ, ଦର୍ଶନ ତଥା ଆଦର୍ଶବୋଧରେ ସଙ୍କଟ । ବିଶ୍ୱସନୀୟତାର ଆଭା ମଳିନ ଲାଗୁଛି । ଗୋଟେ ଉଦ୍ଭଟ ଚେତନାର ଶାଖାପ୍ରଶାଖା ଡେଙ୍ଗେଇ ଯାଉଛି ମଣିଷର ନିଷ୍କପଟ ମନର ଆଡୁଆଳେ । ଦ୍ୱୈତ ନୈତିକତାର ଶିକାର ହେଉଛି ସେ । କହୁଛି ଗୋଟିଏ କରୁଛି ତା' ଠିକ ବିପରୀତ । କେବଳ ଦୈତ୍ୟ ନୈତିକତା ନୁହେଁ, ଦ୍ୱୈତ ମାନସିକତାର କଳା ରୂପ ସର୍ପ ଭଳି ଦଂଶନ କରୁଛି ଏ ସମାଜର ବିବେକକୁ ପ୍ରତି ମୁହୂର୍ତ୍ତରେ । ମଣିଷ ହୋଲି ଖେଳୁଛି ମଣିଷ ରକ୍ତରେ । ଦିବାଲୋକରେ ପୁଣି ଜନଗହଳିପୂର୍ଣ୍ଣ ସ୍ଥାନରେ ଅତି ବିଭତ୍ସ ଭାବରେ ହତ୍ୟା କରାଯାଉଛି । ହତ୍ୟାକାରୀ ବୀର ଦର୍ପରେ ଚାଲୁଛି ଆଇନକାନୁନକୁ ଫୁ' କରି ରାସ୍ତାର ଫୁଙ୍ଗୁଳା ଛାତିରେ । ଦେଖି ନଦେଖିବା ଭଳି ସଭିଏ ଚୁପଚାପ୍ । ହୃଦୟବିଦାରକ ଅତ୍ୟାଚରର କୌଣସି ସୀମା ହିଁ ନାହିଁ । ଧର୍ଷଣ ଏକ ନିତିଦିନିଆ ଘଟଣରେ ପରିଣତ ହେଲାଣି । କଅଁଳ କଢ଼ି ଟିଏ ଅବେଳରେ ଝଡ଼ିପଡୁଛି । କ୍ଷତବିକ୍ଷତ ଓ ରକ୍ତାତ ହେଉଛି । ସବାର ହୋଇଛି ମିଥ୍ୟାର ପ୍ରହେଳିକା । ଜୋରଜବରଦସ୍ତ ପ୍ରତିବାଦର ସ୍ୱରକୁ ଦବେଇ ଦିଆଯାଉଛି । ଏ ସବୁ ଏକ ସୁସ୍ଥ ସମାଜ ଗଠନର ଲକ୍ଷଣ କି ?

ଆଧ୍ୟାତ୍ମିକତାର ଦିଗ ଦିଶୁଛି ରଙ୍ଗହୀନ । ଆତ୍ମ ପ୍ରଚାରରେ ସଭିଏ ବ୍ୟସ୍ତ । ଧର୍ମର ରଙ୍ଗମଖା ଦେହ ବଦଳୁଛି ନିତିଦିନ । ଭଗବତ ବିଶ୍ୱାସର ସବୁଜିମା ନିଷ୍ପ୍ରଭ ପ୍ରାୟ । ମଣିଷ ନିଜେ ନିଜକୁ ଭାବୁଛି ଅଟଳ ଅଚଳ ମହାଦ୍ରୁମ । ନିଜେ ସାଜିଛି ନିଜ ଭାଗ୍ୟର ନିୟନ୍ତା । ଏଭଳି ଦମ୍ଭ ଯେ କ୍ଷଣସ୍ଥାୟୀ ; ଏହା ଯେ ଅଳିକ -ଏକଥା ଏ ସମାଜ କେବେ ବୁଝିବ ? କେବେ ଫେରିବ ଭ୍ରାତୃତ୍ୱଭାବର ମଧୁର ନିନାଦ । କେବେ ହସିବ ଏ ଧରା ? କେବେ ଫୁଟିବ ଭଲପାଇବାର ରଙ୍ଗିନ କଳିକା ? କେବେ ବଦଳିବ ଏ ସ୍ୱାର୍ଥାନ୍ଧ ଦୁନିଆ ?

ନା ଏ ସବୁ ଅସମାହିତ ହୋଇ ରହିଯିବ ସବୁଦିନ ପାଇଁ ?

ଉପସଂହାରରେ ଏତିକି କୁହାଯାଇପାରେ ଯେ ଆମେ ନିଜେ ନବଦଳିଲେ ଏ ଦୁନିଆ ବଦଳିବା ସଂପୂର୍ଣ୍ଣ ଅସମ୍ଭବ । ଆମ ଆଗରେ ଦୁଇଟି ବିପରୀତ ଦିଗ-ସୃଷ୍ଟି ଓ ଧ୍ୱଂସ । ଆମକୁ ବାଛିବାକୁ ପଡ଼ିବ କେଉଁଟି ଆମ ପାଇଁ ଠିକ ଓ କେଉଁଟି ଭୁଲ । ଯଦି ଆମେ ସୃଷ୍ଟିକୁ କୋଳେଇ ନେବା ତେବେ କେହିକାହାରିକୁ ଦୋଷାରପ ନକରି ନିଃସର୍ତ୍ତ ଭାବେ ଅନ୍ୟକୁ କୋଳେଇ ନେବା ଉଚିତ । ରାଗ-ହିଂସାଠରୁ ଦୂରରେ ରହି ଏକ ଅନାବିଳ ମମତାର ରଙ୍ଗରେ ନିଜକୁ ରଙ୍ଗେଇ ପାରିଲେ ଆପଣାପଣରେ ସମଗ୍ର ପୃଥିବୀ ଦିଶିବ ଚକମକ । ଆଖିରେ ବାନ୍ଧିଥିବା ସ୍ୱାର୍ଥପରତାର ଅନ୍ଧପୁଟୁଳିକୁ ହଟେଇ ପାରିଲେ ଏକ ଦିବ୍ୟ ଝଲକରେ ଝଲସିଉଠିବ ଜଳ, ସ୍ଥଳ ଓ ଆକାଶ । ଅବିଶ୍ୱାସ ଓ ଅସୂୟାବୋଧକୁ ଦୂରକରି ବିଶ୍ୱାସ ଓ ଗୈରିକ ନୈବେଦ୍ୟରେ ଏ ସୁନ୍ଦର ସୃଷ୍ଟିକୁ ଆବାହନ କରିବା ଦ୍ୱାରା ଶାନ୍ତି ଓ ମୈତ୍ରୀର ବାସଫୁଲ ଚହଟିଯିବ ସର୍ବାଙ୍ଗେ । ଆଉ ଯଦି ଧ୍ୱଂସ ପଥରେ ଆଗୁସାର ହେବା ତେବେ କାଳ ରାତି ମାଡ଼ି ଆସିବ । ଅମାବାସ୍ୟାର କଳାଛାଇ କବଳରେ ଲିଭିଯିବ ପୂର୍ଣ୍ଣିମା ଆକାଶର ରୂପାଜହ୍ନ । ଏ ସୁନ୍ଦର ପୃଥିବୀ ଆଖି ପିଛୁଳାକେ ନଷ୍ଟ ହୋଇଯିବ । ତେବେ ସୁସ୍ଥ ମନରେ ଆମକୁ ବିଚାର କରିବାକୁ ପଡ଼ିବ କେଉଁଟି ଆମ ପାଇଁ ପଯୁଜ୍ୟ । କେଉଁଟି ସମୟର ଆହ୍ୱାନ ।

+ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




## ନିଜକୁ ମଣୁଛି ଭାଗ୍ୟ

**ପ୍ରକାଶ କୁମାର ଚାନ୍ଦ**



ଧୂଳି ଝାଡ଼ିଦେଇ ପଣତରେ ଯିଏ
ଆଖିରୁ ପୋଛଇ ଲୁହ
ଲୋଡ଼ାନାଇଁ ମୋର
କୋଉ ଦେବାଦେବୀ
ଲୋଡ଼ ନାଇଁ କୋଉ ଦିଅଁ
ସିଏ ଏକା ମୋର ସାହା
ପାଖେଥିଲେ ମୋର ଦୁନିଆଁ ସୁନ୍ଦର
ଦୁଇଟି ଅକ୍ଷର ନାଆଁ ।

ଥନଭାଙ୍ଗି କ୍ଷୀର ଦଉଥିଲା ସିଏ
କାନ୍ଦୁଥିଲି କୁଆଁ କୁଆଁ
ମୋପାଇଁ ସହିକି ଅସହ୍ୟ ଯନ୍ତ୍ରଣା
ଜାଳିଛି ଏନ୍ତୁଡ଼ି ନିଆଁ
କିଏ ହେବ ତାର ସରି
ରମ୍ଭାକି ମେନକା ଉର୍ବଶୀ ଅପ୍ସରୀ
କୋଉ ସରଗର ପରି ।

ଅସମ୍ଭବ ସବୁ ହୁଅଇ ସମ୍ଭବ
ମୁଣ୍ଡେ ଥିଲେ ତାର ହାତ
ଲୋଡ଼ାନାଇଁ ମୋର ରାଜାର ନଅର
ଅବା କୋଉ ଉଚା ଛାତ
ତା କୋଳ ମୋ ପାଇଁ ସ୍ୱର୍ଗ
ସେଇ କୋଳରେ ମୁଁଜନମ ହୋଇକି
ନିଜକୁ ମଣୁଛି ଭାଗ୍ୟ ।

+ଜୟପୁରଶାସନ ପିପିଲି ପୁରୀ
ମୋ -୭୦୦୮୯୨୫୯୫୪

## ଅଦୃଶ୍ୟ ଅନୁଭବ

**ରମାକାନ୍ତ ଦାସ**



ମୋର ଅତି ପାଖରେ ତମେ...
ଅଥଚ କେବଳ
ସ୍ୱପ୍ନରେ, ଭାବନାରେ
ନିଶ୍ୱାସରେ ପୁଣି ବିଶ୍ୱାସରେ ।

ନିରୋଳାରେ, ଏକାନ୍ତରେ
ତଥାପି... ଖୁବ୍ ନିକଟରେ
ହୁଏତ ପ୍ରତିଟି ସ୍ପନ୍ଦନରେ ତମେ !

ତମେ ସେଇ ଅଭୁଲା ସ୍ମୃତିର ମହକ
ଯିଏ ମୋ ନିଛାଟିଆ ମନକୁ
କରେ ପୁଲକ,
ଚକ୍ଷୁ ବୁଜିଲେ ଦିଶେ ତମରି ସେଇ ରୂପ
ଚକ୍ଷୁ ଫିଟାଇଲେ ତମେ
ଏକ ଅପହଞ୍ଚ ଦ୍ୱୀପ ।
ଶବ୍ଦରେ କହିବାକୁ ଗଲେ
ତମେ ମୋ କବିତା

ମୌନତାରେ ଖୋଜିଲେ
ତମେ ମୋର ଶୂନ୍ୟତା,
ଦୂରରେ ଥାଇ ବି ଦୂର ନୁହଁ କେବେ
ମୋ ଅସ୍ତିତ୍ୱର କଣେ କଣେ
ତମେ ଅଛ ଏବେ ।

ନଥାଇ ବି ପାଖେ,
ପାଖେ ଥିବା ପରି ଲାଗ
ମୋ ଅଧାଲେଖା ଜୀବନର
ତମେ ଶେଷ ଭାଗ !!

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

ଧ୍ୱନି ପ୍ରତିଧ୍ୱନି
୫ ୨୧ ମଇ ୨୦୨୬, ଗୁରୁବାର, ବାଲେଶ୍ୱର

# ସଶକ୍ତିକରଣ: ଆତ୍ମବିଶ୍ୱାସରୁ ସମାଜ ପରିବର୍ତ୍ତନ ପର୍ଯ୍ୟନ୍ତ



ବବିତା ତ୍ରିପାଠୀ




ସଶକ୍ତିକରଣ ମାନେ କେବଳ କାହାକୁ ଶକ୍ତି ଦେବା ନୁହେଁ ବରଂ ତାଙ୍କ ମନରେ ଲୁଚିଥିବା ସମ୍ଭାବନାକୁ ଜାଗ୍ରତ କରିବା। ଏହା ହେଉଛି ଏକ ଅନ୍ତର୍ନିହିତ ପ୍ରକ୍ରିୟା, ଯାହା ମନୁଷ୍ୟଙ୍କୁ ତାଙ୍କର ଅଧିକାର, କ୍ଷମତା ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରେ। ସଶକ୍ତିକରଣ କେବଳ ଏକ ଶବ୍ଦ ନୁହେଁ; ଏହା ଜୀବନର ଏକ ନୂଆ ଦୃଷ୍ଟିକୋଣ, ଏକ ନୂଆ ପଥ, ଯାହା ଜଣେ ବ୍ୟକ୍ତିକୁ ଅନ୍ଧକାରରୁ ଆଲୋକ ପଥକୁ ଆଣେ।

ଆଜିର ସମାଜରେ ସଶକ୍ତିକରଣର ଆବଶ୍ୟକତା ବହୁତ ଅଧିକ। ଯେଉଁଠାରେ ଅସମାନତା, ଅନ୍ୟାୟ ଓ ଅବହେଳା ରହିଛି, ସେଠାରେ ସଶକ୍ତିକରଣ ହେଉଛି ପରିବର୍ତ୍ତନର ଶକ୍ତିଶାଳୀ ଅସ୍ତ୍ର। ଏହା ଲୋକମାନଙ୍କୁ ତାଙ୍କ ଅଧିକାର ପାଇଁ ସଚେତନ କରେ ଏବଂ ସମାଜକୁ ସମତା ଓ ନ୍ୟାୟର ଦିଗରେ ଆଗକୁ ବଢ଼ାଏ।

ସଶକ୍ତିକରଣ ମାନେ ହେଉଛି ନିଜର ଜୀବନରେ ନିଜେ ନିଷ୍ପତ୍ତି ନେବାର କ୍ଷମତା। ଏହା ଆତ୍ମନିର୍ଭରତା, ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ସଂଯୋଗ। ଯେତେବେଳେ ଜଣେ ବ୍ୟକ୍ତି ସଶକ୍ତ ହୁଏ, ସେ ନିଜ ପରିସ୍ଥିତିକୁ ଭଲଭାବରେ ବୁଝି ପାରେ ଓ ତାହାକୁ ବଦଳାଇବା ପାଇଁ ପଦକ୍ଷେପ ନେଇଥାଏ।

ସଶକ୍ତିକରଣର ତିନୋଟି ମୁଖ୍ୟ ଦିଗ ରହିଛି ଯଥା -

୧- ଆର୍ଥିକ ସଶକ୍ତିକରଣ, ୨- ସାମାଜିକ ସଶକ୍ତିକରଣ ଓ ୩- ରାଜନୈତିକ ସଶକ୍ତିକରଣ ।

ଏହି ତିନୋଟି ଦିଗ ମିଶି ଜଣେ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ସଶକ୍ତ କରେ। ନାରୀ ସଶକ୍ତିକରଣ ପରିବର୍ତ୍ତନର ମୂଳ ଶକ୍ତି ।

ସମାଜରେ ସଶକ୍ତିକରଣ ଆଲୋଚନା କଲେ ନାରୀ ସଶକ୍ତିକରଣକୁ ବାଦ୍ ଦେଇହେବ ନାହିଁ। ଶତାବ୍ଦୀ ଧରି ନାରୀମାନେ ଅବହେଳା ଓ ଅନ୍ୟାୟର ସମ୍ମୁଖୀନ ହୋଇଆସିଛନ୍ତି। ସେମାନଙ୍କୁ ସ୍ୱାଧୀନତା ଓ ସମାନ ଅଧିକାର ମିଳିନଥିଲା। କିନ୍ତୁ ଆଜି ସମୟ ବଦଳିଛି। ଶିକ୍ଷା, ସଚେତନତା ଓ ଆଇନର ମାଧ୍ୟମରେ ନାରୀମାନେ ଆଗକୁ ବଢୁଛନ୍ତି। ସେମାନେ କେବଳ ଘରର ସୀମାରେ ନୁହେଁ, ବରଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜ ପରିଚୟ ସୃଷ୍ଟି କରୁଛନ୍ତି।

ନାରୀ ସଶକ୍ତିକରଣ ମାନେ ହେଉଛି— ଶିକ୍ଷାର ସୁଯୋଗ, ଆର୍ଥିକ ସ୍ୱାଧୀନତା, ସମାନ ଅଧିକାର, ସ୍ୱାଧୀନ ନିଷ୍ପତ୍ତି ନେବାର ଅଧିକାର । ଯେତେବେଳେ ଜଣେ ନାରୀ ସଶକ୍ତ ହୁଏ, ସେ କେବଳ ନିଜକୁ ନୁହେଁ, ତାଙ୍କ ପରିବାର ଓ ସମାଜକୁ ମଧ୍ୟ ସଶକ୍ତ କରେ।

ଶିକ୍ଷା ହେଉଛି ସଶକ୍ତିକରଣର ମୂଳ ଆଧାର। ଶିକ୍ଷା ଲୋକମାନଙ୍କୁ ଜ୍ଞାନ ଦେଉଛି, ଚିନ୍ତାଧାରାକୁ ବିସ୍ତାର କରୁଛି ଓ ଠିକ୍ ଓ ଭୁଲ ମଧ୍ୟରେ ତାରତମ୍ୟକୁ ବୁଝାଇଥାଏ।

ଏକ ଶିକ୍ଷିତ ବ୍ୟକ୍ତି, ନିଜ ଅଧିକାର ସମ୍ପର୍କରେ ସଚେତନ ହେଲେ ସମାଜରେ ନିଜ ସ୍ଥାନ ନିର୍ମାଣ କରିପାରେ, ଅନ୍ୟାୟ ବିରୋଧରେ ଆୱାଜ୍ ଉଠାଇପାରେ ଏବଂ ଶିକ୍ଷା ସଶକ୍ତିକରଣର ଦ୍ୱାର ଖୋଲିଥାଏ।

ସ୍ୱାଧୀନତାର ମୂଳ ଭିତ୍ତି ହେଉଛି, ଯେତେବେଳେ ଜଣେ ବ୍ୟକ୍ତି ଆର୍ଥିକ ଭାବେ ସ୍ୱାଧୀନ ହୁଏ, ସେ ଅନ୍ୟମାନଙ୍କ ଉପରେ ନିର୍ଭର ରହେନାହିଁ। ଆର୍ଥିକ ସଶକ୍ତିକରଣ ତାଙ୍କୁ ଆତ୍ମସମ୍ମାନ ଓ ସ୍ୱାଭିମାନ ଦିଏ।

ରୋଜଗାର ସୃଷ୍ଟି, କୌଶଳର ବିକାଶ ଏବଂ ଛୋଟ ଉଦ୍ୟମକୁ ପ୍ରୋତ୍ସାହନ ଦିଏ । ଏହା ଲୋକମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତି ଦେଇ ସମ୍ମାନପୂର୍ଣ୍ଣ ଜୀବନ ଦିଏ।

ସାମାଜିକ ସଶକ୍ତିକରଣ ମାନେ ସମାଜରେ ସମାନ ସୁଯୋଗ ଓ ସମ୍ମାନ। ଜାତି, ଧର୍ମ, ଲିଙ୍ଗ ଓ ଆର୍ଥିକ ଅବସ୍ଥା ଆଧାରରେ ଯେଉଁ ଭେଦଭାବ ରହିଛି, ସେଗୁଡ଼ିକୁ ଦୂର କରିବା ହେଉଛି ସାମାଜିକ ସଶକ୍ତିକରଣର ଲକ୍ଷ୍ୟ।

ଏହା ପାଇଁ ଲୋଡ଼ା ସଚେତନତା । ସମାନ ଶିକ୍ଷା, ଆଇନର କଡ଼ା ପ୍ରୟୋଗ, ସମାଜର ସମୂହ ଚେତନା ପାଇଁ ଆବଶ୍ୟକ ।

ରାଜନୈତିକ ସଶକ୍ତିକରଣ ମାନେ ହେଉଛି ନିଷ୍ପତ୍ତି ନେବାରେ ସହଭାଗୀ ହେବା। ଏହା ଲୋକମାନଙ୍କୁ ନିଜ ସମସ୍ୟା ସମାଧାନ ପାଇଁ ଆଗକୁ ଆସିବାର ଶକ୍ତି ଦିଏ।

ଯେତେବେଳେ ଲୋକମାନେ ଭୋଟ ଦିଅନ୍ତି, ନିଜ ମତ ପ୍ରକାଶ କରନ୍ତି, ସରକାରୀ କାର୍ଯ୍ୟରେ ସହଭାଗୀ ହୁଅନ୍ତି ସେମାନେ ସଶକ୍ତ ହୁଅନ୍ତି।

ଆଜିର ଯୁଗରେ ଡିଜିଟାଲ ଜ୍ଞାନ ମଧ୍ୟ ସଶକ୍ତିକରଣର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଇଣ୍ଟରନେଟ ଓ ଟେକ୍ନୋଲୋଜି ଲୋକମାନଙ୍କୁ ନୂଆ ସୁଯୋଗ ଦେଉଛି।

ଅନଲାଇନ ଶିକ୍ଷା,ଡିଜିଟାଲରେ ଦେବା ନେବା ସୂଚନାର ସହଜ ପ୍ରାପ୍ତି ହେଉଛି ।

ଏହା ଲୋକମାନଙ୍କୁ ବିଶ୍ୱ ସହିତ ଯୋଡ଼ିଥାଏ। ଯଦିଓ ସଶକ୍ତିକରଣର ଆବଶ୍ୟକତା ବହୁତ ଅଧିକ, କିନ୍ତୁ ଏହାର ରାସ୍ତାରେ ଅନେକ ବାଧା ରହିଛି । ତାହାହେଲା ଅଶିକ୍ଷା, ଦାରିଦ୍ର୍ୟ, ଅନ୍ଧବିଶ୍ୱାସ, ସାମାଜିକ ଭେଦଭାବ ଓ ଲିଙ୍ଗ ଅସମାନତା ।

ଏହି ବାଧାମାନେ ସଶକ୍ତିକରଣର ଗତିକୁ ଧୀର କରିଥାନ୍ତି ।

ସଶକ୍ତିକରଣକୁ ସଫଳ କରିବା ପାଇଁ—

ସମସ୍ତଙ୍କ ପାଇଁ ଶିକ୍ଷା, ସମାନ ସୁଯୋଗ, ନାରୀଙ୍କ ସୁରକ୍ଷା ଆଇନର କଡ଼ା ପ୍ରୟୋଗ, ଏଥିପାଇଁ ସମାଜର ସହଯୋଗ ଆବଶ୍ୟକ।

ସଶକ୍ତିକରଣ ହେଉଛି ଏକ ଯାତ୍ରା— ଅନ୍ଧକାରରୁ ଆଲୋକକୁ, ଦୁର୍ବଳତାରୁ ଶକ୍ତିକୁ, ନିର୍ଭରତାରୁ ସ୍ୱାଧୀନତାକୁ। ଏହା କେବଳ ଜଣେ ବ୍ୟକ୍ତିକୁ ନୁହେଁ, ସମଗ୍ର ସମାଜକୁ ଉନ୍ନତ କରେ।

ଯଦି ପ୍ରତ୍ୟେକ ବ୍ୟକ୍ତି ସଶକ୍ତ ହେବେ, ତେବେ ସମାଜ ମଧ୍ୟ ସଶକ୍ତ ହେବ ଏବଂ ଏକ ସଶକ୍ତ ସମାଜ ହେଉଛି ଏକ ସୁସଂଗଠିତ, ସମତାମୂଳକ ଓ ଉନ୍ନତ ରାଷ୍ଟ୍ରର ଭିତ୍ତି।

ସେହିପାଇଁ, ସଶକ୍ତିକରଣ କେବଳ ଏକ ଆବଶ୍ୟକତା ନୁହେଁ—ଏହା ଆମର ଦାୟିତ୍ୱ।

+ ଭୁବନେଶ୍ୱର
(ମୋ) ୭୯୭୮୩୬୮୮୨୫

# ଦାକ୍ଷିଣାତ୍ୟର ଦ୍ୱାରକା - ଗୁରୁବାୟୁର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ତୀର୍ଥାଟନ ମନରେ ଆଧାତ୍ମିକଭାବ ଉଦ୍ରେକ କରିବା ସହିତ ଅବସର ବିନୋଦନର ମଧ୍ୟ ସୁଯୋଗ ଦେଇଥାଏ। ଏହି ଭାବନେଇ ମୁଁ ଏବଂ ମୋର ସ୍ୱାମୀ ଶ୍ରୀ କୁଞ୍ଜବିହାରୀ ଜେନା ଦକ୍ଷିଣ ଭାରତର ଦ୍ୱାରକା ଭାବରେ ପରିଚିତ ଗୁରୁବାୟୁର ଯାତ୍ରା କରିଥିଲୁ। ଏହି ସହରଟି କେରଳ ରାଜ୍ୟର ତ୍ରିଚୁର ଜିଲ୍ଲାରେ ଏବଂ କୋଚି ଠାରୁ ୨୫ କିମି ଦୂରରେ ଅବସ୍ଥିତ ଏକ ରମଣୀୟ ତଥା ପବିତ୍ର ସ୍ଥାନ। ଏହି ସ୍ଥାନର ନାମ ଗୁରୁବାୟୁର ହେବାର କାରଣ ଏଠାରେ ଭଗବାନ ମହାବିଷ୍ଣୁଙ୍କ ଆରାଧ୍ୟ ମୂର୍ତ୍ତି 'ଗୁରୁବାୟୁରାପ୍ପନ' ପୂଜା ପାଆନ୍ତି। ସୁନ୍ଦର, ସୁବାସିତ ତୁଳସୀ ଗଜରା ଓ ମୋତି ମାଳୀରେ ସୁସଜ୍ଜିତ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁଙ୍କୁ ମନ୍ଦିର ମଧ୍ୟରେ ଦର୍ଶନ କଲେ ଜନ୍ମଜନ୍ମାନ୍ତରର ପାପକ୍ଷୟ ହୁଏ ବୋଲି କଥିତ ଅଛି।

ଗୁରୁବାୟୁରାପ୍ପନ ଏଠାକୁ କିପରି ଆସିଲେ ସେ ବିଷୟରେ ଏକ ସୁନ୍ଦର କିମ୍ବଦନ୍ତୀ ଅଛି। ଗୁରୁବାୟୁରାପ୍ପନଙ୍କ ମର୍ତ୍ତିଟି ସ୍ୱୟଂ ନାରାୟଣଙ୍କ ଦ୍ୱାରା ପ୍ରଥମେ ପୂଜିତ ହୋଇଥିଲା। ପରେ ସେ ଏହି ମୂର୍ତ୍ତିକୁ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ। କଥିତ ଅଛି ଯେ ଏହି ଦେବତାଙ୍କ କରୁଣାରୁ ବ୍ରହ୍ମା ସୃଷ୍ଟି ପ୍ରକ୍ରିୟା ଆରମ୍ଭ କରିପାରିଥିଲେ। ପୁରାଣ ଯୁଗରେ ନିଃସନ୍ତାନ ଦମ୍ପତି ସୁତପା ଓ ପ୍ରିଷ୍ଣା ଏକ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ବ୍ରହ୍ମାଙ୍କୁ ଆରାଧନା କରିଥିଲେ। ବ୍ରହ୍ମା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନାରାୟଣଙ୍କର ଏହି ମୂର୍ତ୍ତିଟି ଦେଇଥିଲେ ଏବଂ ଭକ୍ତିର ସହିତ ପୂଜାକଲେ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି କହିଥିଲେ। ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାବିଷ୍ଣୁ ଆଶୀର୍ବାଦ ପ୍ରଦାନ କରିଥିଲେ ଯେ ସେ ନିଜେ ସେମାନଙ୍କର ପୁତ୍ର ହୋଇ ତିନିଥର ଜନ୍ମ ନେବେ ଏବଂ ସେମାନେ ଏହି ପବିତ୍ର ମୂର୍ତ୍ତିକୁ ଆଗାମୀ ତିନି ଜନ୍ମପାଇଁ ପୂଜା କରିବାର ସୁଯୋଗ ପାଇବେ। ପ୍ରଥମେ ସୁତପା ଓ ପ୍ରିଷ୍ଣାଙ୍କ ଠାରୁ ପ୍ରିସିଗର୍ଭା ରୂପରେ ଦ୍ୱିତୀୟରେ କାଶ୍ୟପ ଓ ଅଦିତୀଙ୍କ ଠାରୁ ବାମନ ରୂପରେ ଓ ଶେଷରେ ଦେବକୀ ଓ ବସୁଦେବଙ୍କ ଠାରୁ ଶ୍ରୀକୃଷ୍ଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। କଂସର ନିଧନ ପରେ ଶ୍ରୀକୃଷ୍ଣ ଦ୍ୱାରକା ନଗରୀ ପ୍ରତିଷ୍ଠା କଲାପରେ ସେଠାରେ ଏକ ମନ୍ଦିର ନିର୍ମାଣ କରାଇ ମୂର୍ତ୍ତିଟିକୁ ସ୍ଥାପନ କରିଥିଲେ। ସେହି ମୂର୍ତ୍ତିକୁ ବସୁଦେବ ଓ ଦେବକୀ ଆରାଧନା କରୁଥିଲେ। ଦ୍ୱାପରଯୁଗର ଶେଷରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଡାକି କହିଲେ ଯେ, କୃଷ୍ଣ ଅବତାରର ସମସ୍ତ ଉଦ୍ଦେଶ୍ୟ ବା ସଂକଳ୍ପ ପୂର୍ଣ୍ଣ ହୋଇଛି। ତେଣୁ ସେ ଶୀଘ୍ର ବୈକୁଣ୍ଠକୁ ଚାଲିଯିବେ। ଏହା ଶୁଣି ଉଦ୍ଧବ ଅତି ଶୋକାତୁର ହୋଇ ପଡ଼ିଲେ। କାରଣ କଳିଯୁଗରେ ଭଗବାନଙ୍କ ଅବତାରକୁ ଛାଡ଼ି ଏ ସୃଷ୍ଟି କିପରି ତିଷ୍ଠିବ। ସେହି ବିଷୟରେ ସେ ଚିନ୍ତିତ ହୋଇ ପଡ଼ିଲେ। ଉଦ୍ଧବଙ୍କୁ ଭଗବାନ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେଇ କହିଥିଲେ ଯେ ଏହି ଗୁରୁବାୟୁର ମୂର୍ତ୍ତିରେ ସେ ଆତ୍ମପ୍ରକାଶ କରିବେ ଓ ତାଙ୍କର ଭକ୍ତମାନଙ୍କୁ ଆଶୀର୍ବାଦ ଦେବେ। ସେ ଉଦ୍ଧବଙ୍କୁ କହିଲେ ଯେ, ଅଦୂର ଭବିଷ୍ୟତରେ ପ୍ରଳୟ ହେବ ଏବଂ ଉକ୍ତ ସମୟରେ ସେ ପବିତ୍ର ବିଗ୍ରହକୁ ଯେପରି ରକ୍ଷାକରିବେ ଏବଂ ଦେବତା ମାନଙ୍କ ଗୁରୁ ବୃହସ୍ପତିଙ୍କ ସହାୟତାରେ ଏକ ପବିତ୍ରସ୍ଥାନ ନିରୂପଣ କରି ବିଗ୍ରହଙ୍କ ପ୍ରତିଷ୍ଠା କରିବେ। ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଳୟ କାଳରେ ବୃହସ୍ପତି ବାୟୁଦେବତାଙ୍କ ସହ ଦ୍ୱାରକା ଯାଇ ସମୁଦ୍ର ଢ଼େଉରେ ଭାସମାନ ଅବସ୍ଥାରେ ଏହି ମୂର୍ତ୍ତିକୁ ଉଦ୍ଧାର କରି ଏକ ପବିତ୍ର ସ୍ଥାନର ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଦାକ୍ଷିଣାତ୍ୟରେ ଏକ ପଦ୍ମଭରା ହ୍ରଦ ପାଖରେ ଯାଇ ପହଞ୍ଚିଲେ। ସେଠାରେ ଶିବ-ପାର୍ବତୀ ଉପସ୍ଥିତ ଥିଲେ। ଶିବ କହିଲେ, ସେହି ସ୍ଥାନଟି ବହୁଦିନରୁ ନାରାୟଣଙ୍କୁ ସ୍ଥାପନ କରିବା ଲାଗି ନିରୂପିତ ହୋଇ ରହିଛି। ତେଣୁ ବୃହସ୍ପତି ଓ ବାୟୁ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ଏବଂ ବିଗ୍ରହ ପ୍ରତିଷ୍ଠା ପାଇଁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଲେ। ଏହିପରି ଭାବେ ବିଶ୍ୱକର୍ମାଙ୍କ ଦ୍ୱାରା ଭଗବାନଙ୍କ ଇଚ୍ଛା ପୂରଣ ହେଲା। ଗୁରୁ ବୃହସ୍ପତି ଓ ବାୟୁ ଦେବତାଙ୍କ ନାମ ଅନୁସାରେ ଉକ୍ତ ସ୍ଥାନର ନାମ ଗୁରୁବାୟୁରପୁର ହୋଇଥିଲା, ଯାହା ପରେ ସଂକ୍ଷେପରେ ଗୁରୁବାୟୁର ହୋଇଅଛି ଏବଂ ଉକ୍ତ ଦିବ୍ୟ ମୂର୍ତ୍ତି ଗୁରୁବାୟୁରପ୍ପନ ନାମରେ ପରିଚିତ ଅଟନ୍ତି। ଏହାପରେ ଶିବପାର୍ବତୀ ହ୍ରଦର ଆରପାର୍ଶ୍ୱକୁ ଚାଲିଗଲେ। ସେହି ସ୍ଥାନ ମାମିୟୁର ନାମରେ ପରିଚିତ। ଗୁରୁବାୟୁର ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଶିବପାର୍ବତୀ ମନ୍ଦିର ଅବସ୍ଥିତ। କଥିତ ଅଛି ଯେ, ମାମିୟୁର ଯାଇ ଶିବପାର୍ବତୀଙ୍କୁ ଦର୍ଶନ ନକଲେ ଗୁରୁବାୟୁର ଦର୍ଶନପୂର୍ଣ୍ଣ ହୁଏ ନାହିଁ।

ନାରଦ ପୁରାଣରେ ମଧ୍ୟ ଗୁରୁବାୟୁଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ନାଗରାଜା ତକ୍ଷକଙ୍କ ଦର୍ଶନରେ ମହାରାଜା ପରୀକ୍ଷିତଙ୍କର ମୃତ୍ୟୁ ହେବାପରେ ତାଙ୍କ ପୁତ୍ର ଜନ୍ମେଜୟ ସର୍ପଯଜ୍ଞର ଅନୁଷ୍ଠାନ କରିଥିଲେ। ଏଥିରେ ହଜାର ହଜାର ନିରୀହସର୍ପ ମୃତ୍ୟୁବରଣ କରିଥିଲେ। ସେମାନଙ୍କର ଅଭିଶାପ ଫଳରେ ଜନ୍ମେଜୟ କୁଷ୍ଠରୋଗରେ ପୀଡ଼ିତ ହେଲେ। ତାଙ୍କର କଷ୍ଟ ଦେଖି ଋଷି ଦତ୍ତାତ୍ରେୟ ଗୁରୁବାୟୁର ଯାଇ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ। ଜନ୍ମେଜୟ ଋଷିଙ୍କ ଆଦେଶ ଅନୁସାରେ ଚାରିମାସ ଧରି କଠୋର ତପସ୍ୟା କଲେ। ପ୍ରତିଦିନ ରାତିରେ ମାମିୟୁର ଏବଂ ଦିନରେ ଗୁରୁବାୟୁର ଯାଇ ପ୍ରଭୁଙ୍କୁ ଦର୍ଶନ କଲେ। ଦିନେ ରାତିରେ ଶୋଇଥିବା ଅବସ୍ଥାରେ ପ୍ରଭୁଙ୍କ ସ୍ପର୍ଶ ଅନୁଭବ କଲେ ଏବଂ ତାପରେ କୋଷ୍ଠ ରୋଗର ଯନ୍ତ୍ରଣାରୁ ମୁକ୍ତି ପାଇଲେ। ପୁରାଣ ଅନୁସାରେ ଗୁରୁବାୟୁରପ୍ପାନଙ୍କ ମୂର୍ତ୍ତି ୫୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଏବଂ ବହୁ ଶାସ୍ତ୍ରପୁରାଣରେ ଏହା ବର୍ଣ୍ଣିତ। କିନ୍ତୁ ଇତିହାସ ପୃଷ୍ଠାରେ ୧୬୩୮ ମସିହାରେ ଡଚ୍‌ମାନେ ମନ୍ଦିରର ସୁନାରୂପା ଚୋରି କରିନେଇ ମନ୍ଦିରରେ ନିଆଁ ଲଗାଇ ଦେଇଥିଲେ। ୧୭୪୭ ଖ୍ରୀଷ୍ଟାବ୍ଦରେ ଏହାକୁ ପୁନଃ ନିର୍ମାଣ କରାଯାଇଥିଲା। ୧୭୬୬ ମସିହାରେ ହାଇଦର ଅଲ୍ଲୀ ଏହାକୁ ଆକ୍ରମଣ କରିଥିଲେ ମଧ୍ୟ ୧୦,୦୦୦ ସ୍ୱର୍ଣ୍ଣ ମୁଦ୍ରା ନେଇ ମନ୍ଦିରର କୌଣସି କ୍ଷତି କରିନଥିଲେ। କିନ୍ତୁ ୧୭୮୯ରେ ତାଙ୍କ ପୁଅ ଟିପୁସୁଲତାନଙ୍କ କୋପଦୃଷ୍ଟି ପଡ଼ିଥିଲା। ଏହା ଜଣାପଡ଼ିବା ପରେ ମୂଳ ବିଗ୍ରହକୁ ଲୁଚାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ଅନ୍ୟ ଏକ ପ୍ରତିମା ରଖା ଯାଇଥିଲା। ଟିପୁ ସୁଲତାନ ଆକ୍ରମଣ କରି ମନ୍ଦିରର ସମସ୍ତ ମୂଲ୍ୟବାନ ପଦାର୍ଥ ନେଇ ଯାଇଥିଲେ। ଈଶ୍ୱରଙ୍କ ଅପାର କୃପାରୁ ସେହି ସମୟରେ ଅଦିନିଆ ବର୍ଷା ହୋଇ ତାହା ଧ୍ୱଂସ ମୁଖରୁ ରକ୍ଷା ପାଇ ଯାଇଥିଲା। ପରବର୍ତ୍ତୀ ସମୟରେ କେରଳର ବହୁ ଧନୀକ ଭକ୍ତଙ୍କ ଅକୁଣ୍ଠିତ ଦାନରେ ଏହାର ପୁନଃ ନିର୍ମାଣ କରାଇ ମୂଳବିଗ୍ରହଙ୍କର ପୁନଃ ପ୍ରତିଷ୍ଠା କରାଯାଇଥିଲା। ବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ହୋଇ ଏହା ଏକ ସୁସଜ୍ଜିତ ସୁନ୍ଦର ଆଧାତ୍ମିକ ପୀଠରେ ପରିଣତ ହୋଇଥିଲା। ୧୯୭୦ ମସିହା ନଭେମ୍ବର ମାସ ୩୦ ତାରିଖରେ ଏହି ମନ୍ଦିରରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବହୁ ଲୋକଙ୍କ ସମ୍ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା। ଦୀର୍ଘ ୫ଘଣ୍ଟା ଧରି ପ୍ରବଳ ଅଗ୍ନିଦ୍ୱାରା ଉତ୍ପୀଡ଼ିତ ହୋଇ ମଧ୍ୟ ମନ୍ଦିରରେ ଥିବା ଗୁରୁବାୟୁରାପ୍ପାନ, ଶ୍ରୀଗଣେଶ, ଆୟାପ୍ପା ଏବଂ ଦେବୀ ମାନଙ୍କ ବିଗ୍ରହ ଓ ମନ୍ଦିରର ଧ୍ୱଜାର କୌଣସି କ୍ଷତି ହୋଇନଥିଲା। ଏଥିରୁ ପ୍ରଭୁଙ୍କ ମହିମାର ପରିଚୟ ମିଳେ।

କେରଳର ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଏକ କାଷ୍ଠନିର୍ମିତ ସୁଦୃଶ୍ୟ ମନ୍ଦିର। ଏହା ପୂର୍ବମୁଖୀ ଏବଂ ଏହାର ଦୁଇପାର୍ଶ୍ୱରେ ଦୁଇଟି ଗୋପୁରମ୍ ଅବସ୍ଥିତ। ପୂର୍ବ ଗୋପୁରମ୍ ଭୂଲୋକ ଓ ପଶ୍ଚିମ ଗୋପୁରମ୍ ବୈକୁଣ୍ଠ ନାମରେ ପରିଚିତ। ମନ୍ଦିରର ଚାରୁକଳା ଅତୀବ ମନୋରମ। ଏଥିରେ ଦକ୍ଷିଣ ଭାରତର କଳାଚାତୁରୀ ପ୍ରତିଟି ସ୍ଥାନରେ ପରିସ୍ଫୁଟ। ଗର୍ଭଗୃହ ମଧ୍ୟରେ ବିଗ୍ରହ ବିରାଜିତ। ଗର୍ଭଗୃହ ସମ୍ମୁଖରେ ୨୪ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ଦୀପସ୍ତମ୍ଭ ଅଛି।

+ ସିଡ଼ିଏ, କଟକ
ମୋ : ୯୮୬୧୩୫୫୬୨୮

## ଭିନ୍ନ ଜୀବନଦୃଷ୍ଟି

ଅନସୂୟା ପଣ୍ଡା



ଜୀର୍ଣ୍ଣ ଶରୀର ବୟସ ଷାଠିଏରୁ ବେଶି
ଗ୍ରାମାନ୍ତିକ ହାଟର ଖରାରେ ଅଖାପାରି
ବସିଛି ଅଳ୍ପ କିଛି ପରିବା ଧରି
ପରିବାଗୁଡିକ ଦେଖିବାକୁ ଛୋଟ ଅତି
ନଥିଲା ବେଶି ହୃଷ୍ଟପୃଷ୍ଟ ଥିଲା ଦେଶୀ
ଅଭାବରୁ ସାର ବିଷ ଦେଇନଥିଲା ଚାଷୀ।

ଅବିକୃତ ଗ୍ରାମୀଣ ବାସ୍ନାରେ ଭର୍ତ୍ତି
ଉଢମାନର ପୋଷକ ତତ୍ତ୍ୱରେ ତିଆରି
ପରିବାତକ ଚାଷୀର ସବୁକିଛି
ତଥାପି ଫେରି ଯାଉଥିଲେ କିଣାଳୀ
ଅଗ୍ରାହ୍ୟ କରି ମୁହଁ ଫେରେଇ।

ଶୁଦ୍ଧତାକୁ ଏଠି ପଚାରେ କିଏ
ଭିତର ସୁଗୁଣକୁ ପରଖେ କିଏ
ଫ୍ୟାନ୍ସି ଚେହେରା ପାଖରେ
ଅଣାୟତ୍ତ ଭିଡ ଜମେ।

ଚେହେରା ତଳର ଅନ୍ଧାରେ
କିଏ କେମିତି ଅବା ବିଚାରେ
ମଖମଲି ଚିକ୍କ ଚିକ୍କ ମୁହଁ ଘୂରେ
କୁହୁକ ପରି ସଭିଙ୍କ କକ୍ଷ ପଥରେ।

ଯେମିତି ଚିକିମିକି ପ୍ଲାଷ୍ଟିକ ଫୁଲ ପାଖେ
ନୀତିବାଣୀ ସୁବାର୍ତ୍ତା ସାରଲ୍ୟ ଯେତେ
ଆଖି କାନେ ଗୁଞ୍ଜିଲେ ବି ଖସିପଡ଼େ
ସେମିତି ଭାଗ୍ୟକୁ ଆଦରି ଧୂଳିବେଶେ
ଗୁଜୁରାଣ ଲାଗି ବସେ ଚାଷୀ ହାଟେ।

ଯେ ବୁଝିଥିବ ଏଣ୍ଡୋସଲଫାନ୍ ନ୍ୟୂନତା
କୀଟନାଶକ ବିନାଶର ଗଭୀରତା
ସେ ହିଁ ହେବ ଚାଷୀର ପ୍ରେରଣା
ଦେଶୀ ପରିବା ଗଣ୍ଡାକର କ୍ରେତା।

ଆମେ ସବୁ ଭ୍ରମିତ ଦିଆନିଆରେ
ସୁଖ ଆଉ ସଂତୁଷ୍ଟି ଭିତରେ
ଆଗରେ ଲମ୍ବିଥିବା ପିଚୁ ରାସ୍ତା ଭ୍ରମୀ
ଗନ୍ତବ୍ୟର ଠିକଣା ନୁହେଁ ଜାଣିବି
ଆମେ ଦ୍ରୁତ ଗତିଶୀଳ ଭ୍ରମରିକା
ଗାଁର ରାସ୍ତାରେ ବିରାଜୁଥିଲେ ବି ଶୁଦ୍ଧତା
ଆମେ କରିଦେଉ ଅଣଦେଖା।

ସବୁ ଜାଣିବି ମନ ଆୟତ୍ତରେ ରହେନି
ତାଜା ନାଁରେ ଯାହା ଜହର ଆବୋରି
ଜୀବନ ହାଟରେ ଏମିତି ଉଦାସ ସ୍ଥିତି
ଭୁଲ୍ ବୁଢିଆଣୀ ଜାଲେ ମନଟା ପଡେ ଛନ୍ଦି
ବୁଝିବା ବେଳକୁ ହୋଇ ଯାଇଥାଏ ରାତି।

+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

## ରଏବାରୀର ସ୍ୱପ୍ନ

ଭାରତୀ ହୋତା



ରଏବାରୀ!
ଛେଳି ଜଗୁ ଜଗୁ ପଡିଆ ମଝିରୁ
ଚାହେଁ ଅପହଞ୍ଚ ନୀଳ ଆକାଶକୁ ।
ଦୂର ଦିଗ୍‌ବଳୟକୁ ଶୁଣାଏ ଗପ
ପବନକୁ ଶୁଣାଏ ମନଖୋଲା ଗୀତ ।
ବହି ବସ୍ତାନି ଧରି ବିଦ୍ୟାଳୟ ମୁହାଁ
ହେବା ବୟସରେ
ଛେଳି ପଛରେ ଦୌଡୁଦୌଡୁ
ଖସି ଯାଉଛି ଶୈଶବ ।

ଛଳ ଛଳ ସବୁଜ ଘାସରେ
ଛେଳିର ମେଣ୍ଟିଯାଏ ଉଦର ଭୋକ
ହେଲେ ଟାଇଁଟାଇଁ ଖରାରେ
ବିଚାରୀର ଶୁଖିଯାଏ

ମନ ମରମର ଶୋଷ ।
କେଉଁ ଈଶ୍ୱର ଲେଖିଛି ତା
ହସ୍ତରେଖା କେଜାଣି
ସେଠି ଖାଲି ଦୁଃଖ ଯନ୍ତ୍ରଣାର
ମାର୍ମିକ ମାନଚିତ୍ର।
ଖୋଲା ନିର୍ମଳ ଆକାଶ
ଯାହାକୁ ଦିନ ରାତି ଦେଖି ପାରୁଛି ସେ
ତାର ପ୍ରିୟ ସହଚର,
କୁଳୁ କୁଳୁ ଗାଉଥିବା ଝରଣା
କଣ୍ଟକିତ ବୁଦା ତା' ଅଭୟ ବର ।

ରଏବାରୀ !
ଛେଳି ପଛରେ ଗୋଡ଼ାଉ ଗୋଡ଼ାଉ
ନିଜ ଛାଇ ସହ ଲୁଚକାଳି ଖେଳେ
କୁଡ଼କୁଡ଼ ଦୁଃଖର ବାଦଲ ଫାଙ୍କରୁ
ସ୍ୱପ୍ନ ଦେଖେ
ଜଣେ ରାଜକୁମାର ଆସିବ
ପକ୍ଷୀରାଜ ଘୋଡାରେ ବସେଇ
ବୁଲେଇ ଆଣିବ ଲବଙ୍ଗ ଦ୍ୱୀପ
ବୁଲି ଆସିବ ଘେରାଏ ଜହ୍ନ ରାଇଜରୁ
ତା 'ସାମ୍ନାରେ କେତେ କେତେ
ଡେଣା ମେଲାଇ ଉଡ଼ି ବୁଲିବେ
ସୁଖର ପ୍ରଜାପତି ।

ଧେତ୍‌ରେ !
ଏତେ ସୁନ୍ଦର ସ୍ୱପ୍ନ ଭାଙ୍ଗିଯାଏ
ଝାଞ୍ଜିର ଦଲକାଏ ପବନରେ,
ଥକି ଯାଇଥିବା ନିସ୍ତେଜ ଆଖି
କେବେ ସରୁ ନ ଥିବା ପଥ
ଡଗ ଡଗ ପାଦ
କାନେ କାନେ ବୁଝେଇ ଦିଏ
ତା' ବାସ୍ତବ ଚିତ୍ର ।
ଭୋକର ଭୂଗୋଳ
ନିଷ୍ପେସିତ ଇତିହାସ
ଭିତରୁ ପୁଣି ଖୋଜିଚାଲେ
ଜୀବନର ମାନଚିତ୍ର।

+ଖରୀଆର ରୋଡ଼
ନୂଆପଡ଼ା

## ଭଙ୍ଗା ହୃଦୟର ଶେଷ ସମ୍ପତ୍ତି

ଶ୍ରୀମତୀ ବନଶ୍ରୀ ଦାଶ



ତୁ ତ ମୋର ନୀରବତାର ନିବିଡ଼ ସାଥୀ
ଯିଏ ଖସିପଡ଼େ ଅନ୍ଧାର ରାତିରେ
ନିଛାଟିଆ ଭିଡ଼ ମଧ୍ୟରେ
ଅଭିମାନର ପାଚେରୀ ଭିତରେ
ଗେଞ୍ଜାଗେଞ୍ଜି ହୋଇ ଅଣ ନିଶ୍ୱାସୀ ପ୍ରାୟ ।

ମୁଁ ଜଣେ ତୁ ଲୁଚିକି ଅଛୁ
ମୋ ମନର କୋଣେ ଜମାଟ ବାନ୍ଧି
ଅକୁହା ଆଶାଟିଏ ପରି
ଶବ୍ଦହୀନ ଭାଷାଟିଏ ପରି
ସେଲ୍ଫି ଭିତରେ ଦେଖାଯାଉନି
ତୋର ଅକ୍ଷମତା
ନା ଦେଖା ଯାଉଛି ଷ୍ଟାଟସର
ରଙ୍ଗୀନ ଭିଡରେ
ଦହଗଞ୍ଜ ହଅନା ଆଉ ତୁ
ବୋହିପଡେ ଶକ୍ତ ନିର୍ଭୀକରେ
ମିଳୁ କୋମଳ ହୃଦୟକୁ ଶାନ୍ତି ଟିକକ।

ଏ ତ ଭଙ୍ଗା ହୃଦୟର ଶେଷ ସମ୍ପତ୍ତି
ଦୁର୍ବଳତାର ଚିହ୍ନ ନୁହେଁ
ମନର ହାଲକାପଣ ମାତ୍ର
ଦୀର୍ଘ ପ୍ରତୀକ୍ଷାର ସଫଳତା ହୋଇପାରେ
ଅବା ସଂଘର୍ଷର ପ୍ରତିଦାନ
ତୁ ବେଳେବେଳେ ଆସୁ
କାହାର ସ୍ମୃତିରେ, ହଜିଲା ପ୍ରୀତିରେ
କାହାର ଅପେକ୍ଷାର ଶେଷ ପର୍ଦ୍ଦରେ
ବାନ୍ଧିଦେଲି ବେକରେ ତାବିଜ କରି
କାହିଁକିନା ତୁ ଥିଲେ ମୁଁ ଥିବି
ମୁଁ ଥିଲେ ତୁ ଥିବୁ
ଆ ମିଶିକି ଜିଇଁ ନେବା
ହାଲକା ହାଲକାରେ ବଳିଥିବା ଜୀବନକୁ ।

+ବେତାର ଉଦଘୋଷିକା,
ଭବାନୀପାଟଣା
ମୋ: ୭୯୭୮୯୪୯୫୮୫



# ମାଲକାନଗିରି ଜିଲ୍ଲା ରେଡକ୍ରସ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ମାଲକାନଗିରି, ୨୦/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଜସେବା ଓ ଜନକଲ୍ୟାଣ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପାଣ୍ଠି ସଂଗ୍ରହକୁ ବ୍ୟାପକ ଓ ତ୍ୱରାନିତ କରିବା ଲକ୍ଷ୍ୟରେ ଆଜି ମାଲକାନଗିରି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ରେଡକ୍ରସ ସୋସାଇଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ବୈଠକକୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ରେଡକ୍ରସର ମହତ ଆଦର୍ଶ ଉପରେ ଆଲୋକପାତ କରି କହିଛନ୍ତି, 'ରେଡକ୍ରସ ପାଣ୍ଠି କେବଳ ଏକ ସରକାରୀ ସଂଗ୍ରହ ବା ଆନୁଷ୍ଠାନିକ ପ୍ରକ୍ରିୟା ନୁହେଁ, ବରଂ ଏହା ବିପତ୍ତି ସମୟରେ ଅସହାୟ, ଗରିବ ଓ ରୋଗୀଙ୍କ ଜୀବନ ବଞ୍ଚାଇବାର ଏକ ପ୍ରମୁଖ ସାହାରା। ଜିଲ୍ଲାର ପ୍ରତ୍ୟେକଟି ଅସହାୟ ବ୍ୟକ୍ତିଙ୍କ ପାଖରେ କିପରି ସଠିକ୍ ସମୟରେ ସାହାଯ୍ୟ ପହଞ୍ଚିପାରିବ, ତାହା ଆମର ପ୍ରାଥମିକତା ହେବା ଉଚିତ। ଆଗାମୀ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଭାଗ ମିଳିତ ଭାବେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବା ସହ ଏହି ମହତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ନିଷ୍ଠା ଓ ସେବା ମନୋଭାବ ବଜାୟ ରଖିବା ଜରୁରୀ।'

ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଏବଂ ବିଭାଗୀୟ କର୍ମଚାରୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସମସ୍ତ ପ୍ରକାର ସହଯୋଗ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପାଣ୍ଠି ସଂଗ୍ରହର ବିଭିନ୍ନ ଉତ୍ସ, ସମସ୍ୟା ଓ ଆଗାମୀ ଯୋଜନା ବାବଦରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବିଶେଷ କରି ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି କିପରି ଅଧିକରୁ ଅଧିକ ପାଣ୍ଠି ସଂଗ୍ରହ କରାଯାଇ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଜରୁରୀକାଳୀନ ସେବାକୁ ସୁଦୃଢ଼ କରାଯାଇପାରିବ, ସେ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

# ପେପର ମିଲ୍ ପୁନରୁଦ୍ଧାର ପ୍ରସଙ୍ଗ : ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା, ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ

ଜୟପୁର, ୨୦/୦୫ (ନି.ପ୍ର): ଜୟପୁର ସେୱା ୟୁନିଟ୍ ପେପର ମିଲ୍ ପୁନଃକାର୍ଯ୍ୟକ୍ଷମ ଦାବିରେ ଆଜି କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପେପର ମିଲ୍ ର ସମସ୍ତ କର୍ମଚାରୀ ସଂଘ, ଶ୍ରମିକ ଓ ସାଧାରଣ ଜନତାଙ୍କ ସହ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଛି। ବର୍ଷ ପରେ ବର୍ଷ ଧରି ସରକାର କେବଳ ପ୍ରତିଶ୍ରୁତି ଦେଇ ଆସୁଛନ୍ତି, କିନ୍ତୁ ପେପର ମିଲ୍ ପୁନଃଚାଲୁ କରିବା ଦିଗରେ କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି। ଏହି ମିଲ୍ କେବଳ ଏକ କାରଖାନା ନୁହେଁ, ଏହା କୋରାପୁଟ ଜିଲ୍ଲାର ହଜାର ହଜାର ପରିବାରର ଜୀବିକା ଓ ଭାବନା ସହ ଜଡିତ କ୍ଷ ଜୟପୁର ପେପର ମିଲ ଅଚଳ ହୋଇପଡିଛି । ଏଠାରେ ନିର୍ଭର କରୁଥିବା ୧୦ ହଜାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି । ରାଜ୍ୟ ସରକାର ପ୍ରତିଶୃତି ଦେଉଛନ୍ତି କିନ୍ତୁ ସୁଫଳ ମିଳୁ ନାହିଁ । ଏହାର ପ୍ରତିବାଦରେ ଆଜି କୋରାପୁଟ ଜିଲାପାଳଙ୍କ କାଯ୍ୟାଳୟରେ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମାସେ କି ଦେଢ ମାସ ଭିତରେ ପେପର ମିଲ ଚାଲିବାକୁ ଦାବି କରାଯିବ । ନଚେତ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯାଇଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସୂଚନା ଦେଇଛନ୍ତି । ସରକାର, ପ୍ରଶାସନ, ମିଲ୍ କର୍ତୃପକ୍ଷଙ୍କ ସହ ଆଲୋଚନା ହେଉଛି ସହମତି ହେଉଛି କିନ୍ତୁ ମିଲ ଖୋଲୁ ନାହିଁ ବୋଲି ବିଧାୟକ ଅଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଗତ ୮ ତାରିଖରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ବାସଗୃହରେ ଏକ ଗୁରୁତ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା । ବିଧାୟକ ବାହୀନିପତିଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ପେପର ମିଲ ର ୩, ୪ ୟୁନିଅନ ସହ ଠିକାଦାର ୟୁନିଅନ ଉପସ୍ଥିତ ରହି ଜିଲାପାଳଙ୍କ କାଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତି ହୋଇଛି । ପେପର ମିଲ ସମସ୍ୟା ନେଇ ଗତ ସରକାରରେ ବାରମ୍ବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ଦାବି କରାଯାଇଥିଲା । ସେହି ସରକାର ମଧ ପ୍ରତିଶୃତି ଦେଇଥିଲେ ହେଲେ ତାହା ପୁରୁଣ ହୋଇ ପାରିଲା ନାହିଁ । ବର୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରାଯାଇଥିଲା । ସଭାସମିତିରେ ମଧ ପେପର ମିଲ ଚାଲୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତଶୃତି ଦେଇଥିଲେ । ପେପର ମିଲ ର ଏକ ଟିମ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଚିବ ସ୍ତରିୟ ସହ ମିଲ କତୃପକ୍ଷଙ୍କ ଉଚ୍ଚ ସ୍ତରିୟ ବୈଠକ ଗତ ସରକାର ସମୟରେ ୫ ଓ ବର୍ତମାନ ସରକାରରେ ମଧ ବୈଠକ ହୋଇଛି । ଗତ ୧୧।୩ ତାରିଖରେ ବିଧାନସଭାର ଶୁନ୍ୟକାଳ ଆଲୋଚନାରେ ସେୱା ପେପର ମିଲ ପୁନରୁଦ୍ଧାର ପ୍ରସଙ୍ଗ ଉଠାଇଥିଲେ । କିନ୍ତୁ ସୁଫଳ ମିଳୁ ନାହିଁ । ପେପର ମିଲ ଉପରେ ନର୍ଭର କରୁଥିବା ୧୦ ହଜାର ଲୋକେ ବହୁତ ହଇରାଣ ହେଉଛନ୍ତି ।

# ଟିଖାରୀ ସଂରକ୍ଷିତ ଜଙ୍ଗଲରୁ କେନ୍ଦୁ କାଠଗଣ୍ଡି ଜବତ୍: ବନ ବିଭାଗର ଚଢ଼ାଉ, ଚୋରା ମାଫିଆ ଫେରାର୍

ବଲାଙ୍ଗୀର, ୨୦/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନ ବିଭାଗକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଟିଖାରୀ ସଂରକ୍ଷିତ ଜଙ୍ଗଲରୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ବିପୁଳ ପରିମାଣର କେନ୍ଦୁ କାଠଗଣ୍ଡିକୁ ବନ ବିଭାଗ ଜବତ୍ କରିବାରେ ସକ୍ଷମ ହୋଇଛି। ତେବେ ଚଢ଼ାଉ ସମୟରେ କାଠ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଆଜି ମୁରିବାହାଲ ରେଞ୍ଜ ଅଧୀନ ଟିଖାରୀ ସଂରକ୍ଷିତ ଜଙ୍ଗଲର ଗୋବିନ୍ଦପୁର ନିକଟରେ କିଛି କାଠ ମାଫିଆ ଗଛ କାଟି ଚୋରା ଚାଲାଣ ଉଦ୍ଦେଶ୍ୟରେ ଗଚ୍ଛିତ ରଖିଥିଲେ। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୁରିବାହାଲ ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ନେତୃତ୍ୱରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ଅପରାହ୍ନ ୪ ଟା ସମୟରେ ସେଠାରେ ହଠାତ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବେଆଇନ ଭାବେ କଟାଯାଇ ରଖାଯାଇଥିବା ୧୧ ଖଣ୍ଡ ମୂଲ୍ୟବାନ କେନ୍ଦୁ କାଠଗଣ୍ଡିକୁ ବନ ବିଭାଗ ଜବତ୍ କରିଛି। ଜବତ୍ ହୋଇଥିବା ଏହି କାଠର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୦,୦୦୦ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫଳ ଚଢ଼ାଉରେ ଯଇଁତରା ଓ ମୁରିବାହାଲ ଫରେଷ୍ଟର ଧ୍ରୁବ ଚରଣ ବଗର୍ତୀ, ଗୋବିନ୍ଦପୁର ବିଟ୍ର ଫରେଷ୍ଟ ଗାର୍ଡ ସୁମନ୍ତ ଧରୁଆ, ଯଇଁତରା ବିଟ୍ ର ଫରେଷ୍ଟ ଗାର୍ଡ ଆକାଶ ପ୍ରଧାନ ଏବଂ ଆଇପିସିଇଏ ସ୍କ୍ୱାଡ୍ର ସଦସ୍ୟମାନେ ପ୍ରମୁଖ ସାମିଲ ରହିଥିଲେ।ବନ ବିଭାଗର ତତ୍ପରତା ଯୋଗୁଁ ଏକ ବଡ଼ଧରଣର କାଠ ଚୋରାଚାଲାଣ ରୋକାଯାଇ ପାରିଥିଲେ ମଧ୍ୟ କାଠ ମାଫିଆମାନେ ଖସି ପଳାଇବାରେ ସଫଳ ହୋଇଛନ୍ତି। ବନ ବିଭାଗ ସେମାନଙ୍କର କୌଣସି ସୁରାକ୍ ପାଇପାରି ନାହିଁ। ଏହି ବେଆଇନ କାରବାର ପଛରେ କେଉଁ ମାନଙ୍କର ହାତ ରହିଛି ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# 'ଓଡ଼ିଶାର ସମ୍ବାଦପତ୍ରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ତାଙ୍କର ସୁଯୋଗ୍ୟ ସାରସ୍ୱତ ଦାୟାଦ, ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟ ସାଧକ, ବିଶିଷ୍ଟ ସାହିତ୍ୟ ସଂଗଠକ ତଥା ଶୈକ୍ଷିକ ଧାରାର ସମାଜସେବୀ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଶତାଧିକ ଲେଖା ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି। ଏହା ବ୍ୟତୀତ ତାଙ୍କ ସମ୍ପର୍କରେ ମଧ୍ୟ ଅସଂଖ୍ୟ ସମ୍ବାଦ ପ୍ରକାଶିତ। ସେ ସମସ୍ତ ଲେଖା ଓ ସମ୍ବାଦରୁ ସୁନିର୍ବାଚିତ ଅନେକ ଲେଖା ଓ ସମ୍ବାଦକୁ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର ସମ୍ପାଦକ ଶ୍ରୀ ଦିନେଶ କୁମାର ନାଏକ ନିଆରା ଶୈଳୀରେ ଏକ ୨୨୮ ପୃଷ୍ଠାର ପୁସ୍ତକ ସମ୍ପାଦନା କରିଛନ୍ତି, ଯାହାର ଶୁଭ ଉନ୍ମୋଚନ ବାଣୀବିହାରସ୍ଥିତ ଓଡ଼ିଆ ବିଭାଗରେ ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା



ଦେବା ଅବସରରେ ହୋଇ ଯାଇଛି। ବିଭାଗ-ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସଭାରେ ବିଭାଗୀୟ ଅତିଥି ପ୍ରାଧ୍ୟାପକ ଡକ୍ଟର ସଂଗ୍ରାମ କେଶରୀ ରାଉତ, ନିଜେ ପ୍ରଫେସର ମେହେର ଓ ସମ୍ପାଦକ ଶ୍ରୀ ଦିନେଶ ନାଏକ ଉପସ୍ଥିତ ଥିଲେ। ଏଭଳି ଏକ ଭିନ୍ନ ପ୍ରକାରର ସଂଗ୍ରହ ଓ ସମ୍ପାଦନା ଓଡ଼ିଶାରେ ପ୍ରଥମ ଥର ହୋଇଥିବାରୁ ଏହାକୁ ଉଚ୍ଚପ୍ରଶଂସା କରି ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକମାନେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଜାତନ୍ତ୍ରର ସମ୍ପାଦକ ତଥା ସାଂସଦ ଭର୍ତ୍ତୃହରି ମହତାବ, ସମାଜର ସମ୍ପାଦକ ତପନ କୁମାର ମିଶ୍ର, ଗଣ ଇସ୍ତାହାରର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ନିର୍ଭୟାର ସମ୍ପାଦକ ନବୀନ ଦାସ, ସମୟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ସକାଳର ସମ୍ପାଦକ ସମରେନ୍ଦୁ ଦାସ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ପ୍ରଫେସର ମେହେରଙ୍କ ସମ୍ପର୍କରେ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ପାଦକ ଦିନେଶ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲାରେ ଆରମ୍ଭ ହେଲା ଜନଜାତୀୟ ଗରିମା ଉତ୍ସବ ଅବସରରେ ଜନ ଭାଗିଦାରୀ ଅଭିଯାନ

ବୌଦ୍ଧ, ୨୦/୦୫ (ନି.ପ୍ର): ଜନଜାତୀୟ ଗାରିମା ଉତ୍ସବ ୨୦୨୬ ଅବସରରେ "ଜନ ଭାଗିଦାରୀ ଅଭିଯାନ – ସବୁଠାରୁ ଦୂର, ସବୁଠାରୁ ପ୍ରଥମେ" କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଂଟାମାଳ ବ୍ଲକରେ ଆଦିମ ଜନଜାତି, ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ଏହି ଅଭିଯାନ ୨୫ ମଇ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆୟୋଜିତ ହେବ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ, ସେମାନଙ୍କ ଐତିହ୍ୟର ସୁରକ୍ଷା ଏବଂ ଅଧିକାର ସୁନିଶ୍ଚିତ କରିବା। ତୃଣମୂଳ ସ୍ତରରେ ଲୋକଙ୍କ ସକ୍ରିୟ ଭାଗିଦାରୀ ସହିତ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଟିକରପଡା, ନୂଆପାଲି, ସିଲେଇମାଳ, ଦେଢ଼ାନମାଲ, ଗୋଛାଗୋରା, ମାଧପୁର ଓ ଲାଣ୍ଡିବନ୍ଧ ଗ୍ରାମରେ ମୋଟ ୮ଟି କ୍ୟାମ୍ପ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଗ୍ରାମସଭା, ଜନଶୁଣାଣି ଓ ସଚେତନତା ଶିବିର ଆୟୋଜନ କରାଯିବ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସୂଚନା ଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା କହିଲେ ଯେ, ଏଥିରେ ଲୋକମାନଙ୍କ ସମସ୍ୟା ଶୁଣାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଜନଶୁଣାଣି ପାଇଁ ୭ଟି ଆଦି ସେବା କେନ୍ଦ୍ର ଓ ପଂଚାୟତ କାର୍ଯ୍ୟାଳୟ ଚିହ୍ନଟ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ସମନ୍ୱୟରେ କାମ କରୁଛନ୍ତି। ସମସ୍ତ ବିଭାଗ ଦ୍ୱାରା ସଚେତନତା ଶିବିର ଆୟୋଜନ କରି ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଲୋକଙ୍କ ପାଖରେ ପହଂଚାଇ ଦିଆଯିବ। ଏହାସହ ଗ୍ରାମରେ ରହି ଜନଜାତି ସମୁଦାୟ ସହିତ ସମ୍ପର୍କ ସୃଷ୍ଟି କରି ସେମାନଙ୍କ ଆବଶ୍ୟକତା ବୁଝିବାକୁ ଗୁରୁତ୍ୱ ଦିଆଯାଉଛି। ଗଣମାଧ୍ୟମ ପ୍ରଚାର, ଡକୁମେଂଟେସନ ଓ ଫଟୋ/ଭିଡିଓ ଅପଲୋଡ୍ ମାଧ୍ୟମରେ ଅଭିଯାନକୁ ବ୍ୟାପକ କରାଯିବ। ଜନଶୁଣାଣିରେ ମିଳୁଥିବା ଅଭିଯୋଗଗୁଡିକୁ ତୁରନ୍ତ ସମ୍ପୃକ୍ତ ବିଭାଗକୁ ପଠାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ନିୟମିତ ନିରୀକ୍ଷଣ କରାଯାଉଛି। ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଅଭିଯାନକୁ ସଫଳ କରିବା ପାଇଁ ସମନ୍ୱୟ, ସକ୍ରିୟ ଭାଗିଦାରୀ ଓ ସମୟୋପଯୁକ୍ତ ଅଂଶଗ୍ରହଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଅନୁରୋଧ କରିଛନ୍ତି।

## ଲୁଟ ମାମଲାରେ ୩ ଗିରଫ

ଜୟପୁର, ୨୦/୦୫ (ନି.ପ୍ର): ଜୟପୁର ଗାନ୍ଧୀଛକ ଠାରୁ କେନାଲ ଯିବା ରାସ୍ତାରେ ଏକ ମହିଳାଙ୍କ ଠାରୁ ଲୁଟ କରିଥିବା ମାମଲାରେ ଆଜି ଟାଉନପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ୩ଜଣ ହେଲେ ବାପୁଜୀ ନଗର ଅଂଚଳର ପୂର୍ଣ୍ଣ ଖରା, ସନ୍ତୋଷ ବେନିଆ, କୋସିଲୋ ଖରା। ପୁଲିସ ସୂଚନା ଅନୁଯାୟୀ ଗତ୮ ତାରିଖରେ ବିକାଶ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଦୁଇଜଣ ଯିବା ସମୟରେ କେନାଲ ରୋଡରେ ହଠାତ ୪ଜଣ ଯୁବକ ଗାଡିକୁ ଅଟକାଇ ୧୦ ହଜାର ଟଙ୍କା ମାଗିଥିଲେ। ଅଧ୍ୟାପକ ଜଣକ ଫୋନ ପେ କରିଦେବି ବୋଲି କହିବା ପରେ ଅଭିଯୁକ୍ତ ମାନେ ମନା କରି ସେମାନଙ୍କୁ ନଗଦ ଟଙ୍କା ଦେବା ପାଇଁ କହିଥିଲେ। ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅଧ୍ୟାପକ ଜଣକ ଟଙ୍କା ଆଣିବା ଭିତରେ ୪ଜଣ ଅଭିଯୁକ୍ତ ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ଲୁଟି ନେଇଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ

ଜୟପୁର, ୨୦/୦୫ (ନି.ପ୍ର): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବୈଠକରେ ଜିଲ୍ଲାର ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ ପାଇଁ ନିର୍ବାହୀ ଯନ୍ତ୍ରୀ ଜଳସେଚନ ଏବଂ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବ୍ଲକରେ ବନ୍ୟା ବୃତ ଗଠନ କରାଯିବ। ବନ୍ୟା ପ୍ରବଣ ଅଂଚଳରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ, ଶୁଦ୍ଧ ପାନୀୟ ଜଳ ଆଗୁଆ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ଅଧିକ୍ଷଣ ଯନ୍ତ୍ରୀ ଜଳ ଓ ପରିମଳ ବିଭାଗଙ୍କୁ କୁହାଯାଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ୧ ମେ ରୁ ନଭେମ୍ବର ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବ। ୧ ଜୁନରୁ ୧୫ ଅକ୍ଟୋବର ପର୍ଯ୍ୟନ୍ତ ଦୈନିକ ସ୍ଥିତି ରିପୋର୍ଟ ଏସଆରସି, ଓଡ଼ିଶାଙ୍କୁ ପଠାଯିବ। କୋଟପାଡ, ବୋରିଗୁମ୍ମା ଓ ଜୟପୁରରେ ୩ଟି ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ ହୋଇଛି। ମହାମାରୀ ପ୍ରତିହତ ପାଇଁ ସାପ କାମୁଡା ଇଞ୍ଜେକସନ, ହେଲୋଜିନ ବଟିକା, ଓଆରଏସ, ବ୍ଲିଚିଂ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ହୋଇଛି। ଓଡ୍ରାଫ/ଏନଡିଆରଏଫ ନିୟୋଜନ, ବିଦ୍ୟୁତ, ଟେଲିକମ ଓ ରାସ୍ତା ପୁନରୁଦ୍ଧାର ପାଇଁ ଟିପିଏସଓଡିଏଲ, ବିଏସଏନଏଲ, ପୂର୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧଙ୍କୁ ସୁରକ୍ଷିତ ଉଦ୍ଧାର, ଦେଶୀ ଡଙ୍ଗାର ପଞ୍ଜୀକରଣ ଯାଂଚ ଓ ଡ଼ଙ୍ଗାରେ ଯାତାୟାତ ସମୟରେ ଲାଇଫ ଜ୍ୟାକେଟ ବ୍ୟବହାର କରିବାକୁ ସଚେତନ କରିବାକୁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ସାଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

# ଓଡ଼ିଶାର ଆମ୍ବ କିସମ ଓ ଉତ୍ପାଦନକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଭୁବନେଶ୍ୱର ଠାରେ ଆୟୋଜିତ ହେଉଥିବା ଆଜିର ଜୋନାଲ କନ୍‌ଫରେନ୍ସରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ଓ କୃଷି ଉଦ୍ୟୋଗୀଙ୍କ ଦ୍ୱାରା ଶଙ୍କର ଏବଂ ଏଲିଟ୍ କିସମର ବିଭିନ୍ନ ପ୍ରକାରର ଆମ୍ବ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ଜିଲ୍ଲାରୁ ଏବଂ କେନ୍ଦ୍ରୀୟ ଉଦ୍ୟାନ ପ୍ରଶିକ୍ଷଣ ସଂସ୍ଥା ତରଫରୁ ୩୫ରୁ ୪୦ କିସମର ଆମ୍ବ ଏଥିରେ ସ୍ଥାନ ପାଇଥିଲା । ସେଥି ମଧ୍ୟରୁ ମୟୂରଭଞ୍ଜରୁ ଆସିଥିବା ସିମିଲଟନ୍ ସୁନ୍ଦରୀର ନାଲିରଙ୍ଗ ବେଶ୍ ଆକର୍ଷିତ କରିଥିଲା । ଏତଦ୍ ବ୍ୟତୀତ କିଲୋ ପ୍ରତି ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଦାମରେ ବିକ୍ରି ହେଉଥିବା ମିଆଜାକି ଆମ୍ବ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏଥି ସହିତ କେଉଁଝରର ବଳଦେବ କିସମ, ବଲାଙ୍ଗିରର ଜାହାଙ୍ଗିର ଓ ଢେଙ୍କାନାଳର ବେଲଗଜା ଏବଂ ଅନେକ ଶଙ୍କର ଓ ଉନ୍ନତ କିସମର ଆମ୍ବ ଯଥା-ଆର୍କା ନିଳାଚଳ, କେଶରୀ, ଆର୍କା ପୁନିତ, ଆର୍କା ସୁପ୍ରଭାତ, ଆର୍କା ଉଦୟ, ଅମ୍ବିକା ଇତ୍ୟାଦି କୃଷି ଉଦ୍ୟୋଗୀଙ୍କ ତରଫରୁ ପ୍ରଦର୍ଶିତ କରାଯାଇଥିଲା ।

# ସଠିକ୍ ଓ ସ୍ୱଚ୍ଛ ଭୋଟର ତାଲିକା ଉପରେ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୦/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍.ଆଇ.ଆର୍) କାର୍ଯ୍ୟକ୍ରମ ଲାଗୁ କରାଯାଇଥିବା ପରିପେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରଘୁରାମ୍ ଆଁ.ଆୟାର୍ଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଆଇ.ଆର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର୍ ତାଲିକାରେ ସାମିଲ୍ କରିବା ସହ ଅଯୋଗ୍ୟ, ମୃତ ଓ ନକଲ ନାମ ଗୁଡିକୁ ଚିହ୍ନଟ କରି ବାଦ୍ ଦେବା, ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯିବା ସହ ଭୋଟର ତାଲିକାରେ ସଠିକତା, ସ୍ୱଚ୍ଛତା ଓ ବିଶ୍ୱାସନୀୟତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, ବିଜେପିର ଉପିନ କୁମାର ରାଉତ, ଜାତୀୟ କଂଗ୍ରେସର ପ୍ରଫୁଲ୍ଲ କୁମାର ଦାସ, ବିଏସ୍ପିର ସୁଧାକର ମଲ୍ଲିକ, ସିପିଆଇଏମ୍ର ଜଗତଜୀବନ ଦାଶ ଏବଂ ଆମ୍ ଆଦ୍ମି ପାର୍ଟିର ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ବୁଥ ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ସହ ଏସ୍ଆଇଆର୍ ସମ୍ପର୍କିତ ମତାମତ ଓ ପରାମର୍ଶ ଲିଖିତ ଆକାରରେ ଜିଲ୍ଲାପାଳ କିମ୍ବା ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କୁ ଜଣେଇବାକୁ ଅନୁରୋଧ କରିଥିଲେ। ଜୁଲାଇ ୧ ରୁ କ୍ୱାଲିଫାଇଂ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ଜୁନ୍ ୨୮ ସୁଦ୍ଧା ପୋଲିସ୍ ଷ୍ଟେସନ୍ ଗୁଡିକର ରାସନ୍ ଲାଇଜେସନ୍ କାର୍ଯ୍ୟ ସମ୍ପୃକ୍ତ ହେବ। କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା ଆସନରେ ମୋଟ୍ ୧୪୪୯ଟି ପୋଲିଂ ଷ୍ଟେସନ୍ ରହିଥିବାବେଳେ ୧୪୫ ଜଣ ବିଏଲ୍ଓ ସୁପର ଭାଇଜର ଓ ୧୪୪୯ ଜଣ ବୁଥ୍ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି।

# କନ୍ଧମାଳରେ ଏସ୍ ଆଇ ଆର୍ ଆରମ୍ଭ : ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

କନ୍ଧମାଳ, ୨୦/୦୫ (ନି.ପ୍ର): ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାକୁ ଶତପ୍ରତିଶତ ନିର୍ଭୁଲ କରିବା ଲାଗି କନ୍ଧମାଳ ଜିଲ୍ଲାରେ ସୋମବାର ଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନ ୪ଟାରେ ଜିଲ୍ଲା କଲେକ୍ଟରେଟ୍ ର ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଏଥର ଏସ୍ ଆଇ ଆର ରେ ଘରକୁ ଘର ଯାଇ ଯାଞ୍ଚ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ୧ ଜାନୁଆରୀ ୨୦୨୬ ସୁଦ୍ଧା ୧୮ ବର୍ଷ ପୂରଣ କରିଥିବା ଯୋଗ୍ୟ ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ଯୋଡାଯିବ। ସେହିପରି ମୃତ ଓ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ଫର୍ମ-୭ରେ ବାଦ୍ ଦିଆଯିବ ଏବଂ ଡୁପ୍ଲିକେଟ୍, ଭୁଲ୍ ନାମ, ଠିକଣା କିମ୍ବା ଫଟୋ ଫର୍ମ-୮ ଦ୍ୱାରା ସଂଶୋଧନ କରାଯିବ। "ଗୋଟିଏ ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡନ୍ତି ଏବଂ ଗୋଟିଏ ବି ଅଯୋଗ୍ୟ ନାମ ତାଲିକାରେ ନ ରୁହେ, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ସାମ୍ବିଧାନିକ ଦାୟିତ୍ୱ", ବୋଲି ଜିଲ୍ଲାପାଳ ବୈଠକରେ ଦୃଢ଼ ଭାବେ କହିଥିଲେ। ଏଥିପାଇଁ ସେ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ପୋଲିଂ ବୁଥ୍ ପାଇଁ ତୁରନ୍ତ ଜଣେ ଲେଖାଏଁ ବୁଥ୍ ଲେବଲ୍ ଏଜେଣ୍ଟ ନିଯୁକ୍ତ କରି ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। (ବିଏଲ୍ଏ) ମାନେ ବୁଥ୍ ଲେବଲ୍ ଅଫିସର (ବିଏଲଓ )ଙ୍କ ସହ ମିଶି ଘରକୁ ଘର ବୁଲି ଭୋଟର ତାଲିକାର ଫିଲ୍ଡ ଭେରିଫିକେସନ୍ କରିବେ ଏବଂ ଦାବି-ଆପତ୍ତି ଦାଖଲରେ ସହଯୋଗ କରିବେ। ଜିଲ୍ଲାପାଳ ଆହୁରି କହିଥିଲେ ଯେ, ଦଳଗୁଡିକ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ଆବେଦନ କରିବାକୁ ଉତ୍ସାହିତ କରନ୍ତୁ। ନିର୍ଭୁଲ ତାଲିକା ହିଁ ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଆଧାର।ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ (ନିର୍ବାଚନ), ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ସମସ୍ତ ରାଜନୈତିକ ଦଳର ଜିଲ୍ଲା ସଭାପତି ଓ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ପରାମର୍ଶ ଦେଇଥିଲେ।

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ମହାପ୍ରଶିକ୍ଷଣ ଶିବିର ୨୦୨୬ ଉଦ୍‌ଯାପିତ




ବାଲେଶ୍ୱର, ୨୦/୫ (ନି.ପ୍ର): ସ୍ଥାନୀୟ ନୋସି ବିଜିନେସ ପାର୍କରେ ଦୁଇଦିନ ଧରି ଚାଲିଥିବା ପଣ୍ଡିତ୍ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ୨୦୨୬ ଉଦ୍ ଜାପିତ ହୋଇ ଯାଇଛି । ଏହି ସମରୋପ ସତ୍ରକୁ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ, ମୁଖ୍ୟ ଆକର୍ଷଣ ଭାବରେ ରାଜ୍ୟ ବିଜେପି ସଭାପତି ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ମନମୋହନ୍ ସାମଲ ଉପସ୍ଥିତ ରହି ପ୍ରଶିକ୍ଷକ ଭାବରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ସ୍ୱରୂପ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ବନ୍ଧରେ ବାର୍ତ୍ତା ରଖିଥିଲେ, ଉଭାୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ବଖାଣିବା ସହ ବୁଥ ସ୍ତରରେ ଦଳ କିପରି ଆହୁରି ସୁଦୃଢ଼ ହେବ ସେ ବିଷୟରେ କହିଥିଲେ। ପୁର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଶିକ୍ଷଣ ଦ୍ୱାରା ଜଣେ କାର୍ଯ୍ୟକର୍ତ୍ତା କିପରି ନିଜକୁ ଅଧିକ ମାର୍ଜିତ କରି ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ସମାରୋପ ସତ୍ରରେ ଜିଲ୍ଲା ପ୍ରଭାରୀ ଗୌତମ ରାୟ , ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରଶିକ୍ଷଣ ବର୍ଗର ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ତଥା ରାଜ୍ୟ ପ୍ରବକ୍ତା ହିତେଶ ମୋହାପତ୍ର, ଜିଲ୍ଲା ବର୍ଗ ପ୍ରମୁଖ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା ମଞ୍ଚ ପରିଚାଳନା କରିଥିଲେ । ଆଜି ଅନୁଷ୍ଠିତ ସମସ୍ତ ୭ଗୋଟି ସତ୍ର କୁ ଜିଲ୍ଲା ସମ୍ପାଦକ ରାଜେଶ ମହାପାତ୍ର ଓ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ପରିଚାଳନା କରିଥିଲେ । ଅଂଶୁମାନ ସବୁଜ ମହନ୍ତ ବର୍ମା, ବିରଞ୍ଚି ନାରାୟଣ ତ୍ରିପାଠୀ, ଜ୍ୟୋତି ରଞ୍ଜନ ନାୟକ, ସୁଜାତା ସାବତ ପାଢ଼ୀ, ଆଶୁତୋସ ପରିଡା, ଧିରେନ ସେନାପତି ପ୍ରମୁଖ ସତ୍ର ରେ ପ୍ରଶିକ୍ଷଣ ଦେଇଥିବା ବେଳେ , କାର୍ତ୍ତିକ ଗିରି, ମୋହିତ ପୋଦ୍ଦାର, କମଳା ବିନ୍ଧାଣୀ, ଆଶିଷ ଘୋଷ, ଅଣୁ ମାଧବ ପଣ୍ଡା, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ସଭାପତିତ୍ୱ କରିଥିଲେ, ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାକୁ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପରିଚାଳନା କରିଥିଲେ, ସହ ସଂଯୋଜକ ରଣଜିତ୍ ପୃଷ୍ଟି ଗଣମାଧ୍ୟମ ଓ ବଳରାମ ବିଶ୍ୱାଳ ଓ ସୁସ୍ମିତା ପଣ୍ଡା ସାମୂହିକ ସଙ୍ଗୀତ ପରିବେଷଣ ଦାୟିତ୍ୱ ସମ୍ପାଦନ କରିଥିଲେ, ଆଜି ସକାଳ ୬ ଘଟିକାରେ ବିବେକାନନ୍ଦ ଯୋଗ ସଂସ୍ଥା ପକ୍ଷରୁ ଶିବିରାର୍ଥିଙ୍କୁ ଯୋଗ ପ୍ରଶିକ୍ଷଣ ଦିଆ ଯାଇଥିଲା କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର ଝଂକାର ସେଠୀ, ସୁରଜ୍ ବିଶାଳ ସ୍ୱାଧୀନ ପଣ୍ଡା, ପବନ କମିଲା,ସୁମନ୍ତ ମହାଳିକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

# ଏକ ଟଙ୍କାରେ ରୋଗୀସେବା: ଡାକ୍ତର ନିର୍ମାଲ୍ୟ ମହାପାତ୍ରଙ୍କ ଅନନ୍ୟ ସେବାକୁ ଭୂୟସୀ ପ୍ରଶଂସା



ନୀଳଗିରି, ୨୦/୫ (ନି.ପ୍ର): ମନୁଷ୍ୟସେବା ମାଧବ ସେବା। ରୋଗଯନ୍ତ୍ରଣାରେ ଜର୍ଜରିତ କଷ୍ଟିଟିଏ ଯନ୍ତ୍ରଣାର ଉପଶମପାଇଁ ଡାକ୍ତରଙ୍କ ପାଖକୁ ଯାଏ। ଡାକ୍ତରଙ୍କୁ ଭଗବାନଙ୍କ ଦ୍ୱିତୀୟ ଅବତାରବୋଲି ଆଜିର ସମାଜ ମାନୁଥିବା ବେଳେ ଅନେକ ଡାକ୍ତର ବିଭିନ୍ନ କ୍ଲିନିକ୍ ଖୋଲି ମୋଟାଅଙ୍କର ପାଉଣା ନେଇ ରୋଗୀସେବା କରୁଅଛନ୍ତି।ଏଭଳି ଜଣେ ଡାକ୍ତର ମାତ୍ର ଏକଟଙ୍କା ପାଉଣାନେଇ ରୋଗୀସେବା ଦେଉଛନ୍ତି। ଯିଏ ଶୁଣୁଛି ସିଏ ଆଷ୍ଟର୍ଯ୍ୟ ହୋଇପଡୁଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ସହକାରୀ ପ୍ରଫେସର୍ ଡାକ୍ତର ନିର୍ମାଲ୍ୟ ମହାପାତ୍ର। ସେ ଅର୍ଥପେଡିସ, ନ୍ୟୁରୋପେନ୍, ଓ ରିଉମାଟୋଲଜି ବିଭାଗରେ ଜଣେ ସୁନାମ ଅର୍ଜନ କରିଥିବା ଡ଼ାକ୍ତରଭାବେ ଏମ୍.ବି.ବି.ଏସ, ଏମ୍.ଡି, (ପି.ଏମ୍.ଆର) ରେ ସଫଳତା ପାଇ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଫିଲୋସିପ ଇନ୍ ପେନ୍ ମେଡ଼ିସିନରେ ସଫଳତା ହାସଲ କରିଛନ୍ତି। ୨୦୦୮ମସିହାରେ ଏମ୍.ବି.ବି.ଏସ, ୨୦୧୪ରେ ୟୁ.ଜି, ୨୦୧୮ରେ ପିଜି କରିଥିବା ବେଳେ ରାମ ମୋନହର ଲୋହିୟାରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏବେ ଫକୀର ମୋହନ ମେଡିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ମିଷ୍ଟ ଭାଷୀ, ମେଳାପୀ ସ୍ୱଭାବର ଡାକ୍ତର ନିର୍ମାଲ୍ୟ ମହାପାତ୍ର, ନିଜର ରୋଗୀଙ୍କୁ ତାଙ୍କର ଆଚରଣ, ବ୍ୟବହାରରେ ବେଶ୍ ଖୁସି ହୋଇଥାନ୍ତି ରୋଗୀ। ରୋଗୀଙ୍କୁ ସେବା କରିବା ତାଙ୍କ ଜୀବନର ମୂଳ ମନ୍ତ୍ର ବୋଲି ପ୍ରକାଶ କରିଛନ୍ତି। ସେଥିପାଇଁ ଆରୋଗ୍ୟ ମନ୍ଦିର ନାମରେ ଏକ ସେବା କେନ୍ଦ୍ର ଖୋଲିଛନ୍ତି। ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏକ ଟଙ୍କାରେ ରୋଗୀ ସେବା କରିବା ପାଇଁ ନୀଳଗିରି ବସ ଷ୍ଟାଣ୍ଡ ନିକଟରେ ଶାରଳା ମେଡ଼ିସିନ ଷ୍ଟୋରରେ ନିଜର ଆରୋଗ୍ୟ ମନ୍ଦିର ଖୋଲି ପ୍ରତି ମଙ୍ଗଳବାର ସନ୍ଧ୍ୟାରେ ଏକ ଟଙ୍କା ପାଉଣା ନେଇ ରୋଗୀ ସେବା କରୁଅଛନ୍ତି। ପ୍ରତି ମଙ୍ଗଳବାର ପାଖାପାଖି ୬୦ରୁ ଅଧିକ ରୋଗୀ ଦେଖୁଛନ୍ତି। କେବେବି ବିରକ୍ତ ହୁଅନ୍ତି ନାହିଁ, ବରଂ ରୋଗୀସେବା କରି ଖୁସି ହୁଅନ୍ତି ବୋଲି ପ୍ରକାଶ କରିଛନ୍ତି। ଟଙ୍କା ରୋଜଗାର କରିବା ମୋ ଜୀବନର ଲକ୍ଷ୍ୟ ନୁହଁ, ରୋଗୀ ସେବା କରିବା ହେଉଛି ମୋ ଜୀବନର ଲକ୍ଷ୍ୟ ବୋଲି କହିଥିଲେ। ଏଭଳି ଡାକ୍ତର ଙ୍କୁ ପାଇଁ ନୀଳଗିରି ଅଞ୍ଚଳର ବିଭିନ୍ନ ଗ୍ରାମରୁ ମଙ୍ଗଳବାର ସନ୍ଧ୍ୟାରେ ରୋଗୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବେଳେ ବେଳେ ରାତି ୧୧ଟା ପର୍ଯ୍ୟନ୍ତ ରୋଗୀ ଦେଖୁଥିବାର ଦେଖିବାକୁ ମିଳିଛି।

## ପ୍ରକାଶ ପାଇଲା ଯୁକ୍ତଦୁଇ ପରୀକ୍ଷାଫଳ: ନୀଳଗିରି ଛାତ୍ରଛାତ୍ରୀଙ୍କ ଉନ୍ନତ ପ୍ରଦର୍ଶନ

ନୀଳଗିରି, ୨୦/୫ (ନି.ପ୍ର): ଚଳିତବର୍ଷ ଯୁକ୍ତ ୨ କଳା,ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷାଫଳ ପ୍ରକାଶ ପାଇଛି। ନୀଳଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀ ଲୋପାମୁଦ୍ରା ବେହେରା ବିଜ୍ଞାନରେ ୫୫୮ ନମ୍ବରରଖି ନୀଳଗିରି ବ୍ଲକରେ ଟପ୍ପର ହୋଇଛନ୍ତି। ସେହିପରି କଳାବିଭାଗରେ ନୀଳଗିରି ମହାବିଦ୍ୟାଳୟର ଛାତ୍ରୀ ପୁଷ୍ପଲତା ସ ୫୪୩ ନମ୍ବର ରଖି ନୀଳଗିରି ବ୍ଲକରେ ସର୍ବାଧିକ ନମ୍ବର ରଖିଛନ୍ତି।ବିଭିନ୍ନ ମହଲରୁ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ମିଳିଛି।ସେହିପରି ନୀଳଗିରି ବ୍ଲକ ବାଲିପାଳ ଗ୍ରାମର ନିହାର ରଞ୍ଜନ ବେହେରା ଫକୀରମୋହନ କଲେଜରେ ଅଧ୍ୟୟନ କରୁଥିବା ବେଳେ ବିଜ୍ଞାନ ବିଭାଗରେ ୫୮୯ ମାର୍କ ରଖି ନୀଳଗିରି ପାଇଁ ଗୌରବ ଆଣିଥିବା ବେଳେ ଔପଦା ବ୍ଲକ ଗୋପ ଗ୍ରାମର ଉତ୍ତମଜ୍ୟୋତି ପରିଡା ସୋର ୟୁଏନ କଲେଜରେ ଅଧ୍ୟୟନ କରୁଥିବା ବେଳେ ବିଜ୍ଞାନ ବିଭାଗରେ ୫୭୬ ନମ୍ବର ରଖି ଅଞ୍ଚଳପାଇଁ ଗୌରବ ଆଣିଛନ୍ତି ।

# ଜମିଜମା ବିବାଦରୁ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ ମାମଲା: ୩ ଦୋଷୀଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୦/୫ (ନି.ପ୍ର): ଆସିଷ୍ଟାଣ୍ଟ ସେସନ୍ ଆଣ୍ଡ ସ୍ପେଶାଲ ଟ୍ରାକ୍ କୋର୍ଟ ଜଜ ଶୀତିକଣ୍ଠ ପ୍ରଧାନ ଏକ ଜମିଜମା ବିବାଦକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ ମାମଲାର ଶୁଣାଣି କରି ମଙ୍ଗଳବାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ବନମାଳୀ ଗିରି, ବରେନ୍ଦ୍ର ଗିରି ଓ ମାନସ ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୧୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ମାସ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଦର୍ଶାଯାଇଛି। ସୂଚନା ଯେ, ୨୦୨୦ ମସିହାରେ ସିଂଲା ଥାନା ଅନ୍ତର୍ଗତ ପଣସା ଗ୍ରାମର ବଡ଼ଭାଇ ବନମାଳୀ ଓ ସାନଭାଇ ବରେନ୍ଦ୍ର ମିଶି ମଝିଆଁ ଭାଇ ହରିଷ୍ଚନ୍ଦ୍ରଙ୍କ ଅଗୋଚରରେ ବାପାଙ୍କଠାରୁ ନିଜ ନାମରେ ଘରଡିହ ଓ ଜମିବାଡ଼ିକୁ ଦଲିଲ କରାଇନେଇଥିଲେ। ହରିଷ୍ଚନ୍ଦ୍ର ଏହା ଜାଣିବା ପରେ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ହରିଷ୍ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ କଳ୍ପନାଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବାଉଁଶ ଠେଙ୍ଗାରେ ପିଟି ପିଟି ହରିଷ୍ଚନ୍ଦ୍ରଙ୍କ ଗୋଡକୁ ଭାଙ୍ଗି ପଙ୍ଗୁ କରିଦେଇଥିଲେ। ଏପରିକି ଘର ଛାଡ଼ି ଚାଲିଯିବାକୁ ଧମକ୍ ମଧ୍ୟ ଦେଇଥିଲେ। ଅଭିଯୋଗ ମୁତାବକ ସିଂଲା ଥାନାରେ ୨୦୨୦ ମାର୍ଚ୍ଚ ୯ ତାରିଖରେ ୫୩/୨୦ ନଂରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ପୂର୍ବକ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷୀ ଓ ୧୬ ଦଲିଲ୍ ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏପିପି ପ୍ରଶାନ୍ତ କୁମାର ନନ୍ଦ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ବାସୁଦେବପୁରରେ ଉନ୍ନୟନ ଓ ଯୋଜନାମୂଳକ କାର୍ଯ୍ୟକ୍ରମର ସମୀକ୍ଷା




ଭଦ୍ରକ, ୨୦/୫ (ନି.ପ୍ର): ବାସୁଦେବପୁର ବିଧାନ ସଭା ଉନ୍ନୟନ କମିଟି ବୈଠକ ବାସୁଦେବପୁର ବିଧାୟକ ତଥା ଇଉଡଉ ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି ଓ ପ୍ରଶାସନିକ ସମନ୍ୱୟ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସଭାରେ ତିହିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଅବନ୍ତି ଦାସ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ପ୍ରହ୍ଲାଦ ରଣା, ବ୍ଲକ ଉନ୍ନୟନ ଅଧିକାରୀ ,ବାସୁଦେବପୁର ଶ୍ରୀମତୀ ତନ୍ମିତା କର, ବ୍ଲକ ଉନ୍ନୟନ ଅଧିକାରୀ ,ତିହିଡ଼ି ଶ୍ରୀ ନିରଞ୍ଜନ ବାରିକ ଏବଂ ବାସୁଦେବପୁର ତହସିଲଦାର ଶ୍ରୀ ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ସୁଚାରୁ ଭାବେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବିଭାଗକୁ ବକେୟା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ସହ ଉନ୍ନୟନ କାର୍ଯ୍ୟରେ ଅଧିକ ତ୍ୱରାନ୍ୱିତତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ବିଶେଷକରି ଆର ଆଣ୍ଡ ବି ବିଭାଗ, ଶିକ୍ଷା ଓ ପାନୀୟଜଳ ବିଭାଗ, ଡ୍ରେନେଜ ଓ ଇଲେକ୍ଟ୍ରିକାଲ ବିଭାଗକୁ ବକେୟା କାମଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ , ଭଦ୍ରକର ଆର୍ଥିକ ବିଶେଷଜ୍ଞ ଡ଼ଃ ଭଗବାନ ବାରିକ, ଝରଓ ଶ୍ରୀ ଭୋଳାନାଥ ରାଉଳ ଓ ଶ୍ରୀ ହରିହର ଗୁଇନ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଆ ସିନେମା 'ଅନନ୍ତା' ହାତେଇ ନେଲା ସମସ୍ତ ମୁଖ୍ୟ ଆୱାର୍ଡ




ଭୁବନେଶ୍ୱର, ୨୦/୫ (ନି.ପ୍ର): ନିକଟରେ ଅନୁଷ୍ଠିତ ଅଠାବନତମ ବାଣୀଚିତ୍ର ଅୱାର୍ଡରେ ଓଡ଼ିଆ ସିନେମା 'ଅନନ୍ତା' ବାଜିମାତ କରିଛି। ଏହି ସିନେମାଟି ପାଖାପାଖି ସମସ୍ତ ମୁଖ୍ୟ ଅୱାର୍ଡକୁ ନିଜ ନାମରେ କରିନେଇଛି। ବିଶେଷ ଭାବରେ, ଅନନ୍ତା ଚରିତ୍ରରେ ଅଭିନୟ କରିଥିବା ସବ୍ୟସାଚୀ ମିଶ୍ର ଶ୍ରେଷ୍ଠ ଅଭିନେତା, ସିନେମାର ନିର୍ଦ୍ଦେଶକ ସବ୍ୟସାଚି ମହାପାତ୍ର ଓ କୁମାର ସି ଦେବ ଶ୍ରେଷ୍ଠ ନିର୍ଦ୍ଦେଶକ, ଏବଂ 'ଆମରା ମ୍ୟୁଜିକ', 'ସବ୍ୟସାଚୀ ଫିଲ୍ମସ୍' ଓ 'ଶିବାନ୍ସ ଫିଲ୍ମସ୍' ମିଳିତ ଭାବରେ ଶ୍ରେଷ୍ଠ ସିନେମାର ଅୱାର୍ଡ ହାସଲ କରିଛନ୍ତି। ଏହି ଅୱାର୍ଡଟିକୁ ପ୍ରଯୋଜନା ସଂସ୍ଥା ତରଫରୁ ସୁରଜ ମହନତ ଗ୍ରହଣ କରିଥିଲେ। ଏହାଛଡ଼ା, ସିନେମାରେ ମା (ଦେବକୀ ଗଉଡୁଣୀ) ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ଲେଖାକ ନିର୍ମଳ ନାୟକଙ୍କୁ ଶ୍ରେଷ୍ଠ ଲିରିସିଷ୍ଟ ର ଅୱାର୍ଡରେ ସମ୍ମାନିତ କରାଯାଇଛି। ଏହି ସଫଳତା ଅନନ୍ତା ଟିମ୍ ପାଇଁ ଏକ ବହୁତ ଖୁସି ଓ ଆନନ୍ଦର ଲହରି ନେଇଆସିଛି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ଏକ ଓଡ଼ିଆ କ୍ଲାସିକକୁ ନେଇ କମର୍ଶିୟାଲ ଫିଲ୍ମ କରିବାର ରିସ୍କ ନେବା ପରେ, ଏହାକୁ ଦର୍ଶକଙ୍କର ଆଦୃତି ସହ କମର୍ଶିୟାଲ ସଫଳତା ପାଇଲା ପରେ, ଜୁରି ଏବଂ କ୍ରିଟିକମାନଙ୍କର ପସନ୍ଦ ଅନୁସାରେ ଶ୍ରେଷ୍ଠ ଅୱାର୍ଡ ମିଳିବା, ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି ପାଇଁ ଏକ ଶୁଭ ସଂକେତ। ଇଣ୍ଡଷ୍ଟ୍ରିରେ ଏବେ ଚର୍ଚ୍ଚା ହେଉଛି ଯେ ଏହି ସଫଳତା ଆଗାମୀ ଦିନରେ ଅନେକ କ୍ଲାସିକକୁ କମର୍ଶିୟାଲ ରୂପ ଦେବା ପାଇଁ ନୂଆ ପିଢ଼ିର ସିନେମାକାର ଓ ନିର୍ମାତା ମାନଙ୍କୁ ବହୁତ ପ୍ରେରଣା ଯୋଗାଇବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ହର୍ମୁଜ ପ୍ରଣାଳୀରେ ...

ଦୁଇ ଜଣ ଉଚ୍ଚପଦସ୍ଥ ଆମେରିକୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶିଖର ସମ୍ମିଳନୀ ସ୍ଥଗିତ ରଖିବା ନେଇ ଘୋଷଣା କରିବା ପରେ ଗତ ସୋମବାର ସନ୍ଧ୍ୟାରେ ନିଜର ଜାତୀୟ ସୁରକ୍ଷା ଦଳ ଓ ଉଚ୍ଚ ସାମରିକ ଅଧିକାରୀମାନଙ୍କ ସହ ଏକ ଗୁପ୍ତ ବୈଠକ କରିଛନ୍ତି। ଏହି ବୈଠକରେ ଇରାନ ବିରୁଦ୍ଧରେ ସମ୍ଭାବ୍ୟ ସାମରିକ ବିକଳ୍ପ ଏବଂ ଆକ୍ରମଣାତ୍ମକ ରଣନୀତି ଉପରେ ଏକ ବିସ୍ତୃତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ ମତରେ, ଟ୍ରମ୍ପ ପ୍ରଶାସନ ବାହାରକୁ ଏକ ବଡ଼ ଯୁଦ୍ଧ ଏଡ଼ାଇବାର ବାର୍ତ୍ତା ଦେଉଥିଲେ ମଧ୍ୟ ଭିତରେ ଭିତରେ ସାମରିକ ଓ ଆର୍ଥିକ ଉଭୟ ମୋର୍ଚ୍ଚାରେ ଇରାନ ଉପରେ ପ୍ରବଳ ଚାପ ବଜାୟ ରଖିବାକୁ ଚାହୁଁଛି। ଯଦି ସମୁଦ୍ର ପଥରେ ଏହି ଅବରୋଧ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଏହା କେବଳ ପଶ୍ଚିମ ଏସିଆ ନୁହେଁ, ବରଂ ସମଗ୍ର ବିଶ୍ୱର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ରହିଛି।

## ୧୦ଟି ପ୍ରସ୍ତାବକୁ ...

ରଖି ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟଗୁଡ଼ିକରେ କୋର୍ଟ ମ୍ୟାନେଜରଙ୍କ ସେବାକୁ ନିୟମିତୀକରଣ ପାଇଁ ଏକ ନୂତନ ନିୟମାବଳୀ ପ୍ରଣୟନ କରିବାକୁ ନିଷ୍ପତ୍ତି ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରସ୍ତାବକୁ ବିଚାର କରି କ୍ୟାବିନେଟ୍ 'ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯' କୁ ରଦ୍ଦ କରିବା ପାଇଁ 'ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ରିପିଲ୍, ୨୦୨୬' ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ମତ୍ସ୍ୟଜୀବୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ/ କ୍ୟୁଆର କୋଡ୍ ଯୁକ୍ତ ଆଧାର ପରିଚୟପତ୍ର ଏବଂ ଉନ୍ନତ ବୀମା କଭରେଜ୍ ବ୍ୟବସ୍ଥା କରାଯାଇଛି। ଏହି ଆଇନ ଲାଗୁ ହେଲେ ବେଆଇନ, ଅଣରିପୋର୍ଟ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପକୁ ରୋକାଯାଇପାରିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ହାଇସ୍ପିଡ ଡିଜେଲର ବିକ୍ରୟ ଓ ବିତରଣକୁ ନିୟନ୍ତ୍ରଣ କରିବା ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ୧୯୫୫ ଅନୁଯାୟୀ, ରାଜ୍ୟ ସରକାର ପୂର୍ବରୁ 'ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯' ଲାଗୁ କରିଥିଲେ। ଏବେ ବ୍ୟବସାୟିକ କାରବାରକୁ ସହଜ କରିବା ଓ ଏହାର କାର୍ଯ୍ୟ ପ୍ରଣାଳୀର ବିଳମ୍ବତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ, କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ଖୁଚୁରା ବିକ୍ରୟ ପାଇଁ ଥିବା ଲାଇସେନ୍ସ ବ୍ୟବସ୍ଥାକୁ ରଦ୍ଦ କରିବାକୁ ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଏହି ଅନୁଯାୟୀ ରାଜ୍ୟ କ୍ୟାବିନେଟ୍ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ରିଟେଲ ଆଉଟଲେଟ୍ ସ୍ଥାପନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଠାରୁ ଏନ୍‌ଓସି ଆଣିବାକୁ ପଡ଼ିବନି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରି ନୂତନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଅଧିନିୟମ,୨୦୨୬ ପ୍ରଣୟନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ପୁରୁଣା ଆଇନରେ ସାମୁଦ୍ରିକ ସମ୍ପଦର ସଂରକ୍ଷଣ, ମତ୍ସ୍ୟଜୀବୀଙ୍କ ସୁରକ୍ଷା, ଉପକୂଳ ନିରାପତ୍ତା, ବୈଷୟିକ ପ୍ରଗତି, ବିଦେଶୀ ମାଛଧରା ଡଙ୍ଗାର ଅନଧିକୃତ ପ୍ରବେଶ ରୋକିବା ଭଳି ପର୍ଯ୍ୟାପ୍ତ ସୁବିଧା ନଥିଲା। ଏହି ନୂତନ ଆଇନରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟର ସୁରକ୍ଷା, ତଟୀୟ ଓ ଜାତୀୟ ନିରାପତ୍ତାକୁ ଉଚ୍ଚପ୍ରାଥମିକତା ଦିଆଯାଇଛି। ଆଇନରେ ଟ୍ରାନ୍ସପଣ୍ଡର, ଭିଏଚ୍‌ଏଫ୍ ରେଡିଓ ଏବଂ ଭେସେଲ୍ ଟ୍ରାକିଂ ଆଣ୍ଡ ମନିଟରିଂ ସିଷ୍ଟମ (ଭିଟିଏମ୍‌ଏସ୍) ସମେତ ଆଧୁନିକ ନିରାପତ୍ତା ଉପକରଣ ଏବଂ ଯୋଗାଯୋଗ ଜ୍ଞାନକୌଶଳର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ମତ୍ସ୍ୟଜୀବୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ/ କ୍ୟୁଆର କୋଡ୍ ଯୁକ୍ତ ଆଧାର ପରିଚୟପତ୍ର ଏବଂ ଉନ୍ନତ ବୀମା କଭରେଜ୍ ବ୍ୟବସ୍ଥା କରାଯାଇଛି। ଏହି ଆଇନ ଲାଗୁ ହେଲେ ବେଆଇନ, ଅଣରିପୋର୍ଟ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପକୁ ରୋକାଯାଇପାରିବ ବୋଲି କୁହାଯାଇଛି।ଏହି ନୂତନ ଆଇନ ବଳରେ ୨୦୩୬ ସୁଦ୍ଧା ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ ସମ୍ପ୍ରସାରିତ କରି ୨୫ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

## ୯୭ ପ୍ଲଟ୍, ୫ କୋଠା,...

ଏହା ବ୍ୟତୀତ ସେ ୧୦ ଲକ୍ଷ ୭୨ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୧୯ ଲକ୍ଷ ୭୮ ହଜାର ଟଙ୍କାର ନଗଦ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଠାବ କରାଯାଇଛି। ସେହିଭଳି ତାଙ୍କର ଗୋଟିଏ ହୁଣ୍ଡାଇ କ୍ରେଟା କାର ଅଛି। ପଚରାଉଚରା ବେଳେ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଏତେ ପରିମାଣରେ ସଂପତ୍ତି କିପରି ଠୁଳ କଲେ, ତା'ର କିଛି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡ଼ା ସେକ୍ସନରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହାକରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି।

## ପ୍ରକାଶ ପାଇଲା ଯୁକ୍ତ...

୫ ହଜାର ୧୦୧ ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୯୬.୬୩% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ କୋରାପୁଟରେ ସର୍ବନିମ୍ନ ୭୭.୧୪% ପାସ୍ କରିଛନ୍ତି। ଚଳିତ ବର୍ଷ ଧନ୍ଦାମୂଳକ ଶିକ୍ଷା ପାସ୍ ହାର ୭୭.୮୨% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୭୧.୪୯% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୩.୪୫ % ରହିଛି। ଧନ୍ଦାମୂଳକ ଶିକ୍ଷାରେ ୯୩୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୨୨୪୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୨୫୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ୧୦୦% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ସର୍ବନିମ୍ନ ୫୫.୨୨% ପିଲା ପାସ୍ କରିଛନ୍ତି। ମୋଟ ଉପରେ ଚଳିତ ବର୍ଷ ଯୁକ୍ତ ୨ରେ ପାସ୍ ହାର ୮୫.୮୫% ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୩ ଲକ୍ଷ ୯୮ହଜାର ୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପାସ୍ କରିଛନ୍ତି ୩ ଲକ୍ଷ ୮୧ ହଜାର ୭୮୧ ପରୀକ୍ଷାର୍ଥୀ। ଚଳିତ ବର୍ଷ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ଛାତ୍ରଛାତ୍ରୀ। ରେଜଲ୍ଟ ପ୍ରକାଶ ପରେ ଘୋଷଣା କଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କୌଣସି ଗୋଟିଏ ବିଷୟରେ ଇମ୍ପ୍ରୁଭମେଣ୍ଟ ପାଇଁ ଦିଆଯିବ ସୁଯୋଗ। କିନ୍ତୁ ପରୀକ୍ଷାର୍ଥୀ ପାସ୍ କରିଥିବା ଆବଶ୍ୟକ। ଜୁଲାଇ ପ୍ରଥମ ସପ୍ତାହରେ ହେବ ଇମ୍ପ୍ରୁଭମେଣ୍ଟ ପରୀକ୍ଷା। ସୂଚନାଯୋଗ୍ୟ, ଚଳିତ ଥର ଫେବୃଆରୀ ୧୮ରୁ ମାର୍ଚ୍ଚ ୨୮ ତାରିଖ ଯାଏ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ଦେଶରେ ଅର୍ଥନୈତିକ...

ତାଙ୍କ ସଂସଦୀୟ କ୍ଷେତ୍ର ରାୟବରେଲିରେ ଏକ 'ବହୁଜନ ସ୍ୱାଭିମାନ ସଭା'''କୁ ସମ୍ବୋଧିତ କରିବା ସମୟରେ ରାହୁଲ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଇନ୍ଧନ ବ୍ୟବହାର ହ୍ରାସ କରିବା, ସୁନା କ୍ରୟ ସୀମିତ କରିବା ଓ ବିଦେଶ ଯାତ୍ରା ଏଡାଇବା ପାଇଁ କରାଯାଇଥିବା ନିବେଦନକୁ ଉଲ୍ଲେଖ କରି ଦାବି କରିଛନ୍ତି ଯେ, ଏହା ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟରେ ସମ୍ଭାବ୍ୟ ବୃଦ୍ଧି ଆଡ଼କୁ ଇଙ୍ଗିତ କରୁଛି। 'ଆଗାମୀ ମାସଗୁଡ଼ିକରେ ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ବୃଦ୍ଧି ପାଇବ। ପେଟ୍ରୋଲ, ଡିଜେଲ, ଗ୍ୟାସ୍, ଖାଦ୍ୟଶସ୍ୟ, ସବୁକିଛିର ମୂଲ୍ୟ ବୃଦ୍ଧି ପାଇବ' ସେ କହିଛନ୍ତି।

## ଶୁଭେନ୍ଦୁ ଅଧିକାରୀଙ୍କ...

ଅଦାଲତରେ ହାଜର କରିଥିଲା, ଯେଉଁଠାରୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡ ହାସଲ କରିବା ପରେ ତାଙ୍କୁ ଅଧିକ ପଚରାଉଚରା ପାଇଁ କୋଲକାତା ଅଣାଯାଇଥିଲା। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଗୁଇନ୍ଦା ସୂଚନା ଏବଂ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ରିଜର୍ଭ ପୋଲିସ୍ ଲାଇନ୍ସ ଅଞ୍ଚଳରୁ ଅଟକ ରଖାଯାଇଛି। କ୍ୟାଣ୍ଟନମେଂଟ ପୋଲିସ ଷ୍ଟେସନରେ ଏକ ମାମଲା ଦାୟର କରିବା ଏବଂ ଡାକ୍ତରୀ ପରୀକ୍ଷା ସମେତ ଏଜେନ୍ସି ଗିରଫ ସହିତ ଜଡିତ ସମସ୍ତ ଆଇନଗତ ପ୍ରକ୍ରିୟା ସମାପ୍ତ କରିଛି। ପରେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରୀୟ ଏଜେନ୍ସି ହତ୍ୟା ଏବଂ ଅପରାଧିକ ଷଡଯନ୍ତ୍ର ସମେତ ଅନେକ ଧାରାରେ ମାମଲା ରୁଜୁ କରିଛି। ପୂର୍ବରୁ ଅଭିଯୁକ୍ତ ମୟଙ୍କ ରାଜ ମିଶ୍ର ଏବଂ ଭିକି ମୌର୍ଯ୍ୟ (ବକ୍ସର, ବିହାର) ଏବଂ ରାଜ ସିଂହ (ବାଲିଆ, ଉତ୍ତର ପ୍ରଦେଶ) ଙ୍କୁ ଗିରଫ କରାଯାଇଥିଲା। ତଦନ୍ତକାରୀ ସଂସ୍ଥାର ଅଧିକାରୀ ମାନଙ୍କ କହିବା ଅନୁଯାୟୀ ସେମାନେ ସମସ୍ତେ ସୁପାରୀ ହତ୍ୟାକାରୀ ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ସି. ବି. ଆଇ. ଅନ୍ୟ ଜଣେ ଅଭିଯୁକ୍ତ ରାଜ କୁମାର ସିଂହଙ୍କୁ ମୁଜାଫରନଗରରୁ ଗିରଫ କରିଥିଲା। ତାଙ୍କ ପରିବାର ଦାବି କରିଛନ୍ତି ଯେ ତାଙ୍କ ସହ-ଅଭିଯୁକ୍ତଙ୍କ ସହ କୌଣସି ଅପରାଧିକ କାର୍ଯ୍ୟକଳାପ କିମ୍ବା ସମ୍ପର୍କ ବିଷୟରେ ସେମାନେ ଅବଗତ ନୁହଁନ୍ତି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଶିଷ୍ଟ ଗାଳ୍ପିକ ସୁଦର୍ଶନ ସାମଲଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାସୁଦେବପୁର, ୨୦/୫ (ନି.ପ୍ର): ବାସୁଦେବପୁର ମିରାକଲ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ବିଶିଷ୍ଟ ଗାଳ୍ପିକ ଓ କ୍ରୀଡ଼ାବିତ୍ ସୁଦର୍ଶନ ସାମଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ସଭାରେ କବି ଡକ୍ଟର ବସନ୍ତ କୁମାର ଦାସ,ଅଧ୍ୟାପକ ବସନ୍ତ ଦାସ, ଶିକ୍ଷାବିତ୍ ମାଧବ ଚନ୍ଦ୍ର ପୁହାଣ, ବରିଷ୍ଠ ସାମ୍ବାଦିକ ଓ ସମାଜ ସେବୀ କିଶୋର କୁମାର ମହାପାତ୍ର, କବି ରତ୍ନାକର ପଣ୍ଡା, ବାଇ ଚଢ଼େଇର ସମ୍ପାଦକ କବି ବିକାଶ କୁମାର ଶତପଥୀ, କବି ରତ୍ନାକର ବାରିକ୍, କବି ସ୍ନିଗ୍ଧା ମହାନ୍ତି, କବି ପ୍ରହ୍ଲାଦ ବାରିକ୍, ଶିଳ୍ପପତି ମହେଶ ଚନ୍ଦ୍ର ଦାସ,କବି ସୁଧାଂଶୁ ଶେଖର ମିଶ୍ର, କବି ନିର୍ମଳ ମିଶ୍ର, କବି ନିରଞ୍ଜନ ସେଠୀ, କବି ଭାଗୀରଥି ପଲାଇ, କବି କୈଳାସ ଚନ୍ଦ୍ର ନାଥ, କବି ପ୍ରତାପ ଡାଙ୍ଗୁଆ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଶିଷ୍ଟ ସାହିତ୍ୟିକ ସୁଦର୍ଶନ ସାମଲଙ୍କ ସାହିତ୍ୟ ଜୀବନ, କ୍ରୀଡା ଜୀବନ ଓ ସାମାଜିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତେ ସୁଦର୍ଶନ ସାମଲଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ ସାହିତ୍ୟିକ ସୁଦର୍ଶନ ସାମଲଙ୍କ ଗଳ୍ପ ପୁସ୍ତକ ଓଡ଼ିଆ ସାହିତ୍ୟ ଜଗତରେ ଖୁବ୍ ଉଚ୍ଚ ପ୍ରଶଂସିତ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।




# ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ଜିଲ୍ଲାପାଳଙ୍କ ବୈଠକ



ବାରିପଦା, ୨୦/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର)-୨୦୨୬ କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟାନ୍ୱୟନ କରିବା ନେଇ ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଏକ ବିସ୍ତୃତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ, ୦୧ ଜୁଲାଇ ୨୦୨୬କୁ ଏସ୍.ଆଇ.ଆର ପାଇଁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ୨୦ ମଇରୁ ୨୯ ମଇ ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ୩୦ ମଇରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରଙ୍କ ପରିଦର୍ଶନ କରିବା ସହ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ । ଏହାସହ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ପୁନର୍ବିନ୍ୟାସ କାର୍ଯ୍ୟ ସମ୍ପନ୍ନ ହେବାକୁ ଥିବାବେଳେ, ୦୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ୦୫ ଜୁଲାଇରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ ଏବଂ ୦୫ ଜୁଲାଇରୁ ୦୨ ସେପ୍ଟେମ୍ବର ପର୍ଯ୍ୟନ୍ତ ସେଗୁଡିକର ସମାଧାନ ପ୍ରକ୍ରିୟା ଚାଲିବ । ଶେଷରେ ୦୬ ସେପ୍ଟେମ୍ବର ୨୦୨୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ବୈଠକରେ ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ମୋଟ ୧୪୨୧ ଜଣ ବିଏଲଏ ମନୋନୀତ ହୋଇଥିବା ସୂଚନା ମଧ୍ୟ ଦିଆଯାଇଥିଲା । ସେହିପରି ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଅଧିକାଂଶ ଭୋଟରଙ୍କ ମ୍ୟାପିଙ୍ଗ ଓ ବର୍ଗୀକରଣ କାର୍ଯ୍ୟ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ସମ୍ପାଦିତ ହୋଇସାରିଥିବା ବେଳେ, ଏହି ସମଗ୍ର ପ୍ରକ୍ରିୟାକୁ ସମାବେଶୀ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରିଥିଲେ ଜିଲ୍ଲାପାଳ । ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ପୂର୍ବମୁଦ୍ରିତ ପରିଗଣନା ଫର୍ମ ପ୍ରଦାନ କରାଯିବ । ପୂରଣ ହୋଇଥିବା ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଅନ୍ୟ ନକଲଟି ଦସ୍ତଖତ ସହ ରସିଦ ଭାବେ ଭୋଟରଙ୍କୁ ଫେରସ୍ତ କରାଯିବ । ଭୋଟରମାନେ ଚାହିଁଲେ ନିର୍ବାଚନ ଆୟୋଗଙ୍କ ସରକାରୀ ପୋର୍ଟାଲରୁ ଫର୍ମ ଡାଉନଲୋଡ୍ କରି ଅନଲାଇନ୍‌ରେ ମଧ୍ୟ ଅପଲୋଡ୍ କରିପାରିବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ଅତିରିକ୍ତ ଉପଜିଲ୍ଲାପାଳ ରାଖାଲ ଚନ୍ଦ୍ର ପରିଡ଼ା, ଡେପୁଟି କଲେକ୍ଟର କ୍ରିସେନସିଆ ତିର୍କୀ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଜିଲ୍ଲାର ବିକାଶ ଓ ସରକାରୀ ଯୋଜନା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଭଦ୍ରକ, ୨୦/୫ (ନି.ପ୍ର): ବାସୁଦେବପୁର ବିଧାନ ସଭା ଉନ୍ନୟନ କମିଟି ବୈଠକ ବାସୁଦେବପୁର ବିଧାୟକ ତଥା ଇଉଉଉ ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି ଓ ପ୍ରଶାସନିକ ସମନ୍ୱୟ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ସଭାରେ ତିହିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଅବନ୍ତି ଦାସ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ପ୍ରହ୍ଲାଦ ରଣା, ବ୍ଲକ ଉନ୍ନୟନ ଅଧିକାରୀ ,ବାସୁଦେବପୁର ଶ୍ରୀମତୀ ତନ୍ମିତା କର, ବ୍ଲକ ଉନ୍ନୟନ ଅଧିକାରୀ , ତିହିଡ଼ି ଶ୍ରୀ ନିରଞ୍ଜନ ବାରିକ ଏବଂ ବାସୁଦେବପୁର ତହସିଲଦାର ଶ୍ରୀ ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ ।ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ସୁଚାରୁ ଭାବେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବିଭାଗକୁ ବକେୟା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ସହ ଉନ୍ନୟନ କାର୍ଯ୍ୟରେ ଅଧିକ ତ୍ୱରାନ୍ୱିତତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ବିଶେଷକରି ଆର ଆଣ୍ଡ ବି ବିଭାଗ, ଶିକ୍ଷା ଓ ପାନୀୟଜଳ ବିଭାଗ, ଡ୍ରେନେଜ ଓ ଇଲେକ୍ଟ୍ରିକାଲ ବିଭାଗକୁ ବକେୟା କାମଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ , ଭଦ୍ରକର ଆର୍ଥିକ ବିଶେଷଜ୍ଞ ଡ଼ଃ ଭଗବାନ ବାରିକ, ଝରଓ ଶ୍ରୀ ଭୋଳାନାଥ ରାଉଳ ଓ ଶ୍ରୀ ହରିହର ଗୁଇନ ସଭା ପରିଚାଳନାରେ ସହଯୋଗ କରିଥିଲେ ।

## ବାପା ମାଆଙ୍କ କଳିରେ ଦେଢ଼ ବର୍ଷର ଶିଶୁକନ୍ୟା ମୃତ

ବସ୍ତା,୨୦/୫(ନିପ୍ର):ବାପା-ମାଆଙ୍କ କଳିରେ ଜୀବନ ଗଲା ଦେଢ଼ ବର୍ଷର ଶିଶୁ କନ୍ୟାର। ପୋଲିସ ବାପା ମାଆଙ୍କୁ ଥାନାରେ ଅଟକ ରଖିଛି।ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ରୂପସା ଥାନା ଗଡପଦା କେନ୍ଦୁଡାଙ୍ଗରି ଗାଁରେ। ଧିରେନ ସିଂ ଓ ଦେବୀ ସିଂ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ। ଏ ସଂପର୍କରେ ଥାନାରେ ଏକ ମାମଲା ରୁଜୁ କରି ଶିଶୁ କନ୍ୟାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦିନ ଦୁଇଟା ସମୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଫେଲୋସିପ୍ ଦ୍ୱାରା ଆୟୋଜିତ ୧୫ ଦିନିଆ ଇଣ୍ଟରସିପ୍ କାର୍ଯ୍ୟକ୍ରମ

ଭଦ୍ରକ , ୨୦/୫ (ନି.ପ୍ର): ନବମ ଓ ଦଶମ ଦିବସରେ ଭଦ୍ରକ ଫେଲୋସିପ୍ ଗୃହରେ ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ଇଣ୍ଟରସିପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ କାର୍ଯ୍ୟ ଓ ସେବା ପ୍ରଦାନ ସହିତ ଉତ୍କଳ ଗୌରବ ସ୍ୱାଧିନାତା ସଂଗ୍ରାମୀ ମାନଙ୍କର ଓଡ଼ିଶା ପ୍ରତି ଅବଦାନ ଏବଂ ପରିବାର ପରାମର୍ଶ କେନ୍ଦ୍ର କାର୍ଯ୍ୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା




ପ୍ରଫେସର ଝରଣା ପଟ୍ଟନାୟକ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ବରିଷ୍ଠ ଆଇନ୍‌ଜିବୀ ଡ଼. ତାପସ କୁମାର ମହାନ୍ତି, ଓ୍ୱାନ୍‌ଷ୍ଟପ୍ ସେଣ୍ଟର ପରିଚାଳିକା ପୁଷ୍ପାଞ୍ଜଳି ବେହେରା, ଶକ୍ତି ସଦନର ପରିଚାଳିକା ଯୋଗମାୟା ଚାନ୍ଦ ଏବଂ ଏଫ୍.ସି.ସି. (ଫେମିଲି କାଉନ୍‌ସିଲେଙ୍ଗ ସେଣ୍ଟର)ର ପରାମର୍ଶଦାତ୍ରୀ ପ୍ରିୟଙ୍କା ଜେନା ପ୍ରମୁଖ ଯୋଗଦାନ କରି ସେମାନଙ୍କର ସୁଚିନ୍ତିତ ମତାମତ ବିଷୟ ଭିତ୍ତିକ ଉପରେ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ମେନେଜର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# +୨ ବିଜ୍ଞାନ ଓ କଳାରେ "ସାଇ ସାଧନା"ର ଅପୂର୍ବ ସଫଳତା

ଉଦଳା, ୨୦/୫ (ନି.ପ୍ର): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିଜ୍ଞାନ ଓ କଳା ବିଭାଗରେ ମୟୂରଭଞ୍ଜସ୍ଥ ଉଦଳାର କିମ୍ବଦନ୍ତୀ ଶିକ୍ଷାନୁଷ୍ଠାନ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ସତ୍ୟଜିତ୍ ହାତି ୫୫୫ ନମ୍ବର ରଖି ଅନୁଷ୍ଠାନର ବିଜୟ ଧାରାକୁ ଅବ୍ୟାହତ ରଖିଛନ୍ତି । ସେହିପରି ତନୁଶ୍ରୀ ସେଠୀ ୫୪୪, ସୁଭେନ୍ଦୁ ବେହେରା (୫୨୩), ନମିତା ଖଟୁଆ (୫୧୮), ବିଶ୍ୱଜିତ୍ ସେନାପତି (୫୧୦), ବୈଶାଖୀ ବିନ୍ଧାଣୀ (୫୦୪), ରାଜଶ୍ରୀ ବାରିକ୍ (୪୮୮), ଚିତ୍ତରଞ୍ଜନ ବେହେରା (୪୮୨), ନିର୍ଲିପ୍ତ ବିଶ୍ୱାଳ (୪୮୧), ଅନୁପମା ବେହେରା (୪୬୯) ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତି ସ୍ଥାପନ କରିଛନ୍ତି । ସେହିପରି କଳା ବିଭାଗରେ ସୌମ୍ୟରଞ୍ଜ ବାରିକ୍ (୪୧୩) ଓ ରମେଶ ଦିଗ୍ (୪୧୨୬ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ନୂତନ ପୃଷ୍ଠା ଯୋଡ଼ିଛନ୍ତି । ଏଠାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମ୍ୟାଟ୍ରିକ୍ ପରୀକ୍ଷା ନମ୍ବର ଠାରୁ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ପ୍ରକାଶ ଥାଉକି ଏହି ମହାବିଦ୍ୟାଳୟର +୨ ବିଜ୍ଞାନ ଓ କଳା ବିଭାଗର ସମସ୍ତ ଛାତ୍ରଛାତ୍ରୀ ଶତପ୍ରତି ଶତ ହାରରେ ଉତ୍ତୀର୍ଣ୍ଣ ହୋଇ ଆଜି ଏହି ସଫଳତାର ଶୀର୍ଷ ସ୍ଥାନରେ ପହଂଚି ପାରିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା 'ସାଇ ସାଧନା'ର ଶାନ୍ତ ଓ ମନୋମୁଗ୍ଧକର ପରିବେଶ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଚେତନାର ବିକାଶରେ ସହାୟକ ହୋଇଥାଏ ବୋଲି ଅଭିଭାବକ ମହଲରେ ବେଶ ଆଲୋଚନା ହେଉଛି । ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କୁମାର ବିନ୍ଧାଣୀ, କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ପରିଛା, ଅଧକ୍ଷ ପ୍ରିୟବ୍ରତ ବେହେରା, ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ ଏବଂ ଅଧ୍ୟାପକ, ଅଧ୍ୟାପିକାମାନେ ଛାତଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଆନ୍ତରିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭାଷିଶ ପ୍ରଦାନ ପୂର୍ବକ ସେମାନଙ୍କର ଉଜ୍ଜ୍ୱଳ ତଥା ନିରାମୟ ଜୀବନ ପାଇଁ ଭଗବାନ ସତ୍ୟସାଇ ବାବାଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଆଗାମୀ ଦିନରେ ନିଷ୍ଠାପର ସହିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଭୋଟର ତାଲିକା ତୀବ୍ର ସଂଶୋଧନ ଜନିତ ପ୍ରଶାସନ ଓ ରାଜନୈତିକ ଦଳ ବୈଠକ

ଖୋର୍ଦ୍ଧା, ୧୯/୫ (ନି.ପ୍ର): ଗତ କାଲି ସ୍ୱତନ୍ତ୍ର ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷ ଭୁବନେଶ୍ୱର ଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଏବଂ ଜିଲ୍ଲା ପ୍ରଶାସନ ମିଳିତ ବୈଠକ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର, ବେଉରା ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱର ଶ୍ରୀ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଡେପୁଟି କଲେକ୍ଟର ରଞ୍ଜନ କୁମାର ମହାନ୍ତି, ସଂଗ୍ରାମ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିବା ବେଳେ ରାଜନୈତିକ ଦଳ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ର ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟ ପଟ୍ଟନାୟକ, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, ଭାରତୀୟ ଜନତା ପାଟି ଖୋର୍ଦ୍ଧା ଜିଲ୍ଲା ଉପ ସଭାପତି ନରେନ୍ଦ୍ର ବଡ଼ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭାରତର ନିର୍ବାଚନ କମିଶନ ତା ୦୧,୦୭,୨୦୨୬ କୁ ନୂତନ ଭୋଟର ମାନଙ୍କ ନିମନ୍ତେ ଯୋଗ୍ୟତା ତାରିଖ ରଖିଛନ୍ତି। ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କେହି ହେଲେ ଜଣେ ଯୋଗ୍ୟ ଭୋଟର , ଯେପରି ତାଲିକାରୁ ବାଦ ନ ପଡନ୍ତୁ ଏବଂ କେହି ହେଲେ ଜଣେ ଅଯୋଗ୍ୟ ଭୋଟର, ତାଲିକାରେ ନ ରୁହନ୍ତୁ ସଂଶୋଧନର ମୂଳ ଲକ୍ଷ ଅଟେ । ଏହି ସ୍ୱତନ୍ତ୍ର ତୀବ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଜ୍ୟୋଗ୍ୟତା ତାରିଖ ୦୧,୦୭ ,୨୦୨୬ ରିଖ ଥିବା ବେଳେ ପ୍ରସ୍ତୁତି, ତାଲିମ ଓ ପ୍ରିଣ୍ଟିଙ୍ଗ ୨୦.୦୫ ,୨୦୨୬ ରୁ ୨୯ ,୦୫ ,୨୦୨୬, ବୁଥ ଲେବଲ ଅଫିସର ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ୩୦,୦୫, ୨୦୨୬ରୁ ୨୮,୦୬,୨୦୨୬ , ମତଦାନ କେନ୍ଦ୍ର ସଙ୍ଗତି କରଣ ପାଇଁ ତା ୨୮.୦୬.୨୦୨୬ ରିଖ, ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୫.୦୬.୨୦୨୬ ରିଖ ,ଆପତ୍ତି ଅଭିଯୋଗ ଗ୍ରହଣ କାରିବା ନିମନ୍ତେ ତା ୦୫ ୦୭ ୨୦୨୬ରୁ ୦୪,୦୮.୨୦୨୬ ରିଖ ପର୍ଯ୍ୟନ୍ତ, ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ୫.୦୭.୨୦୨୬ ରୁ ୦୨.୦୯.୨୦୨୬ ଏବଂ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୬/୦୯/୨୦୨୬ରିଖ ନିର୍ବାଚନ କମିଶନ ପକ୍ଷରୁ ସ୍ଥିର କରାଯାଇଅଛି । ସେହି ପରି ଭୋଟର ତାଲିକାରେ ନାମ ଯୋଗକରିବା ନିମନ୍ତେ ,ନାମ କାଟିବା ନିମନ୍ତେ ଏବଂ ପରିବର୍ତ୍ତନ ନିମନ୍ତେ ନାଗରିକ ମାନେ ଅନଲାଇନ ଇ. ସି .ଆଇ ନେଟ ବ୍ୟବହାର କରିପାରିବେ । ଏହି ସ୍ୱତନ୍ତ୍ର ଭୋଟର ତାଲିକା ତୀବ୍ର ସାଂଶୋଧନ କାଯ୍ୟକୁ ସମସ୍ତ ରାଜନୈତିକ ଦଳ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରି ଖୋର୍ଦ୍ଧା ଜିଲାରେ ଏସ ଆଇ ଆର କାର୍ଯ୍ୟକୁ ତୃଟିଶୁନ୍ୟ କରିବାକୁ ଅଧକ୍ଷ ବୈଠକରେ ରାଜନୈତିକ ନେତୃ ବର୍ଗଙ୍କ ସହାୟତା ଲୋଡ଼ିଥିଲେ ।

# ଜିଲ୍ଲା ସ୍ତରୀୟ ଖରିଫ ଫସଲ ଯୋଜନା କର୍ମଶାଳା ଅନୁଷ୍ଠିତ




ଉଦଳା, ୨୦/୫ (ନି.ପ୍ର): ଜଳବାୟୁ ପରିବର୍ତ୍ତନ ଓ ଅନିଶ୍ଚିତ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୈଜ୍ଞାନିକ ଏବଂ ସହନଶିଳ କୃଷି ପ୍ରଣାଳିକୁ ପ୍ରୋତ୍ସାହନ ଦେବା ଉଦେଶ୍ୟରେ ଚଳିତ ମଇ ୧୯ ତାରିଖ ମଙ୍ଗଳବାର ଦିନ ମୟୂରଭଂଜର ଶାମାଖୁଂଟାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଠକଗୃହ ପରିସରରେ ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ଓ 'ଦୁଲାଲ'ର ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ଖରିଫ ଫସଲ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପି ଚାଲିଥିବା ଏହି କର୍ମଶାଳାରେ କୃଷି ବିଭାଗର ବିଭିନ୍ନ ଅଧିକାରୀ, ବୈଜ୍ଞାନିକ, ବିକାଶମୂଳକ ସଂସ୍ଥାର ପ୍ରତିନିଧି, କୃଷି ଉଦ୍ୟୋଗି, ବିସ୍ତାର କର୍ମୀ ଏବଂ ପ୍ରଗତିଶିଳ କୃଷକ ମାନେ ଯୋଗଦେଇ ଆଗାମି ଖରିଫ ଋତୁ ପାଇଁ ଏକ ସମନ୍ୱିତ କୃଷି ରଣନୀତି ପ୍ରସ୍ତୁତ କରିଛନ୍ତି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଆଜିର ଏହି କର୍ମଶାଳାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାର ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଟଙ୍କଧର କାଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପନିପରିବା ଚାଷ, ଫଳଚାଷ ଓ ପୋଷଣ ବାଟିକାକୁ କେନ୍ଦ୍ରକରି ଉଦ୍ୟାନ କୃଷି ଯୋଜନା ବିଷୟରେ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଂଟାର ମୁଖ୍ୟ ବୈଜ୍ଞାନିକ ଡ଼ଃ. ସଙ୍ଗମିତ୍ରା ପଟନାୟକ ବିଶେଷ ଅତିଥି ଭାବରେ ଯୋଗଦେଇ ଫ୍ଲୋରି କଲଚର, ମହୁମାଛି ପାଳନ ଓ ଅନ୍ୟାନ୍ୟ କୃଷି ଆଧାରିତ ସାର୍ଟିଫିକେଟ କୋର୍ସ ବିଷୟରେ ସୂଚନା ପ୍ରଦାନ କରିଥିଲେ । ବୈଜ୍ଞାନିକ ଡ଼ଃ. ପ୍ଲାବିତା ରାୟ ମୃତିକା ପରୀକ୍ଷା, ସନ୍ତୁଳିତ ସାର ପ୍ରୟୋଗ, ସମନ୍ୱିତ ପୋଷକ ପରିଚାଳନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କୃଷକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଅଧିକାରୀ ମାନେ ପ୍ରଦାନ କରିଥିଲେ । 'ଶୋଭା'ର ସମ୍ପାଦକ ରଂଜନ ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନର କାର୍ଯ୍ୟକ୍ରମ ପ୍ରବନ୍ଧକ ରାଜେନ୍ଦ୍ର ସିଂ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । 'ଶୋଭା'ର ପ୍ରକଳ୍ପ ନିର୍ଦ୍ଦେଶକ ନରେଶ କୁମାର ନାଏକ କର୍ମଶାଳାର ଶେଷ ସ୍ପର୍ଶ ଦେବା ସହ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

## ପଞ୍ଜାବରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ

ଭୁବନେଶ୍ୱର, ୨୦/୫ (ନି.ପ୍ର): ପଞ୍ଜାବରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ଘୋଷଣା କରିଛି ଫିରୋଜପୁର କ୍ୟାଂଟନମେଂଟ ଜଗନ୍ନାଥ ମନ୍ଦିର। ଶ୍ରୀମନ୍ଦିର ପ୍ରଶାସନର ପ୍ରତିବାଦ ପରେ ପଞ୍ଜାବର ଜଗନ୍ନାଥ ମନ୍ଦିର ରଥଯାତ୍ରା ସ୍ଥଗିତ ଘୋଷଣା କରିଛି। ଫିରୋଜପୁର କ୍ୟାଂଟନମେଂଟ ଜଗନ୍ନାଥ ମନ୍ଦିର ମେ ୨୩ରେ ରଥଯାତ୍ରା ପାଇଁ ଆୟୋଜନ କରିଥିଲା। ପୁରୀ ଶ୍ରୀମନ୍ଦିରର ବିରୋଧ ପରେ ଧାର୍ଯ୍ୟ ତିଥି ଜୁଲାଇ ୧୬ରେ ରଥଯାତ୍ରା କରିବା ପାଇଁ ସହମତି ଜଣାଇଛି। ଫିରୋଜପୁର ଜିଲ୍ଲାପାଳ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ୧୮୬୦ ମସିହା ଆଇନରେ ପଞ୍ଜୀକୃତ ସୋସାଇଟିଗୁଡ଼ିକ ନବୀକରଣ ପ୍ରକ୍ରିୟା ସରଳିକରଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟିର ଦାବି

ବାଲେଶ୍ୱର, ୨୦/୫ (ନି.ପ୍ର): ୧୮୬୦ ମସିହା ସୋସାଇଟି ଆଇନରେ ପଞ୍ଜୀକୃତ ହୋଇଥିବା ସଂଗଠନଗୁଡ଼ିକର ନବୀକରଣ ପାଇଁ ରାଜସ୍ୱ ବୋର୍ଡ଼ ପକ୍ଷରୁ ଗତ ମାର୍ଚ୍ଚ ୯ ତାରିଖ ଦିନ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଚଳିତ ମଇମାସ ୨୦ ତାରିଖର ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ସମସ୍ତ ସୋସାଇଟିଗୁଡ଼ିକ ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନବୀକରଣ ପାଇଁ ପଞ୍ଜୀକରଣର ପ୍ରମାଣପତ୍ର, ସଂଘର ତତ୍‌କାଳୀନ ସ୍ମାରକପତ୍ର ଓ ବାଇ-ଲ'ର ସାର୍ଟିଫାଏଡ୍ ନକଲ ଦାଖଲ ପାଇଁ ବିଜ୍ଞାପନରେ ନିର୍ଦ୍ଦେଶ ଦିଆଯାଇଥିଲା। ସଂଘର କର୍ମକର୍ତ୍ତାମାନେ ଜିଲ୍ଲାସ୍ତରରେ ରେଜିଷ୍ଟର ଅଫ୍ ସୋସାଇଟିର ଅଧିକାରୀଙ୍କୁ ଆବେଦନ କଲେ ମଧ୍ୟ ଏହି କାଗଜପତ୍ର ମିଳିପାରୁ ନାହିଁ। ଦୀର୍ଘବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ସୋସାଇଟି ବା ସଂଘଗୁଡ଼ିକର କାଗଜପତ୍ର ଜିଲ୍ଲା ଦପ୍ତରରୁ ମିଳିପାରୁ ନଥିବାରୁ ଏହି ପ୍ରକ୍ରିୟାକୁ ସରଳୀକରଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜସ୍ୱ ବୋର୍ଡ଼ର ସୋସାଇଟି ପଞ୍ଜୀକରଣ ନିବନ୍ଧକଙ୍କୁ ଏକ ଆବେଦନପତ୍ର ପ୍ରଦାନ କରାଯାଇଛି। ଏହି ଆବେଦନ ପତ୍ରରେ ନବୀକରଣ ପ୍ରକ୍ରିୟା ସରଳିକରଣ ସହ ବିନା ଜରିମାନାରେ ଅଧିକ ଛଅମାସ ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସାକ୍ଷାତ କରି ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ କୁମାର ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ୟାମସୁନ୍ଦର ଜେନା ଓ ଶଶାଙ୍କ ଶେଖର ଦତ୍ତ ପ୍ରମୁଖ ଆବେଦନପତ୍ର ପ୍ରଦାନ କରି ପଞ୍ଜୀକୃତ ସଂଗଠନର କର୍ମକର୍ତ୍ତାମାନେ ନବୀକରଣ ପାଇଁ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପସ୍ଥାପିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂହ ଏ ସଂପର୍କରେ ରାଜସ୍ୱ ବୋର୍ଡ଼ର ସୋସାଇଟି ପଞ୍ଜୀକରଣ ନିବନ୍ଧକଙ୍କୁ ଜଣାଇବା ପାଇଁ ସହମତି ପ୍ରକାଶ କରିଥିଲେ ବୋଲି ସିଭିଲ୍ ସୋସାଇଟି ପକ୍ଷରୁ କୁହାଯାଇଛି।

## କାଳ ବୈଶାଖୀ ପ୍ରଭାବରେ ବସ୍ତା ଅଞ୍ଚଳ କ୍ଷତିଗ୍ରସ୍ତ

ବସ୍ତା, ୨୦/୫ (ନି.ପ୍ର): କାଳ ବୈଶାଖୀ ଝଡରେ ବସ୍ତା ବ୍ଲକ ଅଞ୍ଚଳରେ ବିଶେଷ କ୍ଷୟ କ୍ଷତି ଘଟିଛି ।ସୂଚନାରୁ ପ୍ରକାଶ ଯେ ଗତ କାଲି ରାତିରେ ଅଚାନକ ବର୍ଷା ଓ ଝଡ଼ ଆସି ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗି ଘର ନଷ୍ଟ ହୋଇଥିବା ବେଳେ ରାସ୍ତା ଅବରୋଧ ହୋଇଯାଇଛି ।ଏହି ବ୍ଲକର ଦରଡ଼ା ହାଇସ୍କୁଲ ନିକଟରେ ଏକ ବଡ଼ ଗଛ ଗଡି ଯାଇ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।ସେହିପରି ସାହାଡ଼ା ପଞ୍ଚାୟତର ପହଣା ଗାଁରେ ଗଗନ ମହାଣ।ଳ ଘର ଉପରେ ଗଛ ଭାଙ୍ଗି ପଡି କ୍ଷତି ଘଟିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida